ପୃଷ୍ଠା-୮+୮

DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୩୧/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Thursday, March 31/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ମିକାଙ୍କ ସ୍ୱୟଂବର**

୪୫ ବର୍ଷ ବୟସରେ 'ସ୍ୱୟଂବର-ମିକା ଦି ବୋହଟୀ' ଜରିଆରେ ଜୀବନସାଥୀ ବାଛିବେ ମିକା।

୦୪

୦୮

**ଅମିତ ଅଧିନାୟକ**

ଇଂଲଣ୍ଡ ବିପକ୍ଷ ଏଫ୍ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକି ମ୍ୟାଚ ପାଇଁ ଓଡ଼ିଶାର ଅମିତ ରୋହିଦାସ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି।



# କେଜ୍‌ରିୱାଲଙ୍କ ଘରକୁ ଭାଜପାର ଟାର୍ଗେଟ





(୧)ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗେଟ୍‌ରେ ଭାଜପା କର୍ମୀ ରଙ୍ଗ ବୋଳୁଛନ୍ତି। (୨)କେଜ୍‌ରିୱାଲଙ୍କ ବାସଭବନ ଆଗରେ ଭାଜପା ଯୁବ ମୋର୍ଚ୍ଚା ସଭାପତି ତେଜସ୍ୱୀ ସୂର୍ଯ୍ୟାଙ୍କ ବିକ୍ଷୋଭ।

### ■ ଭାଜପା କେଜ୍‌ରିୱାଲଙ୍କୁ ହତ୍ୟା ପାଇଁ ଚକ୍ରାନ୍ତ କରୁଛି: ଏଏପି

### ■ 'କଶ୍ମୀର ଫାଇଲ୍ସ'କୁ ୟୁଟ୍ୟୁବରେ ଛାଡ଼ିବାକୁ କହିଥିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୩୦।୩**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଘରକୁ ବୁଧବାର ଭାଜପା କର୍ମୀମାନେ ଟାର୍ଗେଟ କରିଥିବା ଅଭିଯୋଗ ହୋଇଛି। ନିକଟରେ ମୁକ୍ତିଲାଭ କରିଥିବା 'ଦ କଶ୍ମୀର ଫାଇଲ୍ସ' ଉପରେ କେଜ୍‌ରିୱାଲଙ୍କ ମନ୍ତବ୍ୟକୁ ନେଇ ଉତ୍ତ୍ୟକ୍ତ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଇ ପୋଲିସ ଉପସ୍ଥିତିରେ ତୁମୁଳକାଣ୍ଡ ଭିଆଇଛନ୍ତି। ଭାଜପା କେଜ୍‌ରିୱାଲଙ୍କୁ ନିର୍ବାଚନରେ ହରାଇ ନ ପାରିବାରୁ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ ଚଳାଇଛି ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ସମାଲୋଚନା କରିଛନ୍ତି। ଦିଲ୍ଲୀ ପୋଲିସ କେତେଜଣ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ବଲିଉଡ୍ ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀଙ୍କ ଫିଲ୍ମ 'ଦ କଶ୍ମୀର ଫାଇଲ୍ସ' ୧୯୯୦ ଦଶକରେ କଶ୍ମୀର ପଣ୍ଡିତଙ୍କ ଉପରେ ନିର୍ଯାତନାର କାହାଣୀକୁ ନେଇ ଗତିଶୀଳ ହୋଇଛି। ଉପତ୍ୟକାରେ ଆତଙ୍କବାଦ ଆରମ୍ଭ ହେବାବେଳେ ☞ପୃଷ୍ଠା-୪

# କୃଷି, ଶିକ୍ଷା, ସ୍ୱାସ୍ଥ୍ୟକୁ ଗୁରୁତ୍ୱ

**୧ ଟଙ୍କାର ଆୟ**




**୧ ଟଙ୍କାର ବ୍ୟୟ**




**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

### ୨ ଲକ୍ଷ କୋଟିର ରାଜ୍ୟ ବଜେଟ

### ■ ଜିଏସ୍‌ଡିପି ଅଭିବୃଦ୍ଧି ୯.୫% ଆକଳନ

### ■ ୪ ମାସ ପାଇଁ ୧ ଲକ୍ଷ ୬ ହଜାର ୪୯୮ କୋଟିର କାମଚଳା ବଜେଟ ବିଧାନସଭାରେ ଆଗତ

ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ୪ ମାସ (ଏପ୍ରିଲରୁ ଜୁଲାଇ) ପାଇଁ ୧ ଲକ୍ଷ ୬ ହଜାର ୪୯୮ କୋଟି ଟଙ୍କାର କାମଚଳା ବଜେଟ ଆଣିଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ଏହି ଆର୍ଥିକ ବର୍ଷ ସକାଶେ ୨ ଲକ୍ଷ କୋଟିର ପୂର୍ଣ୍ଣାଙ୍ଗ ବଜେଟକୁ ବିଧାନସଭାରେ ଉପସ୍ଥାପନ କରିବା ସହ ୪ ମାସିଆ କାମଚଳା ବଜେଟର ଅନୁମୋଦନ ପାଇଁ ପ୍ରସ୍ତାବ ଦେଇଛନ୍ତି। ବଜେଟରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ, ମିଶନ ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଭିତ୍ତିଭୂମି ବିକାଶ, ନିଯୁକ୍ତି, ପୁଞ୍ଜିନିବେଶ ଉପରେ ଫୋକସ୍ କରାଯାଇଛି। ତେବେ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିକୁ ବିପୁଳ ଜନସମର୍ଥନ ମିଳିଥିବାରୁ ଗ୍ରାମାଞ୍ଚଳ ଭିତ୍ତିଭୂମି ଓ ମହିଳା ସଶକ୍ତୀକରଣ ଉପରେ ବଜେଟରେ ଅଧିକ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ଏହି ବଜେଟରେ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୧୬.୬% ଅର୍ଥାତ୍ ଅଧିକ ୩୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିରେ ମୋଟ ୧ ଲକ୍ଷ ୬୫ ହଜାର କୋଟି ବ୍ୟୟ ଆକଳନ କରାଯାଇଥିବାବେଳେ ରାଜସ୍ୱ ପ୍ରାପ୍ତି ☞ପୃଷ୍ଠା-୪

**ବଜେଟ୍ ମୁଖ୍ୟାଂଶ**

- କାର୍ଯ୍ୟକ୍ରମ ଖର୍ଚ୍ଚ ପରିମାଣ ୧ ଲକ୍ଷ କୋଟି ଟଙ୍କା
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବ୍ୟୟ ଅଟକଳ ୨୦,୩୪୪ କୋଟି ଟଙ୍କା
- ଶିକ୍ଷା ଓ ଦକ୍ଷତା କ୍ଷେତ୍ର ପାଇଁ ୨୩,୯୪୭ କୋଟି ଟଙ୍କା ବ୍ୟୟ ବରାଦ
- ସ୍ୱାସ୍ଥ୍ୟ କ୍ଷେତ୍ରର ବ୍ୟୟବରାଦ ୧୨,୨୪୧ କୋଟି ଟଙ୍କା
- କାଳିଆ ଯୋଜନା ପାଇଁ ୧,୮୭୪ କୋଟି, ମିଶନ ଶକ୍ତି ଲାଗି 2000 କୋଟି
- ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ ୮,୨୫୫ କୋଟି ଟଙ୍କା
- ମୋଟ ରାଜସ୍ୱରେ ରାଜ୍ୟର ନିଜସ୍ୱ ରାଜସ୍ୱର ଭାଗ ୫୮%। ଏହାଦ୍ୱାରା କେନ୍ଦ୍ରୀୟ ସହାୟତା ଉପରେ ନିର୍ଭରଶୀଳତା କମିଛି
- ରାଜସ୍ୱ ବଳକା : ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୨.୭% ହେବା ନେଇ ଆକଳନ
- ଟିକସ ଓ ଜିଏସ୍‌ଡିପିର ଅନୁପାତ ୬.୪% ହେବା ଅଟକଳ
- ପୁଞ୍ଜି ବ୍ୟୟ ବାବଦକୁ ଅଟକଳ ୪୦,୦୧୧ କୋଟି ଟଙ୍କା, ଯାହାକି ଜିଏସ୍‌ଡିପିର ୫.୬%
- ବିତ୍ତୀୟ ନିଅଣ୍ଟ: ଘରୋଇ ଉତ୍ପାଦର ଧାର୍ଯ୍ୟଲକ୍ଷ୍ୟର ୩% ମଧ୍ୟରେ ସୀମିତ ରହିବ

## ୨ରୁ ସକାଳୁଆ ସ୍କୁଲ

**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ୍ ଚାଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ ୨ରୁ ଛାତ୍ରୀଛାତ୍ରମାନେ ସକାଳୁଆ ସ୍କୁଲ ଯିବେ। ସକାଳ ସାଢ଼େ ୬ଟାରୁ ୧୦ଟା ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଓ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ନବମ ଓ ଦଶମ ଶ୍ରେଣୀ ପାଠପଢ଼ା ଚାଲିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ସୂଚନା ଦେଇଛନ୍ତି।

## କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବଢ଼ିଲା

**ନୂଆଦିଲ୍ଲୀ,୩୦।୩**

କେନ୍ଦ୍ରୀୟ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ) ୩ ପ୍ରତିଶତ ବୃଦ୍ଧି କରିବା ଲାଗି ବୁଧବାର କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି। ପୂର୍ବରୁ ମହଙ୍ଗା ଭତ୍ତା ମୂଳ ଦରମାର ୩୧ ପ୍ରତିଶତ ଥିବାବେଳେ ଏହାକୁ ୩୪ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବର୍ଦ୍ଧିତ ଡିଏ ୨୦୨୨ ଜାନୁୟାରୀ ୧ରୁ ପିଛିଲା ଭାବେ ଲାଗୁ ହେବ। ଏହାଦ୍ୱାରା ୪୭.୪୮ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୮.୬୨ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ। କୋଭିଡ୍ ମହାମାରୀ ଯୋଗୁ ୨୦୨୦ ଜାନୁୟାରୀ, ଜୁଲାଇ ଏବଂ ୨୦୨୧ ଜାନୁୟାରୀରେ ଡିଏ ବୃଦ୍ଧି କରାଯାଇ ନ ଥିଲା। ସେଥିପାଇଁ ଗତବର୍ଷ ଜୁଲାଇରେ ମହଙ୍ଗା ଭତ୍ତା ଏକାଥରକେ ୧୧% ଏବଂ ଅକ୍ଟୋବରରେ ୩% ବୃଦ୍ଧି କରାଯାଇ ୩୧ ପ୍ରତିଶତ ହୋଇଥିଲା।

**ଆଜିର ସମ୍ପାଦକୀୟ**

ଆର୍ଥିକ ଯୁଦ୍ଧର ନୂଆ କୌଶଳ






**କ୍ରମାଗତ ୩ୟ ଦିନ ପାଇଁ ଶେୟାର ବଜାରରେ ବୃଦ୍ଧି**

**ମୁମ୍ବାଇ:** ପୂର୍ବ ସପ୍ତାହର ଲଗାତାର ହ୍ରାସ ପରେ ଚଳିତ ସପ୍ତାହରେ ଶେୟାର ବଜାରରେ ବୃଦ୍ଧି ଦେଖିବାକୁ ମିଳିଛି। ଲଗାତାର ତୃତୀୟ ଦିନ ପାଇଁ ବୁଧବାର ସେନ୍‌ସେକ୍ସ ଏବଂ ନିଫ୍ଟିରେ ବୃଦ୍ଧି ଘଟିଛି। କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୭୪୦.୩୪ ଅଙ୍କ (୧.୨୮%) ବୃଦ୍ଧି ଘଟି ୫୮,୬୮୩.୯୯ ଇନ୍‌ଡେକ୍ସରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ମଧ୍ୟ ୧୭୩ ପଏଣ୍ଟ ଅର୍ଥାତ୍ ୧% ବୃଦ୍ଧି ଦେଖିବାକୁ ମିଳିଛି। କାରବାର ଶେଷରେ ନିଫ୍ଟି ୧୭,୪୯୮.୩୦ରେ ବନ୍ଦ ହୋଇଛି। ଦିନରେ ବଜାଜ ଫିନସର୍ଭ, ଏଚ୍‌ଡିଏଫ୍‌ସି ଲାଇଫ୍, ସିପ୍ଲା, ବଜାଜ ଫାଇନାନ୍ସ, ହିରୋ ମୋଟୋକର୍ପ ଟପ୍ ଗେନର୍ସ ତାଲିକାରେ ଥିବା ବେଳେ ଓଏନ୍‌ଜିସି, ହିଣ୍ଡାଲ୍‌କୋ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଆଇଟିସି ଏବଂ ଟାଟା ଷ୍ଟିଲ୍ ଟପ୍ ଲୁଜର୍ସ କମ୍ପାନୀ ମଧ୍ୟରେ ରହିଛନ୍ତି।

# ଏମ୍‌ଏସ୍‌ଏମ୍‌ଇକୁ ରାଜ୍ୟପାଳଙ୍କ ଆହ୍ୱାନ




**ଭୁବନେଶ୍ୱର,୩୦।୩**

## ଆଇସିସି ଓଡ଼ିଶା ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଆଗ୍ରୋ ଉପରେ ଜାତୀୟ ସମ୍ମିଳନୀ

ପରିବେଶର ପ୍ରଦୂଷଣଜନିତ କୁପ୍ରଭାବକୁ ଦୂରକରିବା ଦିଗରେ ଓଡ଼ିଶାର ସମସ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସଂସ୍ଥା (ଏମ୍‌ଏସ୍‌ଏମ୍‌ଇ) ଏମ୍‌ଏସ୍‌ଏମ୍‌ଇ ଗୁଡିକ ନିକଟରେ ରହିଥିବା ଶକ୍ତି, ସାମର୍ଥ ଓ ପ୍ରଯୁକ୍ତି ଆଦି ବ୍ୟବହାରକରି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ବୁଧବାର ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ର ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଏକ ହୋଟେଲ ପରିସରରେ ଆୟୋଜିତ ଏମ୍‌ଏସ୍‌ଏମ୍‌ଇ ଆଗ୍ରୋଭିତ୍ତିକ ଜାତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲାଲ୍ ଆତ୍ମନିର୍ଭର ଭାରତ ସମ୍ପର୍କରେ ମଧ୍ୟ ବିସ୍ତୃତ ବର୍ଣ୍ଣନା ସହ ଏମ୍‌ଏସ୍‌ଏମ୍‌ଇ ଗୁଡିକୁ ରାଜ୍ୟ ପ୍ରଗତି ପାଇଁ ଭାଗିଦାରୀ ହେବାକୁ ଆହ୍ୱାନ ଦେଇଛନ୍ତି। ସେହିଭଳି ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ସହ ଅଧ୍ୟକ୍ଷ ଏମ୍.କେ. ଗୁପ୍ତା କହିଛନ୍ତି , କୃଷି ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ଲାଗି ଏହି କ୍ଷେତ୍ରରେ ସରକାରୀ ନିବେଶ ବୃଦ୍ଧି ପାଇବାର ଆବଶ୍ୟକତା ରହିଛି। ମୋଟ ବଜେଟ୍ ଅଟକଳରେ କୃଷିର ଭାଗ ବଢ଼ାଇବା ଲାଗି ସେ କହିଛନ୍ତି। ଗ୍ରାମାଞ୍ଚଳରେ ଉପଯୁକ୍ତ ଭିତ୍ତିଭୂମି ଓ ସେବାର ବ୍ୟବସ୍ଥା କରିବା, ଶୁଖିଲା ଓ ବୃଷ୍ଟି ଅଭାବ ଅଞ୍ଚଳଗୁଡ଼ିକରେ ଜଳସେଚନର ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ବୋଲି ଗୁପ୍ତା କହିଛନ୍ତି। ଆଗ୍ରୋ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ରହିଥିବା ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ଉତ୍ପାଦକତା ଓ ପ୍ରତିଦ୍ୱନ୍ଦ୍ୱିତା ଭାବ ବଢ଼ାଇବା ଲାଗି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ମଧ୍ୟ ସେ କହିଛନ୍ତି। ଏହି ଅବସରରେ ଆଇସିସି କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କମିଟିର ମେମ୍ବର ଡ. ପ୍ରଦୀପ୍ତ ମହାନ୍ତି, ସଂଯୋଜକ ଶ୍ରୀରାମ ପଣ୍ଡା, ବିଦେଶୀ ପ୍ରତିନିଧି ଓ ବିଭିନ୍ନ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ପ୍ରତିନିଧିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସମାରୋହ ପରେ ପ୍ଲେନାରି ଓ ବୈଷୟିକ ଅଧିବେଶନ ଆୟୋଜନ କରାଯାଇଥିଲା।

# ଦେଶର ଆନୁମାନିକ ଜିଡିପି ବୃଦ୍ଧି ୭.୨%କୁ ହ୍ରାସ

**ନୂଆଦିଲ୍ଲୀ,୩୦।୩**

ରେଟିଂ ଏଜେନ୍ସି 'ଇଣ୍ଡିଆ ରେଟିଂସ୍' ଆଣ୍ଡ୍ ରିସର୍ଚ୍ଚ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଦେଶର ଆର୍ଥିକ ଅଭିବୃଦ୍ଧି ଅନୁମାନକୁ ୭.୬%ରୁ ୭-୭.୨କୁ ହ୍ରାସ କରି ଦିଆଯାଇଛି। ଏହାର ମୁଖ୍ୟ କାରଣ ହେଉଛି ରୁଷିଆ-ୟୁକ୍ରେନ୍ ଯୁଦ୍ଧ। ଏହି ଯୁଦ୍ଧ କାରଣରୁ ଅଶୋଧିତ ତୈଳ ଏବଂ ବିଭିନ୍ନ ପଣ୍ୟଦ୍ରବ୍ୟ ଦର ବୃଦ୍ଧି, ଘରୋଇ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଇଥିବା ରିପୋର୍ଟରେ କୁହାଯାଇଛି। ରେଟିଂ ଏଜେନ୍ସି ଅନୁସାରେ ବର୍ତ୍ତମାନର ତୈଳ ଦର ଲଗାତର ତିନିମାସ ପାଇଁ ସ୍ଥିର ରହିଲେ ସମଗ୍ର ଘରୋଇ ଉତ୍ପାଦ (ଜିଡିପି) ବୃଦ୍ଧି ୭.୨% ହୋଇପାରେ। ତେବେ ଯଦି ଏହି ଦର ୬ମାସ ପର୍ଯ୍ୟନ୍ତ ସ୍ଥିର ରହିବ, ତା'ହେଲେ ଜିଡିପି ବୃଦ୍ଧିରେ ହ୍ରାସ ଘଟି ୭%ରେ ପହଞ୍ଚିବ। ଉଭୟ ସ୍ଥିତିରେ ଭାର ଘରୋଇ ଅର୍ଥନୀତି ଉପରେ ହିଁ ପଡ଼ିବ। ଏହାଛଡ଼ା ଏଜେନ୍ସି ପକ୍ଷରୁ ଆଗାମୀ ଆର୍ଥିକ ବର୍ଷରେ ଆନୁମାନିକ ପ୍ରାଇଭେଟ୍ କଞ୍ଜମ୍ପସନ୍ ୯.୪% ରୁ ହ୍ରାସ ହୋଇ ୮.୧% ହୋଇଛି। ଏହାଛଡ଼ା ଆର୍‌ବିଆଇର ମନିଟାରି ପଲିସି କମିଟି(ଏମ୍‌ପିସି) ଆର୍ଥିକ ଭରଣା ଦିଗରେ ସହଯୋଗ ପାଇଁ ଆସନ୍ତା ଆର୍ଥିକ ବର୍ଷରେ ନରମ ଆଭିମୁଖ୍ୟ ଜାରି ରଖିପାରେ ବୋଲି ଇଣ୍ଡିଆ ରେଟିଂସ୍ ପକ୍ଷରୁ ଅନୁମାନ କରାଯାଇଛି।

# ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଏସ୍‌ଏଚ୍‌ଜି ମେଳା

**ଭୁବନେଶ୍ୱର,୩୦।୩**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ପୁରୀ ଜିଲାର ପିପିଲିଠାରେ ଏକ ବୃହତ୍ ଏସ୍‌ଏଚ୍‌ଜି ମେଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସ୍‌ବିଆଇ ଓଡ଼ିଶାର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କ୍ରିଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉକ୍ତ ଏସ୍‌ଏଚ୍‌ଜି ମେଳା ପରିସରରେ ୭୩୦ ଗୋଟି ନୂତନ ଏସ୍‌ଏଚ୍‌ଜିକୁ ଋଣ ମଞ୍ଜୁର କରାଯାଇଥିଲା। ସେହିଭଳି ଏହି ପରିପ୍ରେକ୍ଷୀରେ ଋଣ ନବୀକରଣ ମଧ୍ୟ କରାଯାଇଥିଲା। ଏହି ଅବସରରେ ମୋଟ ୧୦.୦୯ କୋଟି ଟଙ୍କାର ଋଣ ମଞ୍ଜୁରୀ ଏବଂ ପ୍ରଦାନ କରାଯାଇଥିଲା। ଏହି ମେଳାକୁ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଏସ୍‌ଏଚ୍‌ଜିର ସଭ୍ୟମାନେ ଯୋଗଦେଇଥିଲେ ଏବଂ ସମସ୍ତେ ଏକ ସ୍ୱରରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଅଭିନବ ପ୍ରୟାସକୁ ମଧ୍ୟ ଉଚ୍ଚପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଟ ବ୍ୟାଙ୍କର ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ, ଉପ ମହାପ୍ରବନ୍ଧକ ଆନନ୍ଦ ବିକ୍ରମ, କ୍ଷେତ୍ରୀୟ ପ୍ରବନ୍ଧକ ସଙ୍କର୍ଷଣ ମଲ୍ଲିକ ଏବଂ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ ପ୍ରମୁଖ ଉପସ୍ଥିତ ଥିଲେ।




ପିପିଲିଠାରେ ଆୟୋଜିତ ଏସ୍‌ବିଆଇର ମେଗା ଏସ୍‌ଏଚ୍‌ଜି ସମାରୋହରେ ଉପସ୍ଥିତ ଅତିଥିଗଣ।

# ଚଳିତ ସପ୍ତାହରେ ଗ୍ୟାସ୍ ଦର ୨ଗୁଣା ବଢ଼ିପାରେ

**ନୂଆଦିଲ୍ଲୀ,୩୦।୩**

ଗ୍ୟାସ୍ ଉତ୍ପାଦନ କମ୍ପାନୀଗୁଡ଼ିକ ପାଇଁ ଭଲ ଖବର ରହିଛି। ଏହି ସପ୍ତାହରେ ଗ୍ୟାସ୍ ଦରରେ ଆଖିଦୃଶିଆ ବୃଦ୍ଧି ହେବା ସମ୍ଭାବନା ରହିଛି। କେଜି ଗ୍ୟାସ୍ ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିକୁ ପ୍ରତି ଏମ୍‌ଏମ୍‌ବିଟିୟୁ ପିଛା ୧୦ ଡଲାର ଖର୍ଚ୍ଚ କରିବାକୁ ପଡ଼ିପାରେ। ଅନ୍ୟପଟେ ସାର୍ବଜନିକ କ୍ଷେତ୍ରର ଓଏନ୍‌ଜିସିକୁ ମୁମ୍ବାଇ ହାଇ ଏବଂ ଅନ୍ୟାନ୍ୟ କ୍ଷେତ୍ର ପାଇଁ ୨ଗୁଣାରୁ ଅଧିକ ଦର ପ୍ରାପ୍ତ ହୋଇପାରେ। ସରକାରଙ୍କ ପକ୍ଷରୁ ଦେଶରେ ଉତ୍ପାଦିତ ପ୍ରାକୃତିକ ଗ୍ୟାସ୍‌ର ଦର ସମୀକ୍ଷା ସମ୍ପର୍କରେ ଏପ୍ରିଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାର ଅଛି। ଦର ବୃଦ୍ଧିକୁ ନଜରରେ ରଖି ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ୍ କର୍ପୋରେଶନ (ଓଏନ୍‌ଜିସି)କୁ ନାମାଙ୍କନ ଆଧାରରେ ଦିଆଯାଇଥିବା ଫିଲ୍ଡଗୁଡ଼ିକରୁ ଉତ୍ପାଦିତ ଗ୍ୟାସ୍‌ର ଦାମ୍‌ରେ ବୃଦ୍ଧି ଘଟି ୧୦ ଲକ୍ଷ ବ୍ରିଟିଶ ଥର୍ମାଲ ୟୁନିଟ୍ ପିଛା ଦାମ୍ ୨.୯ ଡଲାରରୁ ବୃଦ୍ଧି ଘଟି ୫.୯୩ ଡଲାର ହୋଇଯିବା ସମ୍ଭାବନା ରହିଛି। ଅପରପକ୍ଷେ ରିଲାଏନ୍ସ ପାଇଁ ୟୁନିଟ୍ ପିଛା ୬.୧୩ ଡଲାରରୁ ବୃଦ୍ଧି ପାଇ ୯.୯-୧୦.୧ ଡଲାର ହୋଇପାରେ।

# ସେଞ୍ଚୁରିଅନ ୟୁନିଭର୍ସିଟିରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୩୦।୩**

ରାଜ୍ୟର ଏକ ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଭାବେ ସୁନାମ ଅର୍ଜନ କରିଥିବା ସେଞ୍ଚୁରିଅନ ୟୁନିଭର୍ସିଟି ପକ୍ଷରୁ ନିକଟରେ 'ଗତିଶୀଳ ବ୍ୟବସାୟ ପରିବେଶ ପରିଚାଳନା ଏବଂ ଉଦ୍ୟୋଗୀ ଆହ୍ୱାନ ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଭିସି ଡ. ସୁପ୍ରିୟା ପଟ୍ଟନାୟକ ଏବଂ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଭିସି ଡ. ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଏହାର ଉଦ୍‌ଘାଟନ କରିଥିଲେ। ପ୍ରଫେସର ତ୍ରିପାଠୀ ବର୍ତ୍ତମାନର ବଜାର ଦୃଶ୍ୟ ଏବଂ ପିଇଏସ୍‌ଇଏଲ ବିଶ୍ଳେଷଣ ପରି ଉପକରଣଗୁଡିକ ଉପରେ ଆଲୋକପାତ କରିଥିଲେ, ଯାହା ଏକ ସଂସ୍ଥା ଉପରେ ପ୍ରଭାବ ପକାଇପାରେ। ପରିବର୍ତ୍ତିତ ବ୍ୟବସାୟ ପରିବେଶରେ କର୍ପୋରେଟଗୁଡିକ ସମ୍ମୁଖୀନ ହେଉଥିବା ସାମ୍ପ୍ରତିକ ଆହ୍ୱାନଗୁଡ଼ିକ ବିଷୟରେ ସେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେହିଭଳି ବିଭିନ୍ନ କ୍ଷେତ୍ରର ଉନ୍ନତି ଏବଂ ଉନ୍ନତ ପ୍ରଦର୍ଶନ ପାଇଁ ଆହ୍ୱାନଗୁଡ଼ିକ ଏକ ସୁଯୋଗ ହୋଇପାରେ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଫେସର ପଟ୍ଟନାୟକ ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତକରି ବୈଷୟିକ ଶିକ୍ଷା ଏବଂ ଉଦ୍ୟୋଗର ମିଶ୍ରଣର ଆବଶ୍ୟକତା ଏବଂ ଭବିଷ୍ୟତର ଉଦ୍ୟୋଗୀମାନଙ୍କୁ ପ୍ରସ୍ତୁତ କରିବା ପାଇଁ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ପ୍ରଚେଷ୍ଟା ଉପରେ ଆଲୋକପାତ କରିଥିଲେ।

# ସିଟି ଇଣ୍ଡିଆର ଉପଭୋକ୍ତା ବ୍ୟବସାୟ କିଣିଲା ଆକ୍ସିସ୍ ବ୍ୟାଙ୍କ୍

**ନୂଆଦିଲ୍ଲୀ,୩୦।୩**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ସିଟି ଇଣ୍ଡିଆର ଉପଭୋକ୍ତା ବ୍ୟବସାୟକୁକ୍ରୟ କରାଯାଇଛି। ଏଥିପାଇଁ ଆକ୍ସିସ୍ ବ୍ୟାଙ୍କ୍‌କୁ ପ୍ରାୟ ୧.୬ ବିଲିୟନ ଡଲାର୍ ଖର୍ଚ୍ଚ କରିବାକୁ ପଡ଼ିଛି। ଏହି ଡିଲ୍ ପରେ ସିଟି ଇଣ୍ଡିଆରେ କ୍ରେଡିଟ୍ କାର୍ଡ, ରିଟେଲ୍ ବ୍ୟାଙ୍କିଂ, ୱେଲ୍ଥ ମ୍ୟାନେଜମେଣ୍ଟ ଏବଂ ଉପଭୋକ୍ତା ଲୋନ୍ ବିଜ୍‌ନେସ୍ ଆକ୍ସିସ୍ ବ୍ୟାଙ୍କ୍ ଅଧିନକୁ ଚାଲିଆସିବ। ଏଥିସହିତ ସିଟି ଇଣ୍ଡିଆର୍ ଅଣ ବ୍ୟାଙ୍କିଂ ଫାଇନାନ୍ସିଆଲ୍ କମ୍ପାନୀ ସିଟି କର୍ପ ଫାଇନାନ୍ସ ମଧ୍ୟ ଆକ୍ସିସ୍ ବ୍ୟାଙ୍କ୍ ଅଧିନରେ ରହିବ। ସିଟି ଇଣ୍ଡିଆର ମୋଟ୍ ରିଟେଲ୍ ବ୍ୟବସାୟ ୬୮,୦୦୦ କୋଟି ଟଙ୍କାର ରହିଛି।

# ଏସ୍‌ବିଆଇର ଫାସ୍‌ଟାଗ୍ ସେବା

**ନୂଆଦିଲ୍ଲୀ,୩୦।୩ :** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ମଧ ଫାସ୍‌ଟାଗ୍ ସୁବିଧା ପ୍ରଦାନ କରାଯାଉଛି। ଏହା ହେଉଛି ଏକ ଉପକରଣ ଯେଉଁଥିରେ ରେଡିଓ ଫ୍ରିକ୍ୟୁଏନ୍ସି ଆଇଡେଣ୍ଟିଫିକେଶନ (ଆର୍‌ଏଫ୍‌ଆଇଡି) ପ୍ରଯୁକ୍ତି ବ୍ୟବହାର କରାଯାଇଛି। ଯେଉଁଥିରେ ପ୍ରିପେଡ୍ କିମ୍ବା ସଞ୍ଚୟ ଖାତା ଜରିଆରେ ସିଧାସଳଖ ଟୋଲ୍ ପେମେଣ୍ଟ କରାଯାଇପାରୁଛି। ଏ ନେଇ ମଧ ଗାଡ଼ି ମାଲିକମାନେ ୧୮୦୦ ୧୧ ୦୦୧୮ କଷ୍ଟମର କେୟାର ନମ୍ବରକୁ କଲ୍ କରି ଏସ୍‌ବିଆଇ ଫାସ୍‌ଟାଗ୍ ବିଷୟରେ ବୁଝିପାରିବେ ଓ ନିକଟତମ ପିଓଏସ୍ ସ୍ଥାନ କେଉଁଠାରେ ରହିଛି ତାହା ଜାଣିପାରିବେ। ସାରା ଦେଶରେ ଏସ୍‌ବିଆଇର ୩୦୦୦ପିଓଏସ୍ ପଏଣ୍ଟ ରହିଛି।

# ବେଦାନ୍ତ ପକ୍ଷରୁ ଭିନ୍ନ ଏକ ଅଭିଯାନର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୦।୩ :** ବେଦାନ୍ତ ଆଲୁମିନିୟମ ପକ୍ଷରୁ ଚଳିତ ବର୍ଷର ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସ୍ମୃତିଚାରଣ କରାଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଭିନ୍ନ ଏକ ଅଭିଯାନର ଶୁଭାରମ୍ଭ ସହ କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ଠାରେ ଥିବା କମ୍ପାନୀର ଆଲୁମିନା ରିଫାଇନେରି ନିକଟସ୍ଥ କାଙ୍କେରିଗ୍ରାମର କାରିଗରମାନଙ୍କ ସହ କାର୍ଯ୍ୟ କରି ସୁନ୍ଦର ଓ ପ୍ରାଚୀନ କଳାକୃତି ଡୋକ୍ରାକୁ ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ପ୍ରତିବଦ୍ଧ ହୋଇଛି। ଏପରିକି ଆଦିବାସୀ କ୍ରୀଡ଼ା ଓ କଳାକୃତି ସମେତ ସ୍ଥାନୀୟ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଆଦି ହେଉଛି ଏହାର ଏକ ପ୍ରମୁଖ ଅଂଶ। ଆଗାମୀ ଦିନରେ ସ୍ଥାନୀୟ କାରିଗରମାନଙ୍କ ଦକ୍ଷତାରେ ଉନ୍ନତି ଆଣିବା ସହ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତିକ ମଞ୍ଚରେ ମାନ୍ୟତା ପ୍ରଦାନ କରିବା ଏବଂ ବଜାର ଲିଙ୍କେଜ୍ ସୁଯୋଗ ପ୍ରଦାନ କରି ଉକ୍ତ କଳାକୃତିରେ ସେମାନଙ୍କ ପାଇଁ ନିରନ୍ତର ଜୀବନଜୀବିକା ସୃଷ୍ଟି କରିବା ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ପ୍ରାଚୀନ କଳାକୃତି ଡୋକ୍ରା ହେଉଛି ଏକ ଜାତୀୟ ସମ୍ପଦ, ଯାହା ଆମ ଇତିହାସର ସମୃଦ୍ଧିକୁ ପ୍ରଦର୍ଶିତ କରୁଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଅନୁସନ୍ଧାନ କରାଯାଇ ନ ଥିବା ଗ୍ରାମୀଣ କାରିଗରଙ୍କ ନବସୃଜନ ସମ୍ଭାବନାକୁ ସମୃଦ୍ଧ କରି ଏହି ସ୍ୱଦେଶୀ କଳାକୃତିର ପୁନରୁଦ୍ଧାର କରିବା ଲାଗି ବେଦାନ୍ତ ଆଲୁମିନିୟମ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି।

# ଏପ୍ରିଲ ୬-୮ ମଧ୍ୟରେ ହେବ ଏମ୍‌ପିସି ବୈଠକ

**ନୂଆଦିଲ୍ଲୀ,୩୦।୩:** ଆସନ୍ତା ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ମନିଟାରି ପଲିସି କମିଟି(ଏମ୍‌ପିସି)ର ୬ଟି ବୈଠକ ଆୟୋଜନ ହେବା କାର୍ଯ୍ୟକ୍ରମ ରହିଛି। ତେବେ ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ବୈଠକ ଏପ୍ରିଲ ୬ରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବା ଯୋଜନା ରହିଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଉପସ୍ଥିତିରେ ଆୟୋଜିତ ହେବାକୁ ଥିବା ଏହି ବୈଠକ ଏପ୍ରିଲ ୬ରୁ ଆରମ୍ଭ ହୋଇ ୮ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଆର୍‌ବିଆଇ ପକ୍ଷରୁ ବୁଧବାର ଜାରି କରାଯାଇଥିବା ଏମ୍‌ପିସି ବୈଠକ କାର୍ଯ୍ୟସୂଚୀରେ ପ୍ରଥମ ବୈଠକ ଏପ୍ରିଲରେ ହେବାକୁ ଥିବା ବେଳେ ୨ୟ ବୈଠକ ୬ରୁ ୮ ଜୁନ୍, ୩ୟ ୨-୪ ଅଗଷ୍ଟ, ୪ର୍ଥ ୨୮-୩୦ ସେପ୍ଟେମ୍ବର ଏବଂ ୫ମ ବୈଠକ ୫-୭ ଡିସେମ୍ବରରେ ଆୟୋଜନ ହେବ।

# ଟ୍ରେଣ୍ଡ୍‌ସର ନୂତନ ଆଉଟ୍‌ଲେଟ୍ ଉଦ୍‌ଘାଟିତ

TRENDS
GET THEM TALKING

**ଭୁବନେଶ୍ୱର,୩୦।୩**

## ବାଲୁଗାଁ,ଦଶପଲ୍ଲା ସହରରେ ଫ୍ୟାଶନ ଡେଷ୍ଟିନେଶନ

ରିଲାଏନ୍ସ ରିଟେଲର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସ ପକ୍ଷରୁ ଓଡ଼ିଶାର ବାଲୁଗାଁ ଓ ଦଶପଲ୍ଲା ସହରରେ ତାହାର ନୂତନ ଆଉଟ ଲେଟର ଉଦ୍‌ଘାଟନ କରାଯାଇଛି। ଟ୍ରେଣ୍ଡ୍‌ସ ବାସ୍ତବରେ ଭାରତର ଫ୍ୟାଶନ କ୍ଷେତ୍ରକୁ ଅଧିକ ଲୋକାଭିମୁଖୀ କରିଛି। ଏହା ଭାରତର ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ କରିବା ସହ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭକରି ଟିୟର ୧, ଟିୟର ୨ ଆଦି ସହର ଏବଂ ଆହୁରି ଅନେକ ସ୍ଥାନରେ ମଧ୍ୟ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି। ବର୍ତ୍ତମାନ ସମୟରେ ଏହା ଦେଶର ପସନ୍ଦଯୋଗ୍ୟ ଫ୍ୟାଶନ ଶପିଙ୍ଗ ଡେଷ୍ଟିନେଶନ ପାଲଟିଛି। ବାଲୁଗାଁ ଓ ଦଶପଲ୍ଲା ସହରରେ ଟ୍ରେଣ୍ଡ୍‌ସର ଏହି ଷ୍ଟୋରର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଏବଂ ମନଲୋଭା ପରିବେଶ ସ୍ଥାନୀୟ ଗ୍ରାହକମାନଙ୍କ ପାଇଁ ଏକ ପ୍ରମୁଖ ସ୍ଥାନ ପାଲଟିଛି। ଏଠାରେ ଗ୍ରାହକଙ୍କ ମନପସନ୍ଦ ଓ ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଏହାକୁ ଆହୁରି ଅଧିକ ଆକର୍ଷଣୀୟ କରି ତୋଳିଛି। ବାଲୁଗାଁ ଏବଂ ଦଶପଲ୍ଲା ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନେ ଏବେ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସୁଲଭ ମୂଲ୍ୟରେ ଏବଂ ଚମତ୍କାର କିଣାକିଣି ଅନୁଭୂତି ପାଇପାରିବେ। ବାଲୁଗାଁରେ ୭,୭୪୪ ବର୍ଗଫୁଟ୍ ପରିମିତ ଜମି ଏବଂ ଦଶପଲ୍ଲାରେ ୫,୩୮୭ ବର୍ଗଫୁଟ୍ ପରିମିତି ଜମିରେ ଟ୍ରେଣ୍ଡ୍‌ସର ନୂତନ ଷ୍ଟୋର ପରିସରରେ ଭଳିକି ଭଳି ପୋଷାକ ସାଙ୍ଗକୁ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ରହିଛି। ଏଥିରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟ ସହିତ ସ୍ୱତନ୍ତ୍ର ପ୍ରାରମ୍ଭିକ ଅଫର ମଧ୍ୟ ରହିଛି। ୩୪୯୯ ଟଙ୍କାର କିଣାକିଣି କରି ୧୯୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ।

# ସାମୁଦ୍ରିକ ଶିଳ୍ପ ୧,୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ




## ମେରାଇନ ଆଉଟ ବୋର୍ଡ ବ୍ୟବସାୟରେ ପ୍ରବେଶ କରିବ ହୋଣ୍ଡା ପାୱାର

**ନୂଆଦିଲ୍ଲୀ,୩୦।୩**

ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡ୍ ପକ୍ଷରୁ ଏହାର ୪-ଷ୍ଟ୍ରୋକ୍ ମେରାଇନ ଆଉଟବୋର୍ଡ ମୋଟର୍ସ ସହିତ ମେରାଇନ ଆଉଟ ବୋର୍ଡ ବ୍ୟବସାୟରେ ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଚଳିତ ବର୍ଷ ଏପ୍ରିଲରୁ ଭାରତରେ ୪-ଷ୍ଟ୍ରୋକ୍ ମେରାଇନ ଆଉଟବୋର୍ଡ ମୋଟର୍ସ କାରବାର ଆରମ୍ଭ କରିବ। ସାମୁଦ୍ରିକ ସୀମା ସୁରକ୍ଷା, ପର୍ଯ୍ୟଟନ ଏବଂ ଅବକାଶ ପ୍ରୟୋଗରେ ଟ୍ୟାକ୍ସି ବୋଟ୍ ଅପରେଶନ ଏବଂ ବ୍ୟବସାୟିକ ଫିସିଂ ୱାର୍କ ବୋଟ୍ ଅପରେଟରମାନଙ୍କ ପାଇଁ ହୋଣ୍ଡା ୪-ଷ୍ଟ୍ରୋକ ମେରାଇନ ଆଉଟବୋର୍ଡ ମୋଟର ହେଉଛି ସର୍ବୋତ୍ତମ ପସନ୍ଦ। ଉଭୟ ସମୁଦ୍ର ଏବଂ ଆଭ୍ୟନ୍ତରୀଣ ନଦୀ ପ୍ରଣାଳୀରେ ସୁଗମ ତଥା ଅପ୍ଟିମାଇଜ କାର୍ଯ୍ୟଦକ୍ଷତା ଏବଂ ଅତ୍ୟାଧୁନିକ ଟେକ୍ନୋଲୋଜିର ସହାୟତା ଯୋଗାଇ ଦେବ। ହୋଣ୍ଡା ୪-ଷ୍ଟ୍ରୋକ୍ ଓବିଏମ୍ ଟେକ୍ନୋଲୋଜି ଦ୍ୱାରା ଚାଳିତ ଏହି ଉତ୍ପାଦ ରେଞ୍ଜ ସ୍ଥାୟୀ ଇକୋସିଷ୍ଟମ ପ୍ରତିଷ୍ଠା କରିବାକୁ ସକ୍ଷମ ହେବ। ଭାରତୀୟ ବଜାରରେ ଆମର ଦୀର୍ଘଦିନର ପୃଷ୍ଠପୋଷକତାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ। ଭାରତୀୟ ସାମୁଦ୍ରିକ ବଜାରକୁ ଏହାର ପୂର୍ଣ୍ଣ ସମ୍ଭାବନାକୁ ବିକଶିତ କରିବା ପାଇଁ ଆମର ଚ୍ୟାନେଲ ସହଭାଗୀମାନଙ୍କ ମାଧ୍ୟମରେ ସରକାରୀ ଏଜେନ୍ସି ଏବଂ ବେସରକାରୀ କ୍ଷେତ୍ରର ସଂସ୍ଥାଗୁଡ଼ିକର ଉପଯୋଗିତା ପାଇଁ ଆମେ ଏହି ଉତ୍ପାଦ ରେଞ୍ଜ୍ ମାଧ୍ୟମରେ ସହଯୋଗର ରାସ୍ତା ଖୋଲିଛୁ। ଏହାଦ୍ୱାରା ଭାରତର ସାମୁଦ୍ରିକ ଶିଳ୍ପ ୧,୪୦୦ କୋଟି ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଯେଉଁଥିରେଏଚ୍‌ଆଇପିପି ପ୍ରଥମ ୩ ବର୍ଷରେ ୪-ଷ୍ଟ୍ରୋକ୍ ବଜାରରେ ୧୦% ବଜାର ଅଂଶଧନ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା କଶ୍ମୀର, ଆଣ୍ଡାମାନ, ଗୋଆ, ଏବଂ କେରଳ ପରି ସ୍ଥାନରେ ୮,୦୦୦ କିଲୋମିଟରରୁ ଅଧିକ ବିସ୍ତୃତ ଭାରତୀୟ ଉପକୂଳରେ ଏକ ନିରବଚ୍ଛିନ୍ନ ଯାତ୍ରାକୁ ଆବଶ୍ୟକ ସହାୟତା ଯୋଗାଇଦେବା ସହିତ ଆର୍ଥିକ ସମୃଦ୍ଧି ବୃଦ୍ଧି କରିବାରେ ସହାୟକ ହେବ। ଏ ସମ୍ପର୍କରେ ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡ୍‌ର ସଭାପତି ତଥା ପରିଚାଳନା ନିର୍ଦ୍ଦେଶକ ଟାକାହିରୋ ୟୁଦା କହିଛନ୍ତି, ବୋଟ୍ ଅପରେଟର ତଥା ବିଭିନ୍ନ ସରକାରୀ ଏଜେନ୍ସିଙ୍କ ପାଇଁ ହୋଣ୍ଡା ୪-ଷ୍ଟ୍ରୋକ୍ ମେରାଇନ ଆଉଟବୋର୍ଡ ମୋଟର୍ସ ରେଞ୍ଜର ବଜାର ପ୍ରବେଶ କରିଥିବାରୁ ଆମେ ବେଶ୍ ଆନନ୍ଦିତ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୮,୬୨,୮୧,୬୨୮ | ୬୧,୫୯,୨୭୬ | ୪୨,୧୪,୭୦,୪୩୦ |
| ଭାରତ | ୪,୩୦,୨୩,୨୧୫ | ୫,୨୧,୧୩୧ | ୪,୨୪,୮୭,୪୧୦ |
| ଓଡ଼ିଶା | ୧୨,୮୭,୫୪୯ | ୯୧୨୦(+୫୩) | ୧୨,୭୮,୦୩୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ରାମ୍‌କୋ ସିମେଣ୍ଟର ୨ ଅଧିକାରୀଙ୍କୁ ଜବାବ ତଲବ

ଯାଜପୁର ଅଫିସ,୩୦।୩

କ୍ଷତିଗ୍ରସ୍ତ ଓ ପ୍ରଭାବିତ ଲୋକଙ୍କ ସ୍ୱାର୍ଥକୁ ଭୁଲି ଶିଳ୍ପସଂସ୍ଥାଗୁଡ଼ିକ କେବଳ ନିଜ ଲାଭ ପାଇଁ ବ୍ୟଗ୍ର । ଏଥିପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ଠକିବା ଅପେକ୍ଷା ସରକାରଙ୍କ ଦ୍ୱାରା ପ୍ରଣିତ ଜନଶୁଣାଣିକୁ ନ ମାନିବାକୁ ଉଚିତ ମଣୁଛନ୍ତି । ଏଥିରେ କ୍ଷତିଗ୍ରସ୍ତ ଓ ପ୍ରଭାବିତ ଲୋକଙ୍କ ଆଉ କୌଣସି ଦାବି ରହିବ ନାହିଁ । ରାମ୍‌କୋ ସିମେଣ୍ଟ କମ୍ପାନୀ ଏହି ନୀତିକୁ ଆପଣାଇ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିପୁରଠାରେ ଏକ ସିମେଣ୍ଟ କାରଖାନା ପ୍ରତିଷ୍ଠା କରିଛି। ହେଲେ ସେହି କାରଖାନା ଅତି ଭୟଙ୍କର ପ୍ରଦୂଷଣ ସୃଷ୍ଟି କରୁଛି । ଶାସକ ଦଳର ଜଣେ ସ୍ଥାନୀୟ ପ୍ରଭାବଶାଳୀ ନିର୍ବାଚିତ ପ୍ରତିନିଧିଙ୍କ ଛତ୍ରଛାୟା ତଳେ ରହିଥିବାରୁ ରାମ୍‌କୋର ଏହି ବେଆଇନ କାର୍ଯ୍ୟ ପ୍ରତି କେହି ଅଙ୍ଗୁଳି ଉଠାଇବାର ସାହସ ଜୁଟାଇ ପାରୁନାହାନ୍ତି । ଏହାର ସୁଯୋଗରେ ରାମ୍‌କୋ କାରଖାନାରୁ ନିର୍ଗତ ସିମେଣ୍ଟ ଗୁଣ୍ଡ ଓ ବିଷାକ୍ତ ବାୟୁ ପ୍ରଦୂଷଣକୁ ଅଣାୟତ୍ତ କରିଛି। ଏନେଇ ସ୍ଥାନୀୟ ପ୍ରଭାବିତ ଲୋକେ ଅତିଷ୍ଠ ହୋଇ ଗତ ୨୪ ତାରିଖରେ ଆବଶ୍ୟକ କାଗଜପତ୍ର ସହ ରାମ୍‌କୋର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଓ ପବ୍ଲିକ ରିଲେଶନ ଅଫିସର(ପିଆର୍‌ଓ)ଙ୍କ ବିରୋଧରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ତା୨୮।୩।୨୦୨୨ରିଖରେ ଏହାର ଶୁଣାଣି କରି ଉପରୋକ୍ତ ଅଧିକାରୀ ଦ୍ୱୟଙ୍କୁ ଜବାବ ତଲବ ନୋଟିସ ଜାରି କରିଛନ୍ତି। ଏହି ନୋଟିସ ଉପରେ ଯଦି କିଛି ଆପତ୍ତି ଥାଏ ତେବେ ଆସନ୍ତା ୧୨।୪।୨୦୨୨ ପୂର୍ବାହ୍ନ ୧୦ଟାରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ନିର୍ଦ୍ଦେଶ ଦେଇଛନ୍ତି।

ରାମ୍‌କୋ ସିମେଣ୍ଟ କାରଖାନା ସଂଲଗ୍ନ ମୁରାରୀପୁର ଗ୍ରାମର ସତ୍ୟବ୍ରତ ରାଉତ, ଜୟଦେବ ନାୟକ, ହେମନ୍ତ କୁମାର ପାଢୀ ଓ କୁଞ୍ଜ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ସିମେଣ୍ଟ ଗୁଣ୍ଡ ଉଡ଼ି ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ କରୁଛି। ଏହା ଦୈନନ୍ଦିନ ପରିଚର୍ଯ୍ୟାକୁ ବାଧା ଦେବା ସହ ଗୁରୁତର ଭାବେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି।


IN THE COURT OF THE SUB-DIVISIONAL MAGISTRATE : JAJPUR
Crl. Misc. Case No. ___/2022, U/S 133 Cr.P.C.

1. Satyabrat Rout, S/O Bata Krushna Rout,
2. Jayadev Nayak, S/O Sukadeva Nayak,
3. Hemanta Ku. Padhi, S/O Dhanu Padhi
4. Kunja Behera, S/O Sankarsan Behera
All are of Vill - Muraripur (Thanual), P.S. Dharmasala, Dist. Jajpur — Ist Party

- Vrs -

1. Managing Director, RAMCO Cement Ltd
2. Pradip Kumar Singh (P.R.O.), RAMCO Cement Ltd. At - Haridaspur, P.S. Dharmasala, Dist. Jajpur — 2nd party

To
The Members of 2nd party

Whereas it appears from the petition, affidavit, and documents filed by the above named Ist party that, the 2nd party members are running their cement industry over the disputed by which the cement dust are spreading in the locality polluting the atmosphere, which creates obstruction and public nuisance, for which there is apprehension of serious breach of peace.

I am satisfied that, there is apprehension of serious breach of peace in the locality.

I, therefore hereby order, U/S 133 Cr.P.C. that, the members of 2nd party to file show cause as to why they should not be ordered to remove the obstruction from the disputed land permanently.

As the case is emergent in nature the order is passed ex-parte.

Application, if any, objecting to this order alongwith documents, W.S. if any be filed in my court on 12-4-22 at 10.00 a.m.

Given under my hand and seal of the court this the 28th day of March, 2022.

Sub-Divisional Magistrate, Jajpur.

Disputed land

Mouza - Haridaspur, under P.S. Dharmasala, Dist. Jajpur

Memo No. 3380 Dt. 28.3.22

Forwarded to I.I.C. Dharmasala P.S. for service and return the S.R. before the date fixed.

Sub-Divisional Magistrate, Jajpur.

ରାମ୍‌କୋ ସିମେଣ୍ଟକୁ ମିଳିଥିବା କାରଣ ଦର୍ଶାଅ ନୋଟିସ।

ଏହି ଅଭିଯୋଗ ଉପରେ ମାଜିଷ୍ଟ୍ରେଟ ସନ୍ତୁଷ୍ଟ ହେବା ସହ ସେହି ଅଞ୍ଚଳରେ ପରିବେଶ ପ୍ରଦୂଷିତ ହେଉଥିବା ନିର୍ଦ୍ଦେଶରେ ସ୍ୱୀକାର କରିଛନ୍ତି। ତେଣୁ ସେହି ଆଧାରରେ ସିଆର୍‌ପିସି ଧାରା ୧୩୩ରେ କାହିଁକି ବିବାଦୀୟ ଜମିରୁ କାରଖାନାର କାର୍ଯ୍ୟକଳାପକୁ ଅପସାରଣ କରିବାକୁ ନିର୍ଦ୍ଦେଶ ଦିଆ ନ ଯିବ ସେ ନେଇ ଜବାବ ରଖିବାକୁ ମାଜିଷ୍ଟ୍ରେଟ ଚେତାବନୀ ଦେଇଛନ୍ତି।

ଏହାସହ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ସରକାର ଗୋଟିଏ ପଟେ ପରିବେଶର ସୁରକ୍ଷା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ, ଜଙ୍ଗଲ ସୃଷ୍ଟି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଅନ୍ୟପଟେ ରାମ୍‌କୋ ଭଳି ଘରୋଇ କମ୍ପାନୀକୁ ପରିବେଶ ବିପର୍ଯ୍ୟୟ ପାଇଁ ପ୍ରୋତ୍ସାହିତ କରୁଛନ୍ତି। ରାମ୍‌କୋ କମ୍ପାନୀ ଆଗରେ ସତେଯେପରି ଆଇନକାନୁନ, ନୀତିନିୟମ ସବୁ ତୁଚ୍ଛ ହୋଇଛି । ଆଉ ପ୍ରଶାସନ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଆଦି ସରକାରୀ କଳ ଏହି କମ୍ପାନୀ ନିକଟରେ ହାତ ଟେକି ଦେଇଥିବା ଭଳି ମନେ ହୁଏ । ସିମେଣ୍ଟ ଓ ଜିପସମ୍ ଗୁଣ୍ଡ ମାଡିଯାଇ ଯେଉଁଭଳି ବିପର୍ଯ୍ୟୟ ସୃଷ୍ଟି କରୁଛି ତାହା ସାଧାରଣ ଲୋକଙ୍କ ପାଇଁ ଅସହ୍ୟ ହେବାରେ ଲାଗିଛି । ଆଉ ଏସବୁ ବେଆଇନ କାର୍ଯ୍ୟକୁ ରାଜନେତା, ଜନପ୍ରତିନିଧି ସମର୍ଥନ ଦେଇ ନିଜର ଚେଲା ଓ ସମର୍ଥକଙ୍କୁ କାରଖାନାର ବିଭିନ୍ନ କାର୍ଯ୍ୟରେ ଠିକାଦାର ଭାବେ ନିଯୁକ୍ତ କରାଉଛନ୍ତି । ପରିବେଶକୁ ଧ୍ୱଂସ କରି କମ୍ପାନୀର ସ୍ୱାର୍ଥ ସାଧନରେ ମାତିଥିବା ଠିକାଦାରଙ୍କ ମାଧ୍ୟମରେ ମୋଟା ଅର୍ଥର ମୁନାଫା ଉଠାଇ ନେତାଏ ଏସବୁ ଅନ୍ୟାୟ ପ୍ରତି ମୁହଁ ବନ୍ଦ କରି ବସିଛନ୍ତି । ନା ଶାସକ ନା ବିରୋଧୀ ସଭିଏ ଏସବୁ ମାମଲାରେ ନୀରବଦ୍ରଷ୍ଟା ସାଜିଛନ୍ତି । ଏ ସଂକ୍ରାନ୍ତରେ ହରିପୁର ରାମ୍‌କୋ ସିମେଣ୍ଟ କାରଖାନାର ଜେନେରାଲ ମ୍ୟାନେଜର ଅଜିତ ପଲଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବର ୭୮୯୩୬୫୧୯୧୯ରେ ବୁଧବାର ଅପରାହ୍ଣ ୫ଟା ୫୧ରେ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।



■କାରଖାନାର ପ୍ରଦୂଷଣ ଉତ୍କଟ

■ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ନିକଟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ

# ବିନା ଡିପିଆର୍ ଅନୁମୋଦନରେ ଚାଲିଛି କାର୍ଯ୍ୟ

ନୂଆଦିଲ୍ଲୀ/ପୁରୀ ଅଫିସ,୩୦।୩

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପ୍ରସଙ୍ଗ ନେଇ ନୂଆଦିଲ୍ଲୀଠାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ମହାନିର୍ଦ୍ଦେଶକ (ଡିଜି) ଭି. ବିଦ୍ୟାବତୀଙ୍କୁ ବୁଧବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଭେଟିଛନ୍ତି। ସେ ବିଦ୍ୟାବତୀଙ୍କୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଖନନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଛନ୍ତି। ଏହାପରେ ଅପରାଜିତା କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କରିବା ପରେ ଏଏସ୍‌ଆଇ ଡିଜି ସଂଶୋଧିତ ଡିପିଆର୍ (ଡିଟେଲ୍ଡ ପୋଜେକ୍ଟ ରିପୋର୍ଟ) ମାଗିଥିଲେ। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ରାଜ୍ୟ ସରକାରଙ୍କୁ ସଂଶୋଧିତ ଡିପିଆର୍ ଦେବା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ଡିଜି ଯେଉଁ ସବୁ ପ୍ରସଙ୍ଗ ନେଇ ପ୍ରଶ୍ନ ଉଠାଇଛନ୍ତି ସେ ସମ୍ପର୍କରେ ଡିପିଆର୍‌ରେ ଉଲ୍ଲେଖ କରାଯାଉ। ଏଏସ୍‌ଆଇ ସହ ସ୍ୱତନ୍ତ୍ର ଆଲୋଚନା କରାଯାଉ। ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା କରାଯାଇ ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍‌ଏମ୍‌ଏ) ଗାଇଡ୍‌ଲାଇନ୍ ଆଧାରରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ହେଉ। ସଂଶୋଧିତ ଡିପିଆର୍ ଦାଖଲ ହୋଇ ଅନୁମୋଦନ ନ ହେବା ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ସେହିପରି ସଂଶୋଧିତ ଡିପିଆର୍ ଆସିସାରିଛି ବୋଲି ଏଏସ୍‌ଆଇ ଡିଜିଙ୍କଠାରୁ ଜାଣିବାକୁ ପାଇଛୁ। ମାତ୍ର ମାସେ ପାଖାପାଖି ହେଲାଣି ବିନା ଡିପିଆର୍ ଅନୁମୋଦନରେ ଖନନ କାର୍ଯ୍ୟ ଚାଲିଛି। ଆଇନକୁ ଉଲ୍ଲଂଘନ ଏବଂ ଏଏସ୍‌ଆଇ ଡିଜିଙ୍କ ନିର୍ଦ୍ଦେଶକୁ କାହିଁକି ଅବମାନନା କରାଯାଇ କାମ ଚାଲିଛି ସେ ପ୍ରସଙ୍ଗ ସଂସଦରେ ଉଠାଯିବ ବୋଲି ଅପରାଜିତା କହିଛନ୍ତି।

**ସଂସଦରେ ଉଠିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ: ଅପରାଜିତା**

ଅନ୍ୟପଟେ ପରିକ୍ରମା ପ୍ରକଳ୍ପର ବେଆଇନ କାର୍ଯ୍ୟକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ବୁଧବାର ନୂଆଦିଲ୍ଲୀଠାରେ ଏଏସ୍‌ଆଇ ଡିଜିଙ୍କ ଦ୍ୱାରସ୍ଥ ହୋଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏଏସ୍‌ଆଇ ଡିଜିଙ୍କ କାର୍ଯ୍ୟାଳୟରେ ତାଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ପରିକ୍ରମା ପ୍ରକଳ୍ପ ନାଁରେ ଚାଲିଥିବା ବେଆଇନ କାର୍ଯ୍ୟ ସମ୍ପର୍କରେ ଏଏସ୍‌ଆଇ ଡିଜିଙ୍କୁ ଅବଗତ କରାଯାଇଛି। ଡିଜିଙ୍କ ବିନା ଅନୁମୋଦନରେ ଜୋର୍‌ସୋରରେ ଖନନ କାର୍ଯ୍ୟ ଚାଲୁ ରହିଛି। ଏଥି ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ବଢୁଛି। ନାଟମଣ୍ଡପରେ ଫାଟ ଦେଖିବାକୁ ମିଳିଛି। ରାଜ୍ୟ ସରକାର ଶ୍ରୀମନ୍ଦିରର ସୁରକ୍ଷା ଦିଗରେ ଧ୍ୟାନ ଦେବା ବଦଳରେ ପରିକ୍ରମା ପ୍ରକଳ୍ପ ପାଇଁ ବିରାଟ ଖନନ କରିବାରେ ଲାଗିଛନ୍ତି ବୋଲି ପ୍ରିୟଦର୍ଶନ କହିଛନ୍ତି।




**ପାରିବାରିକ କଳହ**

# ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା କଲେ ସ୍ୱାମୀ

**କୁଚିଣ୍ଡା,୩୦।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ଥାନା ଅଞ୍ଚଳରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା କରିଛନ୍ତି ସ୍ୱାମୀ। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ଲିଲିମା ରଣା (୩୫)। ଲିଲିମାଙ୍କ ଭାଇ ସୁରେଶ ଖଡିଆଙ୍କ ଅଭିଯୋଗକ୍ରମେ ପୋଲିସ ଆଇପିସି ଦଫା ୩୦୨ରେ ମାମଲା (ନଂ.୬୦/୨୨) ରୁଜୁକରି ଅଭିଯୁକ୍ତ ସ୍ୱାମୀ ରଘୁ ରଣା (୪୫)ଙ୍କୁ ଗିରଫ କରିଥିଲା। ରଘୁଙ୍କୁ କୋର୍ଟ ଚାଲାଣ କରାଯାଇଥିଲେ ହେଁ ଜାମିନ ନାମଞ୍ଜୁର ହେବାରୁ କୁଚିଣ୍ଡା ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ କେଶାଇବାହାଲ ପଞ୍ଚାୟତ ଫଟାଟାଙ୍ଗର ଗ୍ରାମର ରଘୁ ମଙ୍ଗଳବାର ସ୍ତ୍ରୀ ଲିଲିମାଙ୍କ ସହ ଜଙ୍ଗଲକୁ ମହୁଲ ଫୁଲ ଗୋଟାଇବାକୁ ଯାଇ ଅପରାହ୍ଣରେ ଘରକୁ ଫେରିଥିଲେ। ଘରେ ସ୍ୱାମୀ ମଦ୍ୟପାନ କରି ଲିଲିମାଙ୍କ ସହ ଝଗଡ଼ା କରିଥିଲେ। ଏପରି କି ଉଭୟଙ୍କ ମଧ୍ୟରେ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଅତ୍ୟାଚାର ସହି ନ ପାରି ଲିଲିମା ସେହି ଗାଁରେ ଥିବା ବାପ ଘରକୁ ସନ୍ଧ୍ୟାରେ ଚାଲିଯାଇଥିଲେ। ପରେ ରାତି ୧୧ଟା ବେଳେ ବାପା ବୁଝାଶୁଝା କରି ଲିଲିମାଙ୍କୁ ସାଙ୍ଗରେ ଆଣି ସ୍ୱାମୀ ଘରେ ଛାଡିଦେଇଥିଲେ। ସ୍ତ୍ରୀ ଘରଛାଡି ଚାଲିଯିବା ଓ ପୁଣି ରାତିରେ ଫେରିବା ନେଇ ସ୍ୱାମୀ ରଘୁ ଉତ୍ତ୍ୟକ୍ତ ହୋଇ ଲିଲିମାଙ୍କୁ ଏକ କୋଠରିରେ ପୂରାଇ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଲିଲିମା ଚିତ୍କାର କାରିବାରୁ ସାଇ ପଡ଼ିଶା ଆସି ତାଙ୍କୁ କୁଚିଣ୍ଡା ମେଡିକାଲକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରକାଶଥାଉକି ଲିଲିମାଙ୍କ ଦୁଇ ଛୋଟ ସନ୍ତାନ ଅଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ତରୁଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

## କୃଷି, ଶିକ୍ଷା, ସ୍ୱାସ୍ଥ୍ୟକୁ ...

୧ ଲକ୍ଷ ୪୧ ହଜାର ୩୯୬ କୋଟି ଏବଂ ରାଜସ୍ୱ ବ୍ୟୟ ୧ ଲକ୍ଷ ୨୦ ହଜାର ୩୬୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ବିତ୍ତୀୟ ନିୟଣ୍ଟ ୨,୪୫୫ କୋଟିରେ ସୀମିତ ରହିବା ନେଇ ସରକାର ଆକଳନ କରିଛନ୍ତି। ପ୍ରଶାସନିକ ଖର୍ଚ୍ଚ ୮୯,୬୨୦ କୋଟି ଆକଳନ କରାଯାଇଥିବାବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ୧ ଲକ୍ଷ କୋଟି, ବିପର୍ଯ୍ୟୟ ପ୍ରଶମନ ପାଇଁ ୩୨୧୦ କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ଖର୍ଚ୍ଚ ୭,୧୭୦ କୋଟି ବ୍ୟୟ ବରାଦ କରାଯାଇଛି। ଫେବୃୟାରୀ ଓ ମାର୍ଚ୍ଚ ମାସରେ ପଞ୍ଚାୟତିରାଜ ଓ ପୌର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବଜେଟ ଉପରେ ବିଚାରବିମର୍ଶ ଓ ବ୍ୟୟମଞ୍ଜୁରୀ ବିଲ୍ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ପାରିତ ହେବା ସମ୍ଭବ ନ ଥିଲା। ତେଣୁ ଏକ ପୂର୍ଣ୍ଣାଙ୍ଗ ବଜେଟ ପରିବର୍ତ୍ତେ ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ୪ ମାସ ଲାଗି କାମଚଳା ବଜେଟ ଆଣିଥିବା ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ବଜେଟ ଉପସ୍ଥାପନ ବେଳେ ନିରଞ୍ଜନ କହିଛନ୍ତି, ବିଶ୍ୱ ଅର୍ଥନୀତି ଦୁର୍ବଳ ଅବସ୍ଥାରେ ରହିଛି। କୋଭିଡ୍ ମହାମାରୀ ଏବଂ ପ୍ରତିକୂଳ ଅନ୍ତର୍ଜାତୀୟ ପରିସ୍ଥିତି ସତ୍ତ୍ୱେ ୨୦୨୨-୨୩ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ଜାତୀୟ ହାରଠାରୁ ଅଧିକ ରହିବ ବୋଲି ଆକଳନ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ୭.୮% ରହିବା ଆକଳନ କରାଯାଇଥିବାବେଳେ ଓଡ଼ିଶାର ଜିଏସ୍‌ଡିପି ୯ରୁ ୯.୫% ମଧ୍ୟରେ ରହିବ ବୋଲି ଅନୁମାନ କରାଯାଇଛି। ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ତଥା ଶିଳ୍ପ କ୍ଷେତ୍ର, ସାମାଜିକ କ୍ଷେତ୍ର, ନିଯୁକ୍ତି ସୃଷ୍ଟି ଏବଂ ଭିତ୍ତିଭୂମି ନିବେଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟର ନୋମିନାଲ ଜିଏସ୍‌ଡିପି ଅଭିବୃଦ୍ଧି ୧୨ ପ୍ରତିଶତରୁ ଅଧିକ ରହିବ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହି ବଜେଟରେ ଟିକସ ଓ ଜିଏସ୍‌ଡିପିର ଅନୁପାତ ୬.୪ ପ୍ରତିଶତ ହେବା ନେଇ ଆକଳନ କରାଯାଇଛି। ସେହିପରି ରାଜସ୍ୱ ବଳକା ଏସ୍‌ଡିପିର ୨.୭% ହେବ ଏବଂ ବିତ୍ତୀୟ ନିଅଣ୍ଟ ୩% ମଧ୍ୟରେ ସୀମିତ ରହିବ ବୋଲି ଆକଳନ କରାଯାଇଛି। ପୁଞ୍ଜି ବ୍ୟୟ ବାବଦକୁ ୪୦.୧୧% ଆକଳନ କରାଯାଇଛି, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦର ୫.୬ ପ୍ରତିଶତ। ବଜେଟରେ କାର୍ଯ୍ୟକ୍ରମ ଖର୍ଚ୍ଚ ପରିମାଣ ୧ ଲକ୍ଷ କୋଟି ଟଙ୍କା ଅଟକଳ କରାଯାଇଥିବାବେଳେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୨୦ ହଜାର ୩୪୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ୨୩,୯୪୭ କୋଟି, ସ୍ୱାସ୍ଥ୍ୟ ପାଇଁ ୧୨,୨୪୧ କୋଟି, ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୮,୨୫୫ କୋଟି ପୁଞ୍ଜି ବିନିଯୋଗ କରାଯିବ। ଅନୁସୂଚିତ ଜାତି, ଜନଜାତିଙ୍କ ବିଭିନ୍ନ ଯୋଜନା ପାଇଁ ୩୩,୨୦୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୧,୮୬୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ପାଇଁ ୨,୩୩୫ କୋଟି, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୨,୧୫୬ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

ରାଜ୍ୟ ସରକାର ୨୦୨୨ ଶେଷ ସୁଦ୍ଧା ସହରାଞ୍ଚଳ ଓ ୨୦୨୪ ଶେଷ ସୁଦ୍ଧା ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିଲାଗି ବସୁଧା ଯୋଜନାରେ ୨,୨୫୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଥିବାବେଳେ ସମସ୍ତଙ୍କୁ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ଜଳ ଜୀବନ ମିଶନରେ ୬ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ମାଧ୍ୟମରେ ଖାଦ୍ୟ ଉତ୍ପାଦନ, ଚାଷୀଙ୍କ ରୋଜଗାର ବୃଦ୍ଧି ଓ କୃଷକ କଲ୍ୟାଣ ପାଇଁ ୨୦,୩୪୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି କାଳିଆ ଯୋଜନାରେ ଚାଷୀଙ୍କ ପାଇଁ ୧ ହଜାର ୮୭୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଚାଷଜମିକୁ ଜଳସେଚନ ପାଇଁ ରାଜ୍ୟ ସରକାର ବଜେଟରେ ୮ ହଜାର ୫୨୩ କୋଟି ଟଙ୍କା ରଖିଥିବାବେଳେ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ଅସମ୍ପୂର୍ଣ୍ଣ ରହିଥିବା ପ୍ରକଳ୍ପ ପାଇଁ ୨,୪୯୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟରେ ନଦୀଗୁଡ଼ିକରେ ଜଳସ୍ରୋତ ହ୍ରାସ ପାଇଚାଲିଛି। ଏହାକୁ ଦୃଷ୍ଟିରେ ରଖି ନଦୀଗୁଡ଼ିକର ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଭିତ୍ତିଭୂମି ନିର୍ମାଣ ପାଇଁ ୧,୦୪୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ୫,୯୦୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ସହରାଞ୍ଚଳ ବାସଗୃହ ଯୋଜନା ଲାଗି ୪୬୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳ ଶ୍ରମିକଙ୍କୁ କାମଧନ୍ଦା ଯୋଗାଇଦେବା ସକାଶେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମ୍ୟାଟେରିଆଲ କମ୍ପୋନେଣ୍ଟ ପାଇଁ ୨,୦୦୧ କୋଟି ଏବଂ ଶ୍ରମିକଙ୍କ ମଜୁରିକୁ ଠିକ୍ ସମୟରେ ଦେବା ପାଇଁ ବଜେଟରେ କର୍ପସ ପାଣ୍ଠିକୁ ୫୦୦ କୋଟିରୁ ୧ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌର ସଂସ୍ଥାଗୁଡ଼ିକୁ ୧,୧୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସରକାର ବଜେଟରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ମୋଟ ୨୬,୪୯୨ କୋଟି ଟଙ୍କା ଖର୍ଚ୍ଚ ବରାଦ କରାଯାଇଥିବାବେଳେ ବେସରକାରୀ ହାଇସ୍କୁଲଗୁଡ଼ିକୁ ଅନୁଦାନ ଦେବା ଲାଗି ୧୦୯ କୋଟି ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକ ପାଇଁ ବଜେଟରେ ୧,୨୮୩ କୋଟି ବ୍ୟୟ ଅଟକଳ କରାଯାଇଛି। ସେହିପରି ମହିଳା ଓ ଶିଶୁ କଲ୍ୟାଣ ପାଇଁ ରାଜ୍ୟ ବଜେଟରେ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୩,୫୬୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମିଶନ ଶକ୍ତି ଜରିଆରେ ଗ୍ରାମାଞ୍ଚଳ ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ସରକାର ଆସନ୍ତା ବଜେଟରେ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ସେଥିରୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୧,୦୩୯ କୋଟି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କ ମହାସଂଘ ପାଇଁ ୭୭୩ କୋଟି ଏବଂ ବ୍ଲକସ୍ତରରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୧୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ବଜେଟରେ ସାମାଜିକ ନିରାପତ୍ତା ପାଇଁ ୩,୬୨୧ କୋଟି ଟଙ୍କା ଏବଂ ଖାଦ୍ୟ ନିରାପତ୍ତା ପାଇଁ ୧,୦୨୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।



ବିଧାନସଭାରେ ବୁଧବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ ଉପସ୍ଥାପନ କରୁଛନ୍ତି।

## ପୁଞ୍ଜି ବିନିଯୋଗକୁ ଫୋକସ୍

ରାଜ୍ୟ ସରକାର ବଜେଟରେ ପୁଞ୍ଜି ବିନିଯୋଗ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ୪୦,୦୧୧ କୋଟି ଅର୍ଥାତ୍ ଜିଏସ୍‌ଡିପିର ୫.୬% ବ୍ୟୟବରାଦ କରାଯାଇଛି। ସେଥିରୁ ବିଜୁ ଏକ୍ସପ୍ରେସ ୱେ ପାଇଁ ୩୦୦ କୋଟି ବ୍ୟୟ ବରାଦ କରାଯାଇଥିବାବେଳେ 'ଅବଢ଼ା' ଯୋଜନା ପାଇଁ ୧,୪୦୮, ଏକାମ୍ର ଯୋଜନାକୁ ୨୦୦ କୋଟି, ସମଲେଇ ଯୋଜନାକୁ ୨୦୦ କୋଟି, ବିଜୁ ସେତୁ ଯୋଜନା ଲାଗି ୧,୬୮୮ କୋଟି ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ସକାଶେ ୬୭୫ କୋଟି ବ୍ୟୟବରାଦ କରାଯାଇଛି। କୋଭିଡ୍ ମହାମାରୀ ଯୋଗୁ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶିଳ୍ପଗୁଡ଼ିକ ଆର୍ଥିକ ଦୁର୍ଗତି ଦେଇ ଗତିକରୁଛନ୍ତି। ସେମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ୨୦୨୨-୨୩ ଆର୍ଥିକ ବର୍ଷରେ ୧, ୬୩୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସାଧାରଣ ପ୍ରଶାସନ ଓ ଆଇନଶୃଙ୍ଖଳା ପାଇଁ ୮,୯୬୦ କୋଟି, ଜଙ୍ଗଲ କ୍ଷେତ୍ର ଲାଗି ୨,୧୯୩ କୋଟି, ପର୍ଯ୍ୟଟନ ପାଇଁ ୩୭୫ କୋଟି, ଯୁବ କଲ୍ୟାଣ ଓ କ୍ରୀଡ଼ାର ପ୍ରୋତ୍ସାହନ ସକାଶେ ୬୦୨ କୋଟି, ଯୋଜନା ଓ ସଂଯୋଜନା ପାଇଁ ୪୪୧ କୋଟି, ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପାଇଁ ୧୩୨ କୋଟି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ୩୨୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏସ୍‌ଡିଆରଏଫ୍ ପାଇଁ ୨,୨୪୬ କୋଟି ଏବଂ ଏନ୍‌ଡିଆରଏଫ୍ ଲାଗି ୯୬୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## କେଜ୍‌ରିୱାଲଙ୍କ ଘରକୁ ...

କଶ୍ମୀରୀ ପଣ୍ଡିତମାନେ କିପରି ଗଣପଳାୟନ କରିବାକୁ ବାଧ୍ୟ ହୋଇଥିଲେ ତାହା ଏଥିରେ ଦର୍ଶାଯାଇଛି। ଏହି ଚର୍ଚ୍ଚିତ ହିନ୍ଦୀ ସିନେମା ମାର୍ଚ୍ଚ ୧୧ରେ ରିଲିଜ୍ ହେବା ଦିନଠାରୁ ବିବାଦ ଘେରରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେବାବେଳେ 'କଶ୍ମୀର ଫାଇଲ୍ସ' ଦେଖିବାକୁ ପରାମର୍ଶ ଦେଇଥିଲେ। ଉତ୍ତର ପ୍ରଦେଶ, ଗୋଆ, ତ୍ରିପୁରା, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ହରିୟାଣା, ଗୁଜରାଟ, ଉତ୍ତରାଖଣ୍ଡ ଆଦି ଭାଜପା ଶାସିତ ରାଜ୍ୟରେ ଏହି ଫିଲ୍ମକୁ ଟିକସମୁକ୍ତ କରାଯାଇଛି। ତେଣୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ମଧ୍ୟ ଏହାକୁ ଜାତୀୟ ରାଜଧାନୀରେ ଟ୍ୟାକ୍ସ-ଫ୍ରି କରନ୍ତୁ ବୋଲି ଭାଜପା ନେତାମାନେ ଦାବି କରିଥିଲେ। ଏହାକୁ ନେଇ ବିଧାନସଭାରେ କେଜ୍‌ରିୱାଲ କହିଥିଲେ, ଆମକୁ ଟିକସମୁକ୍ତ କରିବାକୁ ଭାଜପା କାହିଁକି କହୁଛି। ଫିଲ୍ମକୁ ୟୁଟ୍ୟୁବ୍‌ରେ ଛାଡ଼ିବାକୁ ବିବେକ ଅଗ୍ନିହୋତ୍ରୀଙ୍କୁ କାହିଁକି କହୁନାହିଁ। ୟୁଟ୍ୟୁବ୍‌ରେ ଫିଲ୍ମକୁ ଛାଡ଼ିଦେଲେ ସମସ୍ତେ ଦେଖିପାରିବେ। ଟ୍ୟାକ୍ସ ଫ୍ରି କରିବା ଅନାବଶ୍ୟକ। କେଜ୍‌ରିୱାଲଙ୍କ ଏହି ମନ୍ତବ୍ୟକୁ ନେଇ ଭାଜପା ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଥିଲା। ଏହି ପ୍ରସଙ୍ଗରେ ଭାଜପା ଯୁବ ମୋର୍ଚ୍ଚା ଜାତୀୟ ସଭାପତି ତଥା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟାଙ୍କ ନେତୃତ୍ୱରେ ୧୫୦-୨୦୦ ବିକ୍ଷୋଭକାରୀ ବୁଧବାର ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କ ୬ ଫ୍ଲାଗ୍ ଷ୍ଟାଫ୍ ରୋଡ୍‌ସ୍ଥିତ ସରକାରୀ ବାସଭବନ ଆଗରେ ପୂର୍ବାହ୍ନ ୧୧ଟା ୩୦ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିନ୍ତୁ ସେମାନଙ୍କୁ ହଟାଇଦିଆଯାଇଥିଲା। ସବୁ ପ୍ରକାର ସୁରକ୍ଷା ବନ୍ଦୋବସ୍ତ ସତ୍ତ୍ୱେ ଅପରାହ୍ନ ୧ଟାରେ ୧୫ରୁ ୨୦ ବିକ୍ଷୋଭକାରୀମାନେ ବାସଭବନକୁ ପଶିବାରେ ସକ୍ଷମ ହୋଇଥିଲେ। ବିକ୍ଷୋଭକାରୀ ବ୍ୟାରିକେଡ୍ ଭାଙ୍ଗି ସ୍ଲୋଗାନ ଦେଇ ହଙ୍ଗାମା କରୁଥିବାବେଳେ ପୋଲିସ ସେମାନଙ୍କୁ ହଟାଇ ଦେଇଥିବା ଡିସିପି ଡେପୁଟି କମିଶନର ସାଗର ସିଂ କାଲ୍‌ସି କହିଛନ୍ତି। ଆଇପିସି ଦଫା ୧୮୬, ୧୮୮, ୩୫୩, ୩୩୨ ଏବଂ ସାଧାରଣ ସମ୍ପତ୍ତି ନଷ୍ଟ ନିବାରଣ ଆଇନର ଧାରା ୩ ବଳରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଟିମ୍ ଗଠନ କରାଯାଇଥିବା ଦିଲ୍ଲୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉପମୁଖ୍ୟମନ୍ତ୍ରୀ ସିସୋଡିଆ କହିଛନ୍ତି, ଭାଜପା ଯୁବ ମୋର୍ଚ୍ଚାର କର୍ମୀମାନେ ଦିଲ୍ଲୀ ପୋଲିସ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିଥିଲେ। ସେମାନେ ସିସିଟିଭି କ୍ୟାମେରା ଭାଙ୍ଗିବା ସହ ସୁରକ୍ଷା ପାଚେରିକୁ ନଷ୍ଟ କରିଦେଇଛନ୍ତି। ଏଥିସହ ଘର ମୁଖ୍ୟ ଗେଟ୍‌ରେ ରଙ୍ଗ ବୋଳିଛନ୍ତି। ଭାଜପା କେଜ୍‌ରିୱାଲଙ୍କୁ ନିର୍ବାଚନରେ ହରାଇ ନ ପାରିବାରୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚୁଛି। ଅନ୍ୟପକ୍ଷେ ଭାଜପା କହିଛି, କେଜ୍‌ରିୱାଲ ବିସ୍ଥାପିତ କଶ୍ମୀରୀ ପଣ୍ଡିତଙ୍କୁ ଉପହାସ କରିଥିବାରୁ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଏଏପି ଏହାକୁ ନେଇ ଡ୍ରାମା କରୁଛି ଓ ଭିକ୍ଟିମ୍ କାର୍ଡ ଖେଳୁଛି। କଶ୍ମୀରୀ ହିନ୍ଦୁମାନେ ପୀଡ଼ିତ, ଏଏପି ଏବଂ କେଜ୍‌ରିୱାଲ ନୁହନ୍ତି ବୋଲି ତେଜସ୍ୱୀ ସମାଲୋଚନା କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓକିଲ ଭାଇ,**
**ଯାହାର ଖାଇବ ତା'ର ଗାଇ।**

ଓକିଲ ବିଚାରାଳୟରେ ମକଦ୍ଦମା ଲଢ଼େ। ପାରିଶ୍ରମିକ ସ୍ୱରୂପ ମହକିଲଠାରୁ ପଇସା ନିଏ। ଯାହାଠାରୁ ପଇସା ପାଏ ସେ ତା' ପକ୍ଷ ନେଇ ମକଦ୍ଦମା ଲଢ଼ିଥାଏ। ଏହାହିଁ ଓକିଲଙ୍କ ପେସା ବା ବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଳି ଗୁଣେ କୋଳି**
**ପଲମ ଗୁଣେ ସରୁ ଚକୁଳି**
**ଦେଉଥା ପିଠଉ ଗୋଳି ।**

ବଂଶର ଗୁଣ ଅନୁସାରେ ପିଲାର ଗୁଣ ମଧ୍ୟ ପ୍ରସ୍ଫୁଟିତ ହୋଇଥାଏ। ପଲମ ଠିକ୍ ଥିଲେ ସେଥିରେ ଭଲ ଚକୁଳି ପିଠା ଗଢି ହୋଇଥାଏ। ଯେଉଁ ଅନୁସାରେ ଯତ୍ନ କରାଯାଇଥାଏ, ସେଇ ଅନୁସାରେ ଫଳ ଫଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



## ମିକାଙ୍କ ସ୍ୱୟଂବର

ମୁମ୍ବାଇ: ସଙ୍ଗୀତ ଦୁନିଆର ପରିଚିତ ଚେହେରା ମିକା ସିଂ ବର୍ତ୍ତମାନ ହାତକୁ ଦୁଇହାତ ହେବାକୁ ଯାଉଛନ୍ତି। ସେ ବର୍ତ୍ତମାନ ଏକ ଟିଭି ଶୋ' 'ସ୍ୱୟଂବର- ମିକା ଦି ବୋହତୀ'ରେ ନିଜ ବିବାହ ପାଇଁ କନ୍ୟା ଖୋଜିବାକୁ ଚର୍ଚ୍ଚାରେ ରହିଛନ୍ତି। ଏନେଇ ମିକା ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରି ଘୋଷଣା କରିଛନ୍ତି। ଏକ ସାକ୍ଷାତ୍‌କାରରେ ମିକା କହିଛନ୍ତି, ତାଙ୍କୁ ବିବାହ ପାଇଁ ଗତ ୨୦ ବର୍ଷ ମଧ୍ୟରେ ୧୦୦ରୁ ୧୫୦ ପ୍ରସ୍ତାବ ଆସିଛି, ହେଲେ ସେ ସବୁ ପ୍ରସ୍ତାବକୁ ମନା କରିଦେଇଥିଲେ। ସେତେବେଳେ ସେ ବାହାଘର ପାଇଁ ପ୍ରସ୍ତୁତ ନ ଥିଲେ। ଏହାସହ ସେ ନିଜ କ୍ୟାରିୟର ପ୍ରତି ଧ୍ୟାନଦେବାକୁ ଚାହିଁଥିଲେ। କିନ୍ତୁ ଏବେ ସେ ବିବାହ କରିବାକୁ ପ୍ରସ୍ତୁତ ଅଛନ୍ତି। ଏହି ଶୋ' ମାଧ୍ୟମରେ ନିଜ ଜୀବନସାଥୀ ଖୋଜିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଛଡା ମିକା କହିଛନ୍ତି, ଲୋକମାନେ ଭାବନ୍ତି କି ସେ ଅନେକ ଝିଅଙ୍କୁ ନେଇ ପାର୍ଟି ଏବଂ ସମୟ ବିତାଇବାକୁ ଚାହାଁନ୍ତି, ଯାହା ସମ୍ପୂର୍ଣ୍ଣ ମାତ୍ରାରେ ଭୁଲ୍। ତାଙ୍କର ଏତେ ସାହସ ନାହିଁ କି ସେ ତାଙ୍କ ବଡ ଭାଇ ଦଲେର ମେହନ୍ଦୀ ଏବଂ ପରିବାର ଆଗକୁ ଗର୍ଲଫ୍ରେଣ୍ଡ ନେଇକି ଆସିବେ। ତାଙ୍କ ପରମ୍ପରାରେ ଝିଅଙ୍କୁ ସମ୍ମାନ ଦିଆଯାଏ। ତେବେ ଭାଇ କହିବାରୁ ସେ ତାଙ୍କ ପାଇଁ ଝିଅ ଖୋଜିବାକୁ ଏବେ ପ୍ରସ୍ତୁତ ଅଛନ୍ତି। ତାଙ୍କୁ ୪୪ ବର୍ଷ ବୟସ, ସେ ଶୋ' ଜରିଆରେ ଭଲ ଝିଅ ଖୋଜି ବିବାହ କରିବାକୁ ଚେଷ୍ଟ କରିବେ ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କାମ ହାସଲ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇବେ । ପରିବାର ସହ ଦର୍ଶନୀୟ ସ୍ଥାନ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାର ପାଇଁ ପରିସ୍ଥିତି ବଶତଃ ଧାର କରଜ କରି କାମ ଚଳାଇ ନେବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ କମିଯିବ। ସାମାଜିକ ସ୍ତରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ଦୂର ସ୍ଥାନରେ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ସହକର୍ମୀଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ମିଥୁନ**
ଆକସ୍ମିକ ଭାବରେ ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସମ୍ମୁଖରେ ନିଜର ମନକଥା ପ୍ରକାଶ କରିପାରିବେ ନାହିଁ। ପାରିବବାରିକ ଦିଗରୁ ଭୋଗବିଳାସରେ ବାଧାବିଘ୍ନ ଘଟି ପାରେ। ମୃଗଶିରା ନକ୍ଷତ୍ର ମାନସିକ ଅସ୍ଥିରତା ମଧ୍ୟରେ ସମୟ କାଟିବେ।

**କର୍କଟ**
ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ରାସ୍ତାରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆବଶ୍ୟକତା ଅନୁଯାୟୀ ଆଜି ପରିବାର ପାଇଁ ମନଲାଖି ଜିନିଷ ଗୁଡାଏ କିଣିବେ। ବିବାଦର ଅବସାନ ଘଟିବା ସହ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ସିଂହ**
ଅଧିକାଂଶ ସମୟ ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ। ବନ୍ଧୁଙ୍କୁ ବହୁତ କଥା କହିବାକୁ ଇଚ୍ଛାଥିଲେ ମଧ୍ୟ କିଛି କହି ପାରିବେ ନାହିଁ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**କନ୍ୟା**
ଆକସ୍ମିକ ଭାବରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ସମ୍ଭାବନା ରହିଛି । ବହୁତ ଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା**
ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ଆକସ୍ମିକ ଆଗନ୍ତୁକ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଚାକିରିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ।

**ବିଛା**
ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରୁ ଫେରିବାରେ ବିଳମ୍ବ ଘଟିବ। ଭଡାଟିଆମାନଙ୍କ ସହ ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ। ପାରସ୍ପରିକ ବୁଝାମଣା ହେତୁ ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଇବ। ସମସ୍ୟାର ସମାଧାନ କରିବା ସହ କୌଶଳ ପ୍ରୟୋଗ କରି କାମ ହାସଲ କରିବେ।

**ଧନୁ**
ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟ ସକାଶେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବନ୍ଧୁ ଗହଣରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଯେକୌଣସି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅତ୍ୟାବଶ୍ୟକ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର**
ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। କଥାକହିବା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ପରିବାର ସହ ଆକସ୍ମିକ ଭାବରେ ସୁଖଭ୍ରମଣ ଯୋଗ ରହିଛି। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ।

**କୁମ୍ଭ**
ସହମତି ଭିତ୍ତିରେ କାମକଲେ ସମସ୍ୟାର ସରଳ ସମାଧାନ ହେବ। ବନ୍ଧୁମାନଙ୍କ ସହାୟତାରେ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରରେ ପିଲାମାନଙ୍କ ପଡା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ମୀନ**
କର୍ମକ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ମନକୁ ବିବ୍ରତ କରିପାରିବ ନାହିଁ। ବିଶେଷଭାବରେ ଆଜି ରାଜନୀତିରେ, ସଂଗଠନରେ, ସଭାସମିତିରେ ଆଶାଜନକ ଫଳ ପାଇବେ । ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ।

## classifieds Everyday
0674-2580101, 2549302



SALE

Plot For Sale at Chaatabar per sqft. @99/-. 9583295832, 8249017091. D-23501

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939. D-71799

Sum Hospital ଘଘଂପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

Booking open- 2BHK, 3BHK Apartment for sale near AIIMS Hospital & Doon International School (Patrapada, Bhubaneswar). Contact: 9090770637, 9938670164. D-71965

ନଖରା, ପଞ୍ଚବଟି, ପାହାଳ, ବାଲିଅନ୍ତା, ତମାଣ୍ଡୋରେ develop ହୋଇଥିବା ପ୍ଲଟ କିଣି ଘର କରନ୍ତୁ। 9938603188. D-73218

1.4KM from Pitapalli Chandaka bypass Bhubaneswar (loan available) developed for home sqft.-999/- Gangapada Priyanka- 7735142073. D-73217

Yellowzone ୨୦୦ ଫୁଟ ରାସ୍ତାରେ sqft.300/- ଜାଗା ବିକ୍ରି ହେଉଛି। 7327055890. D-71483

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856. D-73215

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71970

4500sqft. plot sale infrontof ASBM, Chandaka, At-Bhola. Contact: 9338572999. D-23424

60ft. ପିଚୁ ରୋଡ୍‌କୁ ଲାଗି 18ଗୁଣ୍ଠ commercial Plot Bhubaneswar GIFT College ସାମ୍ନାରେ ତୁରନ୍ତ ବିକ୍ରିହେବ। per ଗୁଣ୍ଠ @900000/- Owner- 9437033320. D-73213



New house 960 sqft., two bath, dinning, drawing. Ph.- 9668682755. D-71525

650 sqft. shop room, available for rent. Main road side, Lewis Road, Bhubaneswar. Contact: 9439000420. D-70784

Residential Accommodation in 4th floor, 2BHK Flat of 1200 Sqft., 2-Toilets and One Balcony, well ventilated at Canal Road, Bomikhal. Contact : 9439572658. D-23526



Newly open full body massage ladies and gents. 8327740003. D-71884

Newly opening SPA positively health benefits with expert therapist. 8917332216. D-71971

Relax, Refresh your body, Mind at Saikrupa Spa with best therapies. 8984068077. D-23511

Refreshing your mind and body with the best therapy, 7873794731. D-23292

Newly open SPA positively health benefits expert therapist, Kalpana. 7846814019. D-71480

AFFIDAVIT

I, Silka Das, W/o-Subash Chandra Sahoo, have changed my name to Silka Subash Sahoo vide affidavit No.-4082, Dt.01.02.2022 sworn before Executive Magistrate, Sadar, Cuttack. D-23525

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସେବାରେ ଗ୍ରାହକ ସନ୍ତୁଷ୍ଟ

**କୋଭିଡ୍ ପରଠାରୁ ଗାଡ଼ି ବ୍ୟବସାୟ ନାନା ସମସ୍ୟା ଦେଇ ଗତିକରୁଛି। ଯାନବାହନ ଉତ୍ପାଦନ କମିଯାଇଥିବାବେଳେ ନିର୍ମାଣ ଲାଗି ଆବଶ୍ୟକ ଉପକରଣର ଦର ବୃଦ୍ଧି ସମସ୍ୟାକୁ ବହୁଗୁଣିତ କରିଛି। ଏଭଳି ଏକ ଚ୍ୟାଲେଞ୍ଜିଂ ସମୟରେ ଗ୍ରାହକଙ୍କୁ ଉତ୍ତମ ସେବା ଦେଇ ସନ୍ତୋଷ କରିବାକୁ ଉଦ୍ୟମ କରିଛି ରାଜଧାନୀର ଜଣାଶୁଣା ଗାଡ଼ି ବିକ୍ରେତା ସୁପର ସେଲ୍ସ। ବାଣିଜ୍ୟ ଓ ମ୍ୟାନେଜ୍‌ମେଣ୍ଟ ଶିକ୍ଷା ପରେ ଏହି ବ୍ୟବସାୟିକ ପ୍ରତିଷ୍ଠାନକୁ ଆଗେଇ ନେଇଥିବା ଯୁବ ଉଦ୍ୟୋଗୀ ତଥା ସୁପର ସେଲ୍ସ ପରିଚାଳନା ନିର୍ଦ୍ଦେଶକ ଶ୍ଳୋକ ସେନ ଧରିତ୍ରୀକୁ ସାକ୍ଷାତ୍‌କାର ଦେବାବେଳେ ନିଜ ବିଜ୍‌ନେସ କ୍ୟାରିୟର ଓ ସାମ୍ପ୍ରତିକ ବଜାର ଉପରେ ଅବତାରଣା କରିଛନ୍ତି।**



ଶ୍ଳୋକ ସେନ୍
ଏମ୍‌ଡି, ସୁପର ସେଲ୍ସ ମୋଟର୍ସ

**✪ ଚାକିରି ନ କରି ବ୍ୟବସାୟ ପ୍ରତି ମନ ବଳାଇଲେ କାହିଁକି?**
ନିଯୁକ୍ତିକୁ ନେଇ ନାନା ସମସ୍ୟା ରହିଥାଏ। ତେଣୁ ଚାକିରି କରିବା ବଦଳରେ ଯୋଗାଇବା ପାଇଁ ବ୍ୟବସାୟ କରିବାକୁ ଭାବିଥିଲି। ବାଣିଜ୍ୟ ଓ ମ୍ୟାନେଜମେଣ୍ଟ ଶିକ୍ଷା ପରେ କିଛି ନୂଆ କରିବା ଆଶାରେ ବ୍ୟବସାୟରେ ପ୍ରବେଶ କରିଥିଲି। ମୁଁ ଜଣେ ବାଇକ୍‌ପ୍ରେମୀ ଏବଂ ରାଇଡିଂରେ ରୁଚି ରଖୁଥିବାରୁ ବାଇକ୍ ବ୍ୟବସାୟ ପ୍ରତି ଆଗ୍ରହୀ ଥିଲି। ପରିବାର ସହଯୋଗ ଓ ପରିଜନଙ୍କ ଶୁଭେଚ୍ଛା ଫଳରେ ବ୍ୟବସାୟ ନିଷ୍ପତ୍ତି ଅନେକ ମାତ୍ରାରେ ଠିକ୍ ଥିଲା ବୋଲି ଅନୁଭବ କରୁଛି।

**✪ ସୁଜୁକି ବ୍ରାଣ୍ଡ ଆଉ ସୁପର ସେଲ୍ସର ପରିକଳ୍ପନା ଓ ଏହାର ଯାତ୍ରା ସମ୍ପର୍କରେ କ'ଣ କହିବେ?**
ଓଡ଼ିଶା ବଜାରରେ ୨ ଚକିଆ ଯାନ ବିକ୍ରି ପାଇଁ କମ୍ପାନୀ ଯୋଜନା କରୁଥିବା ସମୟରେ ସୁଜୁକି ପକ୍ଷରୁ ମୋ ଜେଜେ ବାପାଙ୍କୁ ଏକ ସୁଯୋଗ ମିଳିଥିଲା। ୨୦୦୬ରେ ଭୁବନେଶ୍ୱର ବଜାର ପାଇଁ କମ୍ପାନୀ ପକ୍ଷରୁ ସ୍ୱୀକୃତି ମିଳିବା ସହ ସୁପର ସେଲ୍ସର ଅୟମଆରମ୍ଭ ହୋଇଥିଲା। ଏହାରିମଧ୍ୟରେ ମୋର ଉଚ୍ଚଶିକ୍ଷା ଶେଷ ହୋଇଯାଇଥିଲା। ପରିବାର ଲୋକଙ୍କ ସହଯୋଗରେ ମୁଁ ୨୦୧୬ରେ ସୁପର ସେଲ୍ସର ଦାୟିତ୍ୱ ବହନ କରିଥିଲି। ଏହା ପରଠାରୁ ସଂସ୍ଥା ଅନେକ ପଥ ଅତିକ୍ରମ କରିସାରିଥିଲେ ବି ମୂଳ ଲକ୍ଷ୍ୟ ହାସଲ ପାଇଁ ପ୍ରୟାସ ଜାରି ରଖିଛି। ଏହାର ଗ୍ରାହକ ଏବଂ କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ସୁପର ସେଲ୍ସର ବିକ୍ରି ଓ ବିକ୍ରି ପର ସେବାରେ ସନ୍ତୁଷ୍ଟ। ଲୋକସମ୍ପର୍କ ଓ ବଜାର ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ବ୍ୟବସାୟ କରାଯାଇଥାଏ। ହେଲେ କଠିନ ପରିଶ୍ରମ ଓ ଗ୍ରାହକ ଚାହିଦାକୁ ଗୁରୁତ୍ୱ ଦେବାକୁ ପଡ଼ିବ।

**✪ ବ୍ୟବସାୟିକ ସଫଳତାର ଶ୍ରେୟ କାହାକୁ ଦେବେ?**
ମୁଁ ନିମିତ୍ତ ମାତ୍ର। ସଫଳ ବ୍ୟବସାୟୀ ବୋଲି କେବେ କହିନାହିଁ। ହେଲେ ପରିବାର ଆଶୀର୍ବାଦ, ମା'ଙ୍କ ଶୁଭେଚ୍ଛା ଓ ଭଗବାନଙ୍କର ଦାନ ଯୋଗୁ ସବୁ ସମ୍ଭବ ହୋଇଛି ବୋଲି ଭାବିଥାଏ। ଏହି ଛୋଟିଆ ସଫଳତା ମୁଁ ମୋ ମାଆ ଓ କର୍ମଚାରୀ ଏବଂ ଗ୍ରାହକଙ୍କ ଯୋଗୁ ପାଇପାରିଛି। ବ୍ୟବସାୟ ପାଇଁ ଧୈର୍ଯ୍ୟର ଆବଶ୍ୟକତା ରହିଛି। ଧୈର୍ଯ୍ୟ ଧରି ସମାଧାନର ବାଟ ବାହା କରିବା ମା'ଙ୍କ ଠାରୁ ଶିଖିଛି।

**✪ କୋଭିଡ୍ ପରଠାରୁ ଗାଡ଼ି ବ୍ୟବସାୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। କିଭଳି ସମାଧାନ କରୁଛନ୍ତି?**
ଗାଡ଼ି ବ୍ୟବସାୟରେ ସବୁ ସମୟରେ ସମସ୍ୟା ରହିଥାଏ। ହେଲେ ସେ ସବୁର ସମାଧାନ କରାଯାଇଛି। ହେଲେ କୋଭିଡ୍ ପରଠାରୁ ସେହି ସମସ୍ୟା ବଢ଼ିଯାଇଛି। ଗାଡ଼ିଉତ୍ପାଦନ କମିଥିବାବେଳେ ନିର୍ମାଣ ଲାଗି ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଇଛି। ଚାଇନା ସହ ବାଣିଜ୍ୟିକ କଟକଣା ଜାରି ହେବା ଦିନରୁ ଚିପ୍ ଭଳି ଅନେକ ଅଭାବ ଭାରତ ବଜାରରେ ପରିଲକ୍ଷିତ ହୋଇଛି। ଏହା ଅଟୋଶିଳ୍ପକୁ ପ୍ରଭାବିତ କରୁଛି। ଫଳରେ ଗ୍ରାହକଙ୍କ ଚାହିଦା ପୂରଣରେ ବିଳମ୍ବ ହେଉଛି। କମ୍ପାନୀର ଗୁଣାତ୍ମକ ସାମଗ୍ରୀ ଏବଂ ଶୋ'ରୁମ୍‌ର ସର୍ଭିସ୍‌ରେ ଗ୍ରାହକ ସନ୍ତୁଷ୍ଟ ଅଛନ୍ତି।

**✪ ସୁଜୁକି ଓ ଜାୱାର ଚାହିଦା କିଭଳି ରହିଛି, କେଉଁ ମଡେଲ ସର୍ବାଧିକ ବିକ୍ରି ହେଉଛି?**
ଗ୍ରାହକଙ୍କ ପସନ୍ଦ ଓ ଆବଶ୍ୟକତା ପୂରଣ କରିବା ହେଉଛି ଆମର ପ୍ରଥମ କର୍ତ୍ତବ୍ୟ। କମ୍ପାନୀର ଉତ୍ପାଦ ଗ୍ରାହକଙ୍କ ଇଚ୍ଛାକୁ ନେଇ ଚାଲିଥାଏ। ୨ଟି ମଡେଲ ଓ କମ୍ପାନୀର ଭିନ୍ନ ଗ୍ରାହକ ଥିବାରୁ ବିକ୍ରି ମଧ୍ୟ ଫରକ୍ ରହିଥାଏ। ବର୍ତ୍ତମାନ ସମୟରେ ସୁଜୁକିର ପ୍ରତି ୧୦୦ ୟୁନିଟ୍ ଗାଡ଼ି ବିକ୍ରି ପାଇଁ ଯେତିକି ସମୟ ଲାଗିଥାଏ ସେହି ଅନୁସାରେ ଜାୱାର ଗାଡ଼ି ପ୍ରାୟ ୪୦% ଆଗୁଆ ଶେଷ ହୋଇଯାଏ। ଯୁବବର୍ଗଙ୍କ ପାଇଁ ଉଭୟ ମଡେଲର ଭଳିକିଭଳି ଗାଡ଼ି ଉପଲବ୍ଧ। ଉଭୟ ବର୍ଗର ଗ୍ରାହକ ଅଛନ୍ତି। ବିକ୍ରି ସମ ପରିମାଣରେ ନ ହେଲେ ମଧ୍ୟ ଉପର ତଳ କାରବାର ପ୍ରତିମାସରେ ହେଉଛି।

**✪ ଗାଡ଼ି ବ୍ୟବସାୟରେ ଜିଏସ୍‌ଟି ଏବଂ ଆର୍‌ଟିଓକୁ କିଭଳି ଦେଖୁଛନ୍ତି?**
ଗାଡ଼ି ବ୍ୟବସାୟୀ ଉଭୟ ଟିକସ ଓ ପରିବହନ ବିଭାଗ ସହ ଭଲ ଭାବରେ ଜଡ଼ିତ ରହିଥାନ୍ତି। ନ ହେଲେ ଅନେକ ସମସ୍ୟା ଲାଗି ରହିଥିବ। ୨୦୧୦ର ଉଭୟ ବିଭାଗର କାର୍ଯ୍ୟକାଳ ଓ ପଦକ୍ଷେପ ୨୦୨୦ ବେଳକୁ ଅନେକ ପରିବର୍ତ୍ତନ ହୋଇଯାଇଛି। ସେହିପରି ଜିଏସ୍‌ଟି ଲାଗୁ ହେବା ପରଠାରୁ ବ୍ୟବସାୟୀମାନେ ସହଜ ଓ ସୁବିଧାରେ ଟିକସ ପ୍ରଦାନ କରିପାରୁଛନ୍ତି। ସରକାର ପରିବହନ ବ୍ୟବସ୍ଥାକୁ ଡିଜିଟାଲ କରିବା ଫଳରେ ଆର୍‌ଟିଓ କାର୍ଯ୍ୟ ଶୀଘ୍ର ହୋଇପାରୁଛି। ଫଳରେ ଗ୍ରାହକ ଅତି ସହଜରେ ଗାଡ଼ି ସହ ତା'ର କାଗଜପତ୍ର ପାଇପାରୁଛନ୍ତି।

**✪ ଅବସର ସମୟରେ କ'ଣ କରିବାକୁ ପସନ୍ଦ କରିଥାନ୍ତି?**
ଅବସର ବୋଲି କିଛି ସମୟ ନ ଥାଏ ହେଲେ ବ୍ୟସ୍ତ ବହୁଳ ସମୟ ମଧ୍ୟରେ କିଛି ସମୟ ବାହାର କରି ଉଭୟ ପରିବାର ଓ ପରିଜନ ସହ ନିଜ ସାଙ୍ଗସାଥୀଙ୍କୁ ଦେବା ପ୍ରୟାସ କରିଥାଏ। ସବୁ ପରେ ମଧ୍ୟ ପ୍ରତି ରବିବାର ସାଙ୍ଗମାନଙ୍କ ସହ ବାଇକ୍ ରାଇଡିଂରେ ବିଭିନ୍ନ ସ୍ଥାନକୁ ଯାଏ। ଘରେ ଥିଲେ ଟିଭି ଦେଖେ, କ୍ରୀଡ଼ା ଓ ମନୋରଞ୍ଜନରେ ସମୟ ଅତିବାହିତ କରିଥାଏ। ସୁବିଧା ଦେଖି ପରିଭ୍ରମଣରେ ମଧ୍ୟ ଯାଇଥାଏ।

# ଲୋକଙ୍କ ହିତରେ ଓଡ଼ିଶା ଷ୍ଟିଭେଡର୍ସ

**ରାଜ୍ୟ ତଥା ଦେଶର ଆର୍ଥିକ ଉନ୍ନତିରେ ଆମଦାନୀ ଓ ରପ୍ତାନି ବିଶେଷ ଭୂମିକା ଗ୍ରହଣ କରିଥାଏ। ଆମ ରାଜ୍ୟର ଜଳପଥରେ ପଣ୍ୟ କାରବାର ପ୍ରାୟତଃ ଗୋପାଳପୁର ଓ ପାରାଦୀପରୁ ହୋଇଥାଏ। ଏହାକୁ ସମ୍ଭବ କରୁଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ ଅନ୍ୟତମ। ଏହାଛଡ଼ା ବନ୍ଦର, ବିଳାସପୂର୍ଣ୍ଣ କାର୍ ବିକ୍ରୟ ସହ ଅନ୍ୟାନ୍ୟ ବ୍ୟବସାୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଓଏସ୍‌ଏଲ୍‌ର ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର।**



ଚର୍ଚ୍ଚିତ ମିଶ୍ର, ନିର୍ଦ୍ଦେଶକ, ଓଏସ୍‌ଏଲ୍

**❖ ଓଏସ୍‌ଏଲ୍ ଗ୍ରୁପ୍‌କୁ ଆପଣ କିପରି ଆସିଲେ?**
ଓଏସ୍‌ଏଲ୍ ଗ୍ରୁପ୍‌କୁ ଆସିବାର ଚିନ୍ତାଧାରା ମୋର ପୂର୍ବରୁ ଥିଲା। ୨୦୧୧ରେ ମୁଁ ଓଏସ୍‌ଏଲ୍‌ରେ ଯୋଗଦେଇଥିଲି। ବାପା ମହିମାନନ୍ଦ ମିଶ୍ର ଏହି କମ୍ପାନୀର ଚେୟାରମ୍ୟାନ୍ ହୋଇ ମଧ୍ୟ ମୁଁ ଭାଇଜାଗ୍ ଅଫିସ୍‌ରେ ସୁପରଭାଇଜର ଭାବେ କାର୍ଯ୍ୟ ଆରମ୍ଭ କରିଥିଲି। ଏପରି କି ସେତେବେଳେ ମୋତେ କୌଣସି ସ୍ୱତନ୍ତ୍ର ଚାମ୍ବର ମିଳି ନ ଥିଲା।

**❖ ବ୍ୟବସାୟ କୌଶଳ ଓ କାର୍ଯ୍ୟଶୈଳୀ ସମ୍ପର୍କରେ ଏତେ କମ୍ ବୟସରୁ କିପରି ଦକ୍ଷତା ହାସଲ କଲେ?**
ପିଲାବେଳରୁ ବ୍ରେକ୍‌ଫାଷ୍ଟ ଏବଂ ଡାଇନିଂ ଟେବୁଲ୍‌ରେ ବାପାଙ୍କ ସହିତ ବ୍ୟବସାୟ ବିଷୟରେ ଆଲୋଚନା ହୋଇଆସୁଥିଲା। ତଥାପି ଭାଇଜାଗ୍‌ରେ ଥିବା ସେତେବେଳେର ଶାଖା ପରିଚାଳନାରୁ କାର୍ଯ୍ୟ କରିବାର ଶୈଳୀ ସମ୍ପର୍କରେ ଶିକ୍ଷା ଆହରଣ କରିଥିଲି। କମ୍ପାନୀର ଅନ୍ୟ କେତେଜଣ ବରିଷ୍ଠ ଅଧିକାରୀଙ୍କଠାରୁ ମଧ୍ୟ ବ୍ୟବସାୟ କୌଶଳ ବିଷୟରେ ଅନେକ କିଛି ଶିକ୍ଷା ପାଇଥିଲି।

**❖ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ କେବଳ ଏକ ଷ୍ଟିଭେଡିଂ ସଂସ୍ଥା ନୁହେଁ, ବରଂ ଏଠାରେ ବିଭିନ୍ନ ପ୍ରକାର କାର୍ଯ୍ୟ ସମ୍ପାଦନ ହୋଇଥାଏ। ଆପଣ ଏହାକୁ କିପରି ପରିଚାଳନା କରୁଛନ୍ତି?**
ପ୍ରଥମରେ ଓଏସ୍‌ଏଲ୍ ଏକ ପ୍ରଫେସନାଲ୍ ଡ୍ରିଭେନ୍ କମ୍ପାନୀ। ଆମେ ନିଯୁକ୍ତି ବେଳେ ସମୟ ନେଇ ଠିକ୍ ଏମ୍ପ୍ଲୟିଙ୍କୁ ଚୟନ କରିଥାଉ। ଥରେ ଆମ କମ୍ପାନୀରେ ରହିବା ପାଇଁ ଯୋଗ୍ୟ ବିବେଚିତ ହୋଇଗଲେ, ଆମେ ସେମାନଙ୍କୁ ଏକ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇଥାଉ। ଫଳରେ କମ୍ପାନୀ ପରିଚାଳନା ସହଜ ହୋଇଥାଏ।

**❖ ବର୍ତ୍ତମାନ ପରିପେକ୍ଷୀରେ ଷ୍ଟିଭେଡିଂ କମ୍ପାନୀ ପାଇଁ କି ସମସ୍ୟା ରହିଛି?**
ଓଏସ୍‌ଏଲ୍‌ର ହିଁ ଷ୍ଟିଭେଡିଂ (ଜାହାଜଗୁଡ଼ିକରେ ମାଲ୍ ବୋଝେଇ ଓ ଖଲାସ୍ କାର୍ଯ୍ୟ)ରୁ ହୋଇଥିଲା। ବନ୍ଦରଗୁଡ଼ିକରେ ଶ୍ରମିକମାନଙ୍କ କାର୍ଯ୍ୟ ଷ୍ଟିଭେଡିଂ। ଏହାଛଡ଼ା ଆମକୁ କେତେକ ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ କରିବାକୁ ପଡୁଛି। କାରଣ ମାଲ୍ ବୋଝେଇ ଖଲାସ୍ କାମ ଧୀରେ ଧୀରେ କମିଆସୁଛି। ଏହାଛଡ଼ା ଆମେ ମାଇନିଂ, ମେକାନିକାଲ୍ ବର୍ଥ ଓ ଜଳପଥ ମାଲ୍ ପରିବହନ ଇତ୍ୟାଦି କାର୍ଯ୍ୟରେ ମନୋନିବେଶ କରୁଛୁ। ଗୋପାଳପୁର ପୋର୍ଟ ମଧ୍ୟ ଆମେ ନେଇଛୁ।

**❖ ଗୋପାଳପୁର ବନ୍ଦର ପ୍ରତିଷ୍ଠା କରି ଆପଣଙ୍କ ଚିନ୍ତା ସଫଳ ହୋଇଛି କି?**
ପାରାଦୀପ ବନ୍ଦର ୬୦ ଦଶକରେ ଆରମ୍ଭ ହୋଇଥିଲା। ୯୦ ଦଶକ ଯାଏ ପ୍ରାୟ ୩୦ରୁ ୩୫ ମିଲିୟନ୍ ଟନ୍ ମାଲ୍ ପରିବହନ ହୋଇପାରୁଥିଲା। ୧୨୦ ମିଲିୟନ୍ ଟନ୍ ମାଲ୍ ପରିବହନ ପାଇଁ ପାରାଦୀପକୁ ୬୦ ବର୍ଷ ଲାଗିଗଲା। ଭଗବାନଙ୍କ ଦୟାରୁ ଗୋପାଳପୁର ବନ୍ଦର ୨୦୦୬ରେ ଆରମ୍ଭ ହେଲା। ୨୦୦୭ରେ ଆଙ୍କରେଜ୍ ଅପରେଶନ ଆରମ୍ଭ ହେଲା। ବର୍ଥ ଅପରେଶନ ୨୦୧୫ରେ ଆରମ୍ଭ ହୋଇଥିଲେ ହେଁ ଫାଇଲିନ୍ ଯୋଗୁ ବନ୍ଦର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଆମେ ବହୁକ୍ଷତି ସହିଥିଲୁ। ପୁନଃ ନିର୍ମାଣ କରି ପୁଣିଥରେ କାର୍ଯ୍ୟ ଆରମ୍ଭ କରିଥିଲୁ। ୨୦୧୬ରୁ ଅଦ୍ୟାବଧି ୬ ବର୍ଷ ମଧ୍ୟରେ ୧୩ ମିଲିୟନ ଟନ୍‌ରେ ପହଞ୍ଚିପାରିଛୁ। ଏହା ଆମ ପାଇଁ ଏକ ଆଖିଦୃଶିଆ ସଫଳତା। ଆଗାମୀ ୫ ବର୍ଷ ମଧ୍ୟରେ ଏହାକୁ ୪୫ ମିଲିୟନ୍ ଟନ୍‌ରେ ପହଞ୍ଚାଇବାକୁ ଧାର୍ଯ୍ୟ କରିଛୁ।

**❖ ଓଡ଼ିଶାରେ ବିଏମ୍‌ଡବ୍ଲ୍ୟୁ ଭଳି ଉଚ୍ଚ ମୂଲ୍ୟଯୁକ୍ତ ଗାଡ଼ିର ବିକ୍ରେତା ହେବାକୁ କାହିଁକି ଚାହିଁଲେ?**
ଆମେ ପ୍ରଥମେ କୋଲକାତାରେ ବିଏମ୍‌ଡବ୍ଲ୍ୟୁର ଡିଲରସିପ୍ ଖୋଲିଥିଲୁ। ସେତେବେଳେ ଇଷ୍ଟର୍ନ ଜୋନ୍‌ରେ ବିଳାସପୂର୍ଣ୍ଣ ଗାଡ଼ି ବିକ୍ରି ପ୍ରାୟ ୫୦ ରହିଥିଲା। ୨୦୦୮ରେ ଆମେ ଏକୁଟିଆ ୭୦ଟି ବିଏମ୍‌ଡବ୍ଲ୍ୟୁ ଗାଡ଼ି ବିକ୍ରି କରିଥିଲୁ। ପରେ ଏହାର ଚାହିଦା ବଢ଼ିଲା ଏବଂ ଆଜିର ଦିନରେ ଓଡ଼ିଶାରେ ଆମେ ବର୍ଷକୁ ୧୫୦ ସଂଖ୍ୟକ ଗାଡ଼ି ବିକ୍ରି କରୁଛୁ। ଏବେ ଲୋକଙ୍କ ପାଖରେ କିଣିବାର ଶକ୍ତି ମଧ୍ୟ ବଢ଼ିଯାଇଛି।

**❖ ଭବିଷ୍ୟତ ପାଇଁ କ'ଣ ଯୋଜନା ରହିଛି?**
ଓଏସ୍‌ଏଲ୍ ପରିବାରକୁ ଆହୁରି ଆଗକୁ ବଢ଼ାଇବାକୁ ଆମେ ଲକ୍ଷ୍ୟ ରଖିଛୁ। ଏହି କମ୍ପାନୀ ଉପରେ ଅନେକ ପରିବାର ନିର୍ଭରଶୀଳ। ଏହା କୌଣସି ଲାଭଖୋର କମ୍ପାନୀ ନୁହେଁ, ବରଂ ସବୁବେଳେ ଲୋକଙ୍କ ହିତରେ କାର୍ଯ୍ୟ କରିଆସୁଛି।

# 'ଏମ୍‌ଆର୍‌ଏସ୍‌ଏଏମ୍'ର ୨ ରାଉଣ୍ଡ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୩୦।୩**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ସ୍ଥଳଭାଗରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଏମ୍‌ଆର୍‌ଏସ୍‌ଏଏମ୍‌ର ଦୁଇ ରାଉଣ୍ଡ ପରୀକ୍ଷଣ ହୋଇଛି। ୩ନଂ. ଲଞ୍ଚପ୍ୟାଡ୍‌ରୁ ବୁଧବାର ପୂର୍ବାହ୍ନ ୧୦ଟା ୧୪ ମିନିଟ୍‌ରେ ପ୍ରଥମ ରାଉଣ୍ଡ ଏବଂ ୧୧ଟା ୦୩ ମିନିଟ୍‌ରେ ଦ୍ୱିତୀୟ ରାଉଣ୍ଡ ଉତ୍‌କ୍ଷେପଣ କରାଯାଇଥିଲା। ଉତ୍‌କ୍ଷେପଣ ସମୟରେ ସ୍ଥିରୀକୃତ କରାଯାଇଥିବା ସମସ୍ତ ଦିଗ, ଗତି ଓ ଟାର୍ଗେଟ୍‌କୁ ଠିକ୍ ଭାବେ ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିଥିଲା। ଉଭୟ ଦୂରତାରେ କ୍ଷେପଣାସ୍ତ୍ର ସିଧାସଳଖ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା। ମଧ୍ୟମ ଉଚ୍ଚତା ଏବଂ ଅଧିକ ଦୂରତାକୁ ଲକ୍ଷ୍ୟଭେଦ ଲାଗି ପ୍ରଥମ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାଯାଇଥିଲା। ଅନ୍ୟପଟେ କମ୍ ଉଚ୍ଚତାରେ ଥିବା କମ୍ ଦୂରତା ବିଶିଷ୍ଟ ଲକ୍ଷ୍ୟଭେଦ କରିବା ଲାଗି ଦ୍ୱିତୀୟ ଥର କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାଯାଇଥିଲା। ଡିଆରଡିଓ ଓ 'ଇସ୍ରାଏଲ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍' (ଆଇଏଆଇ) ମିଳିତ ଉଦ୍ୟମରେ ନିର୍ମିତ ଏମ୍‌ଆର୍‌ଏସ୍‌ଏଏମ୍ କ୍ଷେପଣାସ୍ତ୍ର ୭୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ ସହ ବାୟୁମଣ୍ଡଳର ୧୬ କି.ମି. ଉପରେ ଶବ୍ଦର ଗତିଠାରୁ ୨ ଗୁଣ ଅଧିକ ବେଗରେ ଗତି କରିପାରିବ। ଏହା ୬୦ କିଲୋଗ୍ରାମ ପର୍ଯ୍ୟନ୍ତ ଆଣବିକ ଯୁଦ୍ଧାସ୍ତ୍ର ବହନ କରିପାରିବ। ଏମଆରଏସ୍‌ଏଏମ୍'ର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ସେନା ଏବଂ ପ୍ରତିରକ୍ଷା ଉଦ୍ୟୋଗକୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଭିନନ୍ଦନ ଜଣାଇଛନ୍ତି।



୩ନଂ. ଲଞ୍ଚପ୍ୟାଡ୍‌ରୁ ଉତ୍‌କ୍ଷେପିତ ଏମ୍‌ଆର୍‌ଏସ୍‌ଏଏମ୍ କ୍ଷେପଣାସ୍ତ୍ର।

# ୪୨ ଡିଗ୍ରୀ ଟପିଲା ତାପମାତ୍ରା

**ଭୁବନେଶ୍ୱର, ୩୦।୩(ବ୍ୟୁରୋ):** ରାଜ୍ୟରେ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ଫଳରେ ପାରଦ ୪୨ ଡିଗ୍ରୀ ଟପିଯାଇଛି। ଆଗକୁ ତାପମାତ୍ରା ଆହୁରି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରିଛି। ବୁଧବାର ୮ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଟିଟିଲାଗଡ଼ରେ ସର୍ବାଧିକ ୪୨.୭ ଡିଗ୍ରୀ ସହ ଉତ୍ତପ୍ତ ସହର ରହିଥିଲା। ସେହିଭଳି ବଲାଙ୍ଗୀରରେ ୪୨.୫, ସୋନପୁର ୪୧.୯, ଝାରସୁଗୁଡ଼ା ୪୧.୨, ବୌଦ୍ଧ ୪୧, ଭବାନୀପାଟଣା ୪୧, ସମ୍ବଲପୁର ୪୦, ସୁନ୍ଦରଗଡ଼ ୪୦, ଭଦ୍ରକ ୩୯.୮, ହୀରାକୁଦ ୩୯.୭, ତାଳଚେର ୩୯.୪, ଫୁଲବାଣୀ ୩୯.୪, ମାଲକାନଗିରି ୩୯.୫, ବାରିପଦା ୩୮.୨, କଟକ ୩୮.୧, ଅନୁଗୋଳ ୩୮.୧, ରାୟଗଡ଼ା ୩୮.୧, ପାରଳାଖେମୁଣ୍ଡି ୩୮.୫, କଟକ ୩୮.୧, ନୟାଗଡ଼ ୩୭ ଓ ଭୁବନେଶ୍ୱରରେ ତାପମାତ୍ରା ୩୪.୮ ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ବରଗଡ଼, ବଲାଙ୍ଗୀର, ବୌଦ୍ଧ, ସୋନପୁର, କଳାହାଣ୍ଡି, ଅନୁଗୋଳ ଓ ସମ୍ବଲପୁର ଆଦି ୭ ଜିଲାରେ ଗ୍ରୀଷ୍ମ ପ୍ରବାହ ଲାଗି ରହିବ।

# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ନୟାଗଡ଼ ଅଫିସ,୩୦।୩**

ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଥିଲା। କଟକ ଭିଜିଲାନ୍ସ ପକ୍ଷରୁ ନୟାଗଡ଼, କଟକ, ଖୋର୍ଦ୍ଧାର ୬ଟି ସ୍ଥାନରେ ଏକସଙ୍ଗରେ ଚଢ଼ାଉ ହୋଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ତଥା କଟକ ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି । ୫ ଡିଏସ୍‌ପି , ୫ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀମାନେ ତାଙ୍କ ନୟାଗଡ଼ସ୍ଥିତ ଅଫିସ, ନୟାଗଡ଼ ଟାଉନରେ ଥିବା ଘର, ଭୁବନେଶ୍ୱର ପଟିଆସ୍ଥିତ ଫ୍ଲାଟ, କଟକ କିଶୋରନଗରସ୍ଥିତ ପୈତୃକ ଘର, କଟକ ଅଲିଶା ବଜାରସ୍ଥିତ କୋଠା, ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଦୁଇ ମହଲା ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ଜାରି ରହିଥିବାରୁ ସମ୍ପତ୍ତି ତାଲିକା ହସ୍ତଗତ ହୋଇନାହିଁ ।


**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OHPC
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.-CHEP/TW-132 (Vol.-II)/1096 Date: 29.03.2022
No. CAD-3362
**TENDER CALL NOTICE NO.-CHEP-39/2021-22**
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Contractors / Agencies for the following work;

| Description | Cost of Tender Paper (Non-refundable) | Estimated Cost |
|---|---|---|
| Photocopying of official documents of various sizes of CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,40,400/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.02.04.2022 up to 11:30 AM of dtd.12.04.2022.
OIPR-04006/11/0026/2122 Sd/- Unit Head, CHEP, Chiplima



**DISTRICT EDUCATION OFFICE, NABARANGPUR**
No. 1778/S&ME(MDM)-06/V/2021 Dated: 29.03.2022
**TENDER CALL NOTICE**
Sealed tenders are invited in the prescribed form from the intending firms/individuals/company/corporations/agents having Common Carrier Licnece for engagement of Transporting Contractor under PM Poshan (Mid-Day Meal) Scheme for transportation of rice from OSCSC Ltd., Godown points to Schools/WSHGs/SHGs point in individual blocks of Nabarangpur district during the financial year 2022-23. The detail of tender paper & terms & conditions of the tender is available in district website: **http//www.nabarangpur.nic.in** which can be downloaded. The last date of submission of tender is **28.04.2022 by 05.00 P.M.**
Sd./- Collector & District Magistrate, Nabarangpur



**VSS Institute of Medical Sciences & Research (VIMSAR), Ayur Vihar, Burla, Sambalpur, Odisha-768017**
**Walk-in-Interview for selection of Assistant Professor in Superspeciality Departments of VIMSAR on Contractual/ Deputation basis**
**Advt. No. 151/ Director/ VIMSAR/ Dt. 28.03.2022**
**No.E-969:**Applications are invited from eligible candidates to fill up the above mentioned vacant posts at VIMSAR. The details of educational qualification, selection procedure, terms and conditions etc. are published in the institute website: **www.vimsar.ac.in**
**Date of Walk-in-Interview:** 13.04.2022 [Wednesday]
Sd./- Director, VIMSAR, Burla
OIPR-10023/11/0001/2122



**ZILLA SWASTHYA SAMITI (ZSS), Kandhamal**
Office of the CDM&PHO-cum- District Mission Director, NHM, Kandhamal
Advt. NO. 3839 / NHM /HR-Out House/2021/039 Date 29.03.2022
**ADVERTISEMENT**
**No.E-968:**Applications are invited form eligible candidates for various kind of vacant post under NHM, Kandhamal. The eligibility criteria, vacancy, monthly remuneration & Application Form for the vacant post can be downloaded from district website. Interested candidates may log on to https://kandhamal.nic.in for detail. Candidates fulfilling the eligibility criteria may appear before the Interview Board **(Venue : Office of the CDM & PHO, Kandhamal, Phulbani)** on the scheduled date mentioned against post from 10.00 A.M. to 12.00 Noon, with filled application form along with a self attested copies of all supportive documents. Monthly remuneration, Performance Incentives (P.I) & other benefits are admissible for all posts as per Society norms applicable and orders issued there on from time to time. **Lower age limit for all the posts is 21 completed years and upper age limit is as mentioned in the table against each post as on 01.04.2022.** All positions are contractual and the engagement is initially for a period of 11 months, which can be extended Subject to continuance of the post in the PIP and satisfactory performance. No application will be entertained after the scheduled date and time. The vacancies which have been advertised may vary at the time of actual engagement. Time to time notification regarding status of selection process will be web hoisted in district web-site **(https://kandhamal.nic.in)** for information of the applicants. The panel list for above positions shall also remain valid for similar post / in other programmes under NHM ambit with same educational qualification and same remuneration, as will be decided by the Society for a period of 1 (one) year from its approval. The undersigned reserves the right to cancel / reject any or all the applications without assigning any reason thereof. The selection committee will decide numbers of shortlisted application for interview looking in to the vacancy.

| Sl. No. | Name of the Post | Vacancy | Remuneration & (PI) | Date of Walk in Interview |
|---|---|---|---|---|
| 1 | NRC Counsellor | 01 Post | 17614/- + PI | 11.04.2022 |
| 2 | MO - SNCU | 06 Post | 58344/- + PI | 18.04.2022 |
| 3 | Paediatrician - DEIC | 01 Post | 72931/-+PI | 18.04.2022 |
| 4 | MO-DEIC | 01 Post | 58344/- + PI | 18.04.2022 |
| 5 | MO-NCD | 01 Post | 58344/- + PI | 18.04.2022 |
| 6 | MO-Haemoglobinopathy | 01 Post | 58344/- + PI | 18.04.2022 |
| 7 | Lab. Assistant, DPHL | 01 Post | 10210/- + PI | 19.04.2022 |
| 8 | Dental Technician (DEIC) | 01 Post | 12747/- + PI | 22.04.2022 |
| 9 | Programme Assistant, Sickle Cell | 01 Post | 28589/- + PI | 25.04.2022 |
| 10 | Block Accounts Manager | 01 Post | 17614/- + PI | 28.04.2022 |
| 11 | Accountant | 01 Post | 17614/- + PI | 28.04.2022 |
| 12 | Malaria Technical Supervisor (VBDTS) | 01 Post | 17614/- + PI | 04.05.2022 |
| 13 | DPC, RNTCP | 01 Post | 28589/- + PI | 06.05.2022 |
| 14 | Col. Chain Technician. | 01 Post | 17614/- + PI | 09.05.2022 |

Sd./- Dr. M.K. Upadhaya
CDM & PHO-cum-District Mission Director, NHM, Kandhamal
OIPR-10015/11/0036/2122



**Bhubaneswar Smart City Limited**
Block-1, 5th Floor, BMC- Bhawani Mall, Saheed Nagar, Bhubaneswar- 751007, E-mail Id: bbsr.bscl@gmail.com
CIN: U74990OR2016PLC020016
Telephone-0674- 2548428 FAX: 0674-2540811
Ref.No.:BSCL/Administration/RFP Social Equity Centre/2022/26-L1-730 Dt.29.03.2022
**Expression of Interest (EOI) for Selection of agency for managing the Social Equity Centre located at Kharvel Nagar, Bhubaneswar on rental basis.**
**No.C-2025:**M/s. Bhubaneswar Smart City Limited (BSCL), Bhubaneswar invites sealed proposals for Selection of agency for managing the Social Equity Centre located at Kharvel Nagar, Bhubaneswar on rental basis. The details of Terms of Reference (TOR) can be downloaded from the website of BSCL i.e. www.smartcitybhubaneswargov.in. Interested agencies may submit their proposals in a sealed cover super-scribing as "EXPRESSION OF INTEREST (EOI) for Selection of agency for managing the Social Equity Centre located at Kharvel Nagar, Bhubaneswar on rental basis, with advertisement number and Date to the General Manager (Admin), Bhubaneswar Smart City Limited, 5th Floor; Block-1, BMC Bhawani Mall, Saheed Nagar, Bhubaneswar-751007 through Speed Post / Registered Post / Courier services only, which should reach on or before 3.00PM on 13.04.2022 positively and the same will be opened at 3.30PM on the same day. Proposals received after the due date and time shall be rejected. The undersigned reserves the right to reject any or all the tenders without assigning any reason thereof. For any queries you reach through email:bbsr.bscl@gmail.com or Telephone:0674- 2548428 / 2540811.
By Order of MD and CEO
Sd./- General Manager (Admin),
Bhubaneswar Smart City Limited
OIPR-13070/11/0018/2122


# ରାଜ୍ୟସ୍ତରୀୟ ଓଡ଼ିଶା ଦିବସରେ ସମ୍ମାନିତ ହେବେ ୧୦ କୋଭିଡ୍ ଯୋଦ୍ଧା

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ଆସନ୍ତା ୨ ତାରିଖରେ ଓଡ଼ିଶା ଦିବସ। ସାରା ରାଜ୍ୟରେ ଏହି ଦିବସ ପାଳନକୁ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସନ୍ଧ୍ୟା ୬ଟାରେ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ହେବ। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ଚିକିତ୍ସା ସେବା କ୍ଷେତ୍ରରେ ୧୦ଜଣ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯିବ। ସାଧାରଣ ସଭା ପରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ। ଏଥିସହ ଓଡିଶୀ ନୃତ୍ୟ ଓ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ ହେବ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ସ୍ଥପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବାଲୁକା କଳା ପ୍ରଦର୍ଶିତ ହେବ। ଲୋକସେବା ଭବନ ସମେତ ବିଭିନ୍ନ ସରକାରୀ କୋଠାବାଡିଗୁଡିକୁ ଆଲୋକମାଳାରେ ସଜ୍ଜିତ କରାଯିବ। କୋଭିଡ୍ କଟକଣା କୋହଳ ହେବାପରେ ଚଳିତ ବର୍ଷ ଓଡିଶା ଦିବସକୁ ଆକର୍ଷଣୀୟ ଢଙ୍ଗରେ ପାଳନ କରାଯିବାକୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିସହ ମଙ୍ଗଳବାର ଅପରାହ୍ନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସଂସ୍କୃତି ବିଭାଗ ପକ୍ଷରୁ ଭର୍ଚୁଆଲରେ ଏକ ମିଳିତ ବୈଠକ ବସି ଏହି ନିଷ୍ପତ୍ତି ହୋଇଛି। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇଥିଲେ।

ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। **-ଶ୍ରୀଅରବିନ୍ଦ**



# ଆର୍ଥିକ ଯୁଦ୍ଧର ନୂଆ କୌଶଳ



କୌଶିକ ବସୁ

ଯୁଦ୍ଧ ସମୟରେ ଆର୍ଥିକ ଅସ୍ତ୍ର(ଆର୍ଥିକ ଏବଂ ବିତ୍ତୀୟ କଟକଣା)ଗୁଡ଼ିକ ବ୍ୟବହାରର ଏକ ଲମ୍ବା ଇତିହାସ ରହିଛି। କିନ୍ତୁ ଜଗତୀକରଣ ଓ ସୀମାପାର ଯୋଗାଣ ଶୃଙ୍ଖଳ ବୃଦ୍ଧି ପାଇବା ଯୋଗୁ ଏହିସବୁ ଅହିଂସ ଅସ୍ତ୍ରଗୁଡ଼ିକୁ ଅଭୂତପୂର୍ବ ଶକ୍ତି ମିଳିଛି। ଆର୍ଥିକ ଏବଂ ବିତ୍ତୀୟ କଟକଣାକୁ ଗୋଳାବାରୁଦ ଭଳି ଆକସ୍ମିକ ପ୍ରୟୋଗ କରାଯାଇ ନ ପାରିଲେ ବି ଏଗୁଡ଼ିକର ପ୍ରଭାବ ବିନାଶକାରୀ ହୋଇପାରେ। ଜଗତୀକରଣ ବିଶ୍ୱରେ ଆର୍ଥିକ ଯୁଦ୍ଧ ଏତେ ନୂଆ ଓ ଭିନ୍ନ ହୋଇଯାଇଛି ଯେ ଆମେ ଏଯାବତ୍ ଏହାକୁ ସଞ୍ଚାଳନ କରୁଥିବା କିଛି ନିୟମକୁ ସମ୍ପୂର୍ଣ୍ଣ ବୁଝିନାହୁଁ। ଏଥିରେ ପ୍ରତ୍ୟେକ ଉପରେ ସମ୍ଭାବ୍ୟ ପ୍ରତ୍ୟକ୍ଷ ଏବଂ ତତ୍ସମ୍ବନ୍ଧିତ କ୍ଷତିର ବିଶ୍ୱସନୀୟ ଆକଳନ କରୁନାହୁଁ। ଏଥିପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଯେତେବେଳେ ୟୁକ୍ରେନ୍ ଆକ୍ରମଣ କଲେ ସେତେବେଳେ ପାଶ୍ଚାତ୍ୟ ନୀତିନିର୍ଦ୍ଧାରକମାନେ ହଡ଼ବଡ଼େଇ ଯାଇ ହଠାତ୍ ଏହାର ମୁକାବିଲା କଲେ, ଯାହା ପାଇଁ ସେମାନେ ପ୍ରସ୍ତୁତ ରହି ନ ଥିଲେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଏବଂ ଆମେରିକାର ନାଟୋ ମେଣ୍ଟ ପୁଟିନ୍‌ଙ୍କୁ ପ୍ରତିରୋଧ କରିବା ଏବଂ ସୈନ୍ୟବଳ ବଦଳରେ ବିଭିନ୍ନ କଟକଣା ଲଗାଇ ଏକ ଗମ୍ଭୀର ଆଣବିକ ଯୁଦ୍ଧ ରୋକିବା ଲାଗି ଠିକ୍ ସମୟରେ ଉଚିତ୍ ନିଷ୍ପତ୍ତି ନେଇଛି। ହେଲେ ଏସବୁ କାର୍ଯ୍ୟକଳାପର ପ୍ରଭାବକୁ ସମୀକ୍ଷା କରିବା ପାଇଁ ସମସ୍ତ ନୂଆ ଡାଟା ଓ ସୂଚନା ଉପଯୋଗ କରିବାରେ ପାଶ୍ଚାତ୍ୟ ସରକାରଗୁଡ଼ିକ ଅତ୍ୟଧିକ କାର୍ଯ୍ୟ ଚାପକୁ ସାମ୍ନା କରୁଛନ୍ତି। ଏଣୁ ଆଗକୁ ମହାଶକ୍ତି ସଂଘର୍ଷ ଦେଖା ଦେବା ପୂର୍ବରୁ ଆର୍ଥିକ ଯୁଦ୍ଧ ସଞ୍ଚାଳନ କରିବା ପାଇଁ ବିଶ୍ୱ କିଛି ନିୟମ ଲାଗୁ କରିବା ଆବଶ୍ୟକ।

ପୁଟିନ୍‌ଙ୍କୁ ହରାଇବା ଲାଗି କିପରି ପ୍ରଭାବୀ ଢଙ୍ଗରେ ଆର୍ଥିକ କଟକଣାକୁ ଲାଗୁ କରାଯିବ, ତା'ଉପରେ ତୁରନ୍ତ ଚିନ୍ତା କରାଯିବା ଦରକାର। ତେବେ ଆମେରିକା, ୟୁରୋପ ଏବଂ ଅନ୍ୟ ଉନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକ ସହିତ ଥିବା ବାଣିଜ୍ୟିକ ଏବଂ ଆର୍ଥିକ ସମ୍ପର୍କ ବନ୍ଦ କରିବା ଯୋଗୁ ରୁଷିଆର ଅର୍ଥ ବ୍ୟବସ୍ଥାର କ୍ଷତି ଘଟିଛି। କିନ୍ତୁ ପ୍ରଥମରୁ ଯେତିକି କ୍ଷତି ହେବ ବୋଲି ଅନୁମାନ କରାଯାଉଥିଲା ସେତିକି ହୋଇନାହିଁ। ଉଦାହରଣ ସ୍ୱରୂପ, ରୁଷିଆ ତୈଳର ବାଣିଜ୍ୟିକ କାରବାରରେ କଟକଣା ଲଗାଇବା ଯୋଗୁ ରୁଷିଆ ଉତ୍ପାଦିତ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଉପରକୁ ଉଠିଗଲା। ଏହାସହ ଆମେରିକୀୟ ଡଲାର ତୁଳନାରେ ରୁବେଲର ତୀବ୍ର ମୂଲ୍ୟହ୍ରାସ ଘଟିଲା। କିନ୍ତୁ ରୁବେଲ ମୂଲ୍ୟ ଯେତିକି ତଳକୁ ଖସିବ ବୋଲି ଆଶା କରାଯାଉଥିଲା ତାହା ହେଲା ନାହିଁ, ବରଂ ଏବେ ଏଥିରେ କିଛିମାତ୍ରାରେ ସୁଧାର ଆସିଛି।

ଏହା ସତ୍ୟ ଯେ, କଟକଣା ପୂର୍ବରୁ ତେଲ ଦର ଯାହା ଥିଲା ଏବେ ତାହାଠାରୁ ଅଧିକ ରହିଛି ଓ ରହିବ। ଲମ୍ବା ଯୋଗାଣ ପଥ ଯୋଗୁ ଯୋଗାଣ ମୂଲ୍ୟ ବୃଦ୍ଧି ହେବ, ଯାହା ପାଇଁ ତେଲ ଦର ଉଚ୍ଚ ରହିବ। କିନ୍ତୁ ଯୋଗାଣ ସମ୍ପର୍କରେ ପରିବର୍ତ୍ତନ ହେଲେ ପ୍ରାରମ୍ଭିକ ଝଟକା ଧୀରେ ଧୀରେ ଅପସରି ଯିବ। କାରବାର ଯେମିତି ଚାଲିଥିଲା ସେମିତି ଚାଲିବ। ଆଉ ଏକ ଉପଶମକାରୀ ବିଷୟ ରୁଷିଆକୁ ସାହାଯ୍ୟ କରିପାରେ। ରୁଷିଆ ତୈଳ କାରବାର ଉପରେ ଆମେରିକାର କଟକଣା ଯୋଗୁ ତୈଳ ଦର ବଢ଼ିବା ଆରମ୍ଭ ହେଲା। ହେଲେ ରୁଷିଆର ତୈଳ ରପ୍ତାନି ହ୍ରାସ ପାଇଥିଲେ ବି ତା'ର ମୋଟ ଆୟ କମି ନ ପାରେ। ଏହା ଏବେ ଘଟୁଛି ଓ ରୁବେଲ ମୂଲ୍ୟରେ ଆଂଶିକ ସୁଧାର ଏହା ସୂଚିତ କରିଛି। ତୈଳ କାରବାର ଉପରେ ଆମେରିକା ଲଗାଇଥିବା କଟକଣାରୁ ଯେପରି ରୁଷିଆ ମୁକୁଳି ନ ପାରେ, ତାହା ନିଶ୍ଚିତ କରିବାକୁ ପଡ଼ିବ। ନୂଆ କୌଶଳ ଆପଣାଇବାକୁ ପଡ଼ିବ। ଏଥିପାଇଁ ଆମେରିକାକୁ ଅଧିକ ପ୍ରଭାବୀ 'ଟ୍ରିଆଡିକ ଥ୍ରେଟ୍' ବା ବହୁ ସ୍ତରୀୟ ବିପଦ ସୃଷ୍ଟି କରିବାକୁ ହେବ। କେବଳ ରୁଷିଆ ଉପରେ ନୁହେଁ , ବରଂ ତା'ଠାରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ କଡ଼ା କଟକଣା ଲଗାଇବାକୁ ପଡ଼ିବ। ଏଭଳି କଟକଣା ଲଗାଇବାରେ ଆମେରିକା ମାହିର ଏବଂ ଛୋଟଦେଶଗୁଡ଼ିକ ବିରୋଧରେ ଅନୈତିକ ଭାବେ ଏହା ଲାଗୁ କରିଛି। ୧୯୭୩ରେ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ବାଂଲାଦେଶର ଭୟଙ୍କର ଦୁର୍ଭିକ୍ଷ ସମୟରେ ଖାଦ୍ୟ ସହାୟତା ବନ୍ଦ କରିଦେଇଥିଲେ। ବାଂଲାଦେଶ କ୍ୟୁବା ସହ ବାଣିଜ୍ୟିକ କାରବାର କରୁଥିଲା ବୋଲି ସେ ଏହା କରିଥିଲେ। ନିକ୍ସନଙ୍କ ପଦକ୍ଷେପର କୌଣସି ନୈତିକ ଆଧାର ନ ଥିବାବେଳେ କ୍ୟୁବାକୁ ଅଲଗା କରିବା ଲାଗି ୧୯୯୬ର ହେଲମେସ-ବୁରଟନ ଆକ୍ଟ ଭଳି ଏକ କୂଟନୈତିକପୂର୍ଣ୍ଣ ସଂଘୀୟ ଆଇନ ଗଢ଼ାଯାଇଥିଲା। ମୋ ଦ୍ୱାରା ଲିଖିତ ପୁସ୍ତକ 'ପ୍ରିଲ୍ୟୁଡ ଟୁ ପଲିଟିକାଲ ଇକୋନୋମି'ରେ ଆମେରିକା କିଭଳି କ୍ୟୁବାର ତଣ୍ଟି ଚିପିବା ପାଇଁ ଏହି ଆଇନକୁ ବ୍ୟବହାର କରିଛି, ସେ ସମ୍ପର୍କରେ ଆଲୋଚନା କରିଛି। ସେହିଭଳି ଆମେରିକା ୧୯୬୨ର କ୍ୟୁବାନ୍ ମିଶାଇଲ କ୍ରାଇସିସ୍ (ଇଟାଲୀ ଓ ତୁର୍କୀରେ ଆମେରିକାର ମିଶାଇଲ ମୁତୟନ ଏବଂ କ୍ୟୁବାରେ ରୁଷିଆର ବାଲାଷ୍ଟିକ ମିଶାଇଲ ମୁତୟନ)ସମୟରେ ବିଶ୍ୱକୁ ଏକ ଆଣବିକ ଯୁଦ୍ଧର ଦ୍ୱାର ଦେଶରୁ ଦୂରେଇ ନେବା ଲାଗି ଆମେରିକା କଠୋର ରଣନୀତିକ ବିଶ୍ଲେଷଣ କରି ତାହାକୁ ଉପଯୋଗ କରିଥିଲା। ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଆମେରିକା ଏବେ ସମାନ ପ୍ରକାର ଯଥାର୍ଥ ବିଶ୍ଲେଷଣାତ୍ମକ ରଣନୀତି ପ୍ରୟୋଗ କରୁଛି। ନାଟୋ ତା ସୀମାରେ ଉତ୍ପୀଡ଼କ ପୁଟିନ୍‌ଙ୍କୁ ମୁକାବିଲା କରୁଥିବାବେଳେ ଆମେରିକାର ଏଭଳି ବିଶ୍ଲେଷଣ ଅତି ଗୁରୁତ୍ୱପୂର୍ଣ୍ଣ।

ଆଣବିକ ଯୁଦ୍ଧଜନିତ ବିପଦ ଟାଳିବାକୁ ହେଲେ ଆମେରିକା ସ୍ପଷ୍ଟ ଭାବେ ଜଣାଇବା ଉଚିତ ଯେ, ରୁଷିଆ ବିରୋଧରେ ଲଗାଯାଇଥିବା କଟକଣାଗୁଡ଼ିକ କେବଳ ପୁଟିନ୍ ଏବଂ ତାଙ୍କ ସାଥୀଙ୍କ ପାଇଁ ଉଦ୍ଦିଷ୍ଟ। ରୁଷିଆର ଏବକାର ଶାସନ ଯିବା ପରେ ପରେ ତା' ଅର୍ଥ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଫେରାଇ ଆଣିବା ଲାଗି ଆମେରିକା ସାହାଯ୍ୟ କରିବ ବୋଲି ଜଣାଇବା ଆବଶ୍ୟକ। ଏହି ବାର୍ତ୍ତା ସମସ୍ତ ରୁଷବାସୀଙ୍କ ନିକଟରେ ପହଞ୍ଚିବା ଦରକାର। ଏହାବ୍ୟତୀତ ଅନ୍ୟ ଦୀର୍ଘମିଆଦୀ ବିଷୟ ପ୍ରତି ଦୃଷ୍ଟି ପକାଇବା ଉଚିତ, ଯାହା ଉପରେ ନିକଟରେ ରଘୁରାମ ଜି. ରାଜନ ଗୁରୁତ୍ୱ ଦେଇଛନ୍ତି। ଆର୍ଥିକ ଯୁଦ୍ଧକୁ ନିୟନ୍ତ୍ରଣ କରିବା ଲାଗି ଏକ ନିୟମ ଗଢ଼ିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏବକାର ଜଟିଳ ବହୁରାଷ୍ଟ୍ରୀୟ ଉତ୍ପାଦନ ଭାଗୀଦାରି ସମ୍ପନ୍ନ ଜଗତୀକରଣ ବିଶ୍ୱରେ ବୃହତ୍ ଏବଂ ଶକ୍ତିଶାଳୀ ଦେଶଗୁଡ଼ିକ ଏଥିପାଇଁ ବିଭିନ୍ନ ଟେକ୍ନିକ୍ ଉପଯୋଗ କରିପାରିବେ। ଅନ୍ୟ ଦେଶ ଅର୍ଥ ବ୍ୟବସ୍ଥାକୁ ଧୂଳିସାତ କରିବା ଲାଗି ଆବଶ୍ୟକ ହେଉଥିବା କିଛି ଗୁରୁତ୍ୱପୂର୍ଣ୍ଣ ଇନ୍‌ପୁଟ ଯଥା ଶକ୍ତି, ତଥ୍ୟ ଓ ଅର୍ଥ ଯୋଗାଣ ବନ୍ଦ କରାଯାଇପାରିବ।

ସେହିଭଳି ଏକ ବିକାଶଶୀଳ ଦେଶ ସହ ଏକ ପ୍ରମୁଖ ଶକ୍ତିର ଯୁଦ୍ଧରେ କିଛି ସପ୍ତାହ ମଧ୍ୟରେ ଅତ୍ୟଧିକ ମୁଦ୍ରାସ୍ଫୀତି ଦେଖାଯାଇପାରେ। ବିଶେଷକରି ସ୍ଥାନୀୟ ମୁଦ୍ରା ଛପାଇ ତାହାକୁ ସହର ଓ ବଜାରରେ ବ୍ୟାପକ ଭାବେ ଛାଡ଼ିବା ଦ୍ୱାରା ଏହା ଘଟିପାରେ। ଏସବୁ ପଦକ୍ଷେପଗୁଡ଼ିକୁ ଯଦି ଔପଚାରିକ ଭାବେ ରୋକା ନ ଯାଏ , ତେବେ କେହି ଏଭଳି ଉପାୟର ସାହାରା ନେବାକୁ ବାଧ ହେବ। ପୁଟିନ୍‌ଙ୍କୁ ହରାଇବା ଲାଗି ପାଶ୍ଚାତ୍ୟ ରୁଷିଆ ଉପରେ ଲଗାଇଥିବା କଠୋର କଟକଣାଗୁଡ଼ିକ ନ୍ୟାୟସଙ୍ଗତ ହୋଇପାରେ। କିନ୍ତୁ ସେମାନେ ଅର୍ଥନୈତିକ ଯୁଦ୍ଧକୁ ତୀବ୍ର କରିବା ସହ ଏହାକୁ ଅଭୂତପୂର୍ବ ସ୍ତରକୁ ନେଇଛନ୍ତି। କଟକଣା ଲଗାଇ ନାଗରିକଙ୍କୁ ଟାର୍ଗେଟ କରିବା ଭଳି ପାରମ୍ପରିକ ଲଢ଼େଇକୁ ପରିଚାଳିତ କରିବା ପାଇଁ ଯେମିତି ନିୟମ ସବୁ ରହିଛି, ସେହିଭଳି ଆର୍ଥିକ ସଂଘର୍ଷରେ କଣ ସବୁ ନିଷିଦ୍ଧ ଓ କ'ଣ କରିବାକୁ ଅନୁମତି ଦିଆଯିବ, ତା'ପାଇଁ ଆମକୁ ନିୟମ ଗଢ଼ିବାକୁ ପଡ଼ିବ।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ ; ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା, ଭାରତ ସରକାର**

# ଅଭେଦ୍ୟ ରହସ୍ୟ



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥ ହିଁ ସମଗ୍ର ବିଶ୍ୱରେ ଓଡ଼ିଶାର ଶ୍ରେଷ୍ଠ ପରିଚୟ। ତାଙ୍କର କ୍ଷେତ୍ର ଶ୍ରୀକ୍ଷେତ୍ର ଭାରତର ଚାରିଧାମରୁ ଅନ୍ୟତମ। କ୍ଷେତ୍ରର ମାହାତ୍ମ୍ୟ ଯୋଗୁ ଆଦିଶଙ୍କରାଚାର୍ଯ୍ୟ ଅନ୍ୟତମ ମଠ ଏଇଠାରେ ପ୍ରତିଷ୍ଠା କରିଥିଲେ। ରାମାନୁଜାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, କବୀର, ଚୈତନ୍ୟ, ଜଗନ୍ନାଥ ଦାସ ଆଦି ପଞ୍ଚସଖାଙ୍କ ସହ ଅନେକ ସାଧୁ ମହାତ୍ମା ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଦର୍ଶନରେ ତଲ୍ଲୀନ ହୋଇଯାଇଥିଲେ। ଏବେ ବି ପୁରୀ ବଡଦାଣ୍ଡରେ ପାଦ ଦେଲେ ଭକ୍ତଟିଏ ବିମୋହିତ ହୋଇଯାଏ। ସେଥିପାଇଁ କୁହାଯାଏ 'ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ। ଦେବା ନଜାନାତି କୁତଃ ମନୁଷ୍ୟ'। ଐତିହ୍ୟ ରକ୍ଷା ଲାଗି କୌଣସି ରାଜା ଶ୍ରୀକ୍ଷେତ୍ରକୁ ସେମାନଙ୍କର ରାଜଧାନୀ କରି ନ ଥିଲେ। କିନ୍ତୁ କିଛିଦିନ ଧରି ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସମ୍ପର୍କୀୟ ଯେଉଁ ଖବର ମାନ ପ୍ରକାଶ ପାଉଛି ତାହା ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରୁଥିବ। ପ୍ରଥମତଃ ମନ୍ଦିର ପରିକ୍ରମା ଆମ ଉତ୍କଳୀୟ ପରମ୍ପରାରେ ନାହିଁ। କିନ୍ତୁ ପୁରୀରେ ଚାଲିଥିବା ନିର୍ମାଣ ପଛରେ କେଉଁ ଉଦ୍ଦେଶ୍ୟ ରହିଛି ତାହା ପ୍ରଶ୍ନବାଚୀ ନୁହେଁ ବରଂ ସନ୍ଦେହର ଘନ କୁହୁଡ଼ି ସୃଷ୍ଟି କରୁଛି। ଆମ ରାଜ୍ୟର ପ୍ରାଚୀନ ମନ୍ଦିର ନିର୍ମାଣ ଶୈଳୀ କଳିଙ୍ଗ ଶିଳ୍ପକଳା ଆଧାରିତ ଶ୍ରୀବସ୍ତ ଖଣ୍ଡଶାଳ ପଦ୍ଧତି ଅନୁଯାୟୀ ହେଉଥିଲା। ତଦନୁଯାୟୀ ପ୍ରସ୍ତାବିତ ମନ୍ଦିର ଚୂଡ଼ାର ଛାଇ, ସୂର୍ଯ୍ୟୋଦୟ ବା ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ସ୍ଥାନ ପର୍ଯ୍ୟନ୍ତ ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରେ ଭିତ୍ତିଭୂମି ବା ମୂଳଦୁଆ ନିର୍ମିତ ହୁଏ। ଶ୍ରୀଜଗନ୍ନାଥଙ୍କ ମନ୍ଦିର ମଧ୍ୟ ସେଇ ଧାରାରେ ନିର୍ମିତ ହୋଇଥିବ। ମୂଳଦୁଆକୁ ବାଧା ମୁକ୍ତ କରିବାକୁ ଓ ମନ୍ଦିରର ସୁରକ୍ଷା ପାଇଁ ଚତୁର୍ପାର୍ଶ୍ୱରେ ମଠ ନିର୍ମାଣ ଓ ମଠମାନଙ୍କର ସ୍ଥାୟିତ୍ୱ ପାଇଁ ଶ୍ରୀମନ୍ଦିର ନୀତି ସହ ସମ୍ପର୍କ ହିଁ ଏହାର ବଳିଷ୍ଠ ପ୍ରମାଣ। ଏଥିପାଇଁ ତତ୍କାଳୀନ ରାଜାମାନେ ବହୁ ଜମି ଦାନ କରିଥିଲେ ବି ସମୟର କରାଳ ସ୍ରୋତରେ ଅନେକ ମଠ ନିଜର ସତ୍ତା ହରାଇଲେ ; ଯାହାର ପୁନରୁଦ୍ଧାର କରାଗଲା ନାହିଁ। ଶହଶହ ବର୍ଷର ଏହି ମନ୍ଦିର ସମ୍ପର୍କରେ କୌଣସି ଅନୁସନ୍ଧାନ ବା ଗବେଷଣା ପରିବର୍ତ୍ତେ ଐତିହ୍ୟ କରିଡର ନାମରେ ପ୍ରାଚୀନ କୀର୍ତ୍ତିରାଜିକୁ ମାଟିରେ ମିଶାଇ ଦିଆଗଲା। ପୁରୀର ପଞ୍ଚତୀର୍ଥ ମଧ୍ୟରୁ ମହୋଦଧି ଅନ୍ୟତମ। ଏବେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ବେଳାଭୂମିକୁ 'ବ୍ଲୁ ଫ୍ଲାଗ ବିଚ୍' ମାନ୍ୟତା ଦିଆଯାଇଛି। ଏହାଦ୍ୱାରା ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ଅପେକ୍ଷା ଅଧିକ ପର୍ଯ୍ୟଟନ ସୁଯୋଗ ସୃଷ୍ଟି ପାଇଁ ପ୍ରତିବଦ୍ଧତା ସ୍ପଷ୍ଟ ହେଉଛି। ଅଦାଲତଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଶ୍ରୀଜୀଉଙ୍କ ରତ୍ନଭଣ୍ଡାର ବା ଜମିଜମା ସମ୍ପତ୍ତିର ପୂର୍ଣ୍ଣ ବିବରଣୀ ଏ ଯାବତ ଦାଖଲ ହୋଇପାରିନାହିଁ। ବିଶେଷତଃ ରତ୍ନଭଣ୍ଡାର ନ ଖୋଲିବା ପାଇଁ ଯେଉଁ ମହାନାଟକ କରାଗଲା ତାହା ଏବେ ବି ଅଭେଦ୍ୟ ରହସ୍ୟ ଘେରରେ ରହିଛି। ଜଗନ୍ନାଥଙ୍କ ସମ୍ପତ୍ତି ଭୂସଂସ୍କାର ଆଇନ ମୁକ୍ତ ବୋଲି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରେ ପୁରୀ ସହରର ୭୦ ଶତାଂଶ ଓ ରାଜ୍ୟର ଅନେକ ଲୋକ ନିଜ ବାସଗୃହର ମାଲିକାନା ହରାଇଲେ। ଅନ୍ୟୂନ ତିନି ପୁରୁଷଙ୍କ ଦଖଲରେ ଥିବା ନିଜ ବାସଜମି ଶ୍ରୀମନ୍ଦିର ପ୍ରଶାସନଠାରୁ ପୁନଃ କ୍ରୟ ବ୍ୟବସ୍ଥା ବିକ୍ଲିଷ୍ଟ କରାଗଲା।

ଶ୍ରୀମନ୍ଦିର ପରିଚାଳନାରେ ପ୍ରଶାସନିକ ବିଫଳତା ପାଇଁ ଏଯାବତ ପାଞ୍ଚଟି ତଦନ୍ତ କମିଶନ ଗଠିତ ହୋଇଛି। ବହୁ ଲକ୍ଷ ଅର୍ଥ ବ୍ୟୟ ସତ୍ତ୍ୱେ ରିପୋର୍ଟ ହଜିଯିବା ବା ସାର୍ବଜନୀନ ନ ହୋଇ ପାରିବା ଅନ୍ୟ କିଛି ଦିଗକୁ ଇଙ୍ଗିତ କରୁଛି। ଐତିହ୍ୟ କରିଡର ପାଇଁ ଭୂମି ଅଧିଗ୍ରହଣ ମଧ୍ୟ ଗୁମର ମୁକ୍ତ ନୁହେଁ। ସରକାର ଭୂମି ଅଧିଗ୍ରହଣ ପାଇଁ କରିଥିବା ବ୍ୟୟ ଓ ଏହାର ଉତ୍ସ ସମ୍ପର୍କରେ ସବିଶେଷ ତଥ୍ୟ ଦେଲେ ତାହା ଆଳୁ ଖୋଳାରୁ ମହାଦେବଙ୍କ ଆବିର୍ଭାବ ପରି ହେବା ଅସମ୍ଭବ ନୁହେଁ।

ପୁରାତନ କୀର୍ତ୍ତିରାଜିର ଶହେ ମିଟର ମଧ୍ୟରେ କୌଣସି ନିର୍ମାଣ କରା ନ ଯିବାକୁ ନିୟମ ବଳବତ୍ତର ଥିବାବେଳେ କେଉଁ ବୃହତ୍ ଶକ୍ତିର ସ୍ୱାର୍ଥ ରକ୍ଷାଲାଗି ପଞ୍ଚସ୍ତରି ମିଟର ଅଧିଗ୍ରହଣ ସହ ତା ମଧ୍ୟରେ ଭାରି ଯନ୍ତ୍ର ବ୍ୟବହାର କରାଯାଇ ଖନନ କାର୍ଯ୍ୟ ଚଳିଛି ତାହା ଆଜି ବିରାଟ ପ୍ରଶ୍ନବାଚୀ। ଅଧିକ ଲମ୍ବର ନୀଳଚକ୍ର ବାନା ଶ୍ରୀମନ୍ଦିର ପ୍ରତି ବିପଦ ବୋଲି ତାହାକୁ ସୀମିତ କରାଗଲା। ମାତ୍ର ନିୟମ ବ୍ୟତିକ୍ରମ କରାଯାଇ ହେଉଥିବା ଖନନ କରାଯାଉଛି। ତେଣୁ ସମସ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଏହା ମଧ୍ୟ ସ୍ପଷ୍ଟ ହେଉଛି ଯେ ଐତିହ୍ୟ କରିଡର, ବେଳାଭୂମି, ଶ୍ରୀମନ୍ଦିର ସଂସ୍କାର, ରତ୍ନଭଣ୍ଡାର ପଛରେ ନିଶ୍ଚିତ କୌଣସି ଶକ୍ତି ରହିଛି ଏବଂ ସମଗ୍ର ଶାସନ ବ୍ୟବସ୍ଥାକୁ ଏଭଳି କବଳିତ କରିଛି ଯେ ତାହା ରହସ୍ୟମୟ ଜଗନ୍ନାଥଙ୍କଠାରୁ ଅଧିକ ରହସ୍ୟପୂର୍ଣ୍ଣ ମନେହେଉଛି।

**୧୧୩, ଗୁଣ୍ଡିଚା ବିହାର, ପୁରୀ,**
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

କପ୍‌ରେ ଚା'ପିଇବେ ଓ ତାହାକୁ ଚୋବାଇ ଖାଇବେ। ଏହା ଅଜବ ଲାଗୁଥିଲେ ବି ସତ। ପୁନିତ୍ ଦତ୍ତଙ୍କ ଦ୍ୱାରା ଏଭଳି ଚା' କପ୍ ତିଆରି କରାଯାଉଛି। ଉକ୍ତ ଏଡିବଲ୍ ବା ଖାଇବାଯୋଗ୍ୟ କପ୍ ବ୍ୟବହାର ଯୋଗୁ ସିଙ୍ଗଲ ୟୁଜ୍‌ଡ ପ୍ଲାଷ୍ଟିକ୍ କପ୍ ବ୍ୟବହାର କମୁଛି। ଫଳରେ ପ୍ରଦୂଷଣ ରୋକିବାରେ ଏହି ଚା' କପ୍‌ର ଭୂମିକା ରହିଛି। ଅନ୍ୟପକ୍ଷରେ କାଚ ଗ୍ଲାସ୍‌ରେ ଚା' ପିଇ ତାହାକୁ ଧୋଇବାରେ ବ୍ୟବହାର କରାଯାଉଥିବା ପାଣି ମଧ୍ୟ ବଞ୍ଚାଯାଇପାରୁଛି। ଗୋଟିଏ ଅଭିନବତ୍ୱରେ ଦୁଇ ପ୍ରକାର ଉପକାର ପରିବେଶକୁ ମିଳିପାରୁଛି। ପୁନିତ୍ ଦିଲ୍ଲୀସ୍ଥିତ 'ଅଟାୱେର ବାୟୋଡିଗ୍ରେଡବଲ ପ୍ରାଇଭେଟ ଲିମିଟେଡ୍' ଦ୍ୱାରା ଏହି ଏଡିବଲ୍ କପ୍ ତିଆରି କରୁଛନ୍ତି। ଏହି କମ୍ପାନୀରେ କେବଳ ଚା' କପ୍ ତିଆରି ହେଉ ନାହିଁ, ବରଂ ପ୍ଲେଟ, ଚାମଚ ଆଦି ତିଆରି ହେଉଛି। କପ୍ ତିଆରି କରିବା ଲାଗି ଗୁଡ଼, ମକା, ବାଜରା ଓ ଯଅ ଆଦି ବ୍ୟବହାର କରାଯାଉଛି। ଏହି କପ୍‌ରେ ଭାନିଲା, ଷ୍ଟ୍ରବେରି, ତୁଳସୀ, ଅଦା, ଅଳେଇଚ, ଲେମ୍ବୁ ଓ କଫି ସ୍ୱାଦ ଦିଆଯାଉଛି। ଉକ୍ତ କମ୍ପାନୀ ପ୍ରତି ସପ୍ତାହରେ ୯.୫ ଲକ୍ଷ କପ୍ ବିକ୍ରି କରୁଛି ଓ ଏହା ୬ ମାସ ଯାଏ ରହୁଛି। ଏହି ସଂଖ୍ୟକ କପ୍ ଉପଯୋଗ ଦ୍ୱାରା ୩୫ ଲକ୍ଷ ଲିଟର ପାଣି ବଞ୍ଚିପାରୁଛି। ବଡ଼ କଥା ହେଉଛି ମହାମାରୀ ସମୟରେ ଏହିସବୁ ଜିନିଷ ତିଆରି କରିବା ଲାଗି ପୁନିତ୍ ତାଙ୍କ କମ୍ପାନୀ ମାଧ୍ୟମରେ ଶ୍ରମିକମାନଙ୍କୁ ୬,୦୦୦ ଦିନର କାମ ଯୋଗାଇବାକୁ ସକ୍ଷମ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ମାର୍ଚ୍ଚ ୧୯୯୭

- ହତ୍ୟା ଏବଂ ନିଶାଦ୍ରବ୍ୟ ଚୋରା କାରବାର ଅଭିଯୋଗରେ ଅଭିଯୁକ୍ତ ସୁଦାନ, ସିରିଆ ଏବଂ ଜୋଡାନର ତିନିଜଣ ନାଗରିକଙ୍କୁ ସାଉଦିଆରବ କର୍ତ୍ତୃପକ୍ଷ ମୁଣ୍ଡକାଟ ଶାସ୍ତି ଦେଇଛନ୍ତି।
- କେନ୍ଦ୍ରରେ ଏଚ୍.ଡି. ଦେବେଗୌଡ଼ାଙ୍କ ନେତୃତ୍ୱରେ ପରିଚାଳିତ ୧୩ ଦଳ ବିଶିଷ୍ଟ ମିଳିତ ସାମ୍ମୁଖ୍ୟ ସରକାରଠାରୁ କଂଗ୍ରେସ ସମର୍ଥନ ପ୍ରତ୍ୟାହୃତ।
- ନୌବାହିନୀର ମୁଖ୍ୟ ଆଡମିରାଲ ବିଷ୍ଣୁ ଭଗତ ଆନୁଷ୍ଠାନିକ ଭାବେ 'ସିଜେଏସ ସଂଗ୍ରାମ'କୁ ନୌବାହିନୀରେ ସାମିଲ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 8 |
| | | 9 | 2 | | | | | |
| 1 | 5 | | | 6 | | | | 4 |
| | 2 | | 1 | | | 9 | | |
| | | | 5 | | 3 | | | |
| | | | | | | 2 | 7 | |
| | | 8 | | | 1 | | 3 | |
| 3 | | | 9 | | | | 8 | 5 |
| | | | 6 | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 6 | 2 | 3 | 7 | 8 | 4 |
| 8 | 7 | 3 | 4 | 5 | 9 | 6 | 1 | 2 |
| 2 | 4 | 6 | 7 | 1 | 8 | 9 | 3 | 5 |
| 6 | 8 | 4 | 5 | 7 | 2 | 1 | 9 | 3 |
| 7 | 3 | 2 | 1 | 9 | 4 | 8 | 5 | 6 |
| 5 | 1 | 9 | 3 | 8 | 6 | 4 | 2 | 7 |
| 4 | 5 | 8 | 9 | 3 | 7 | 2 | 6 | 1 |
| 3 | 2 | 7 | 8 | 6 | 1 | 5 | 4 | 9 |
| 9 | 6 | 1 | 2 | 4 | 5 | 3 | 7 | 8 |

ଗତକାଲିର ଉତ୍ତର

# ଜଳକଷ୍ଟ



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢ଼ୁଥିବା ଚାହିଦା ଯୋଗୁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୨୨ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ଠିକ୍ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରା ନ ଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚାଇନା, ପାକିସ୍ତାନ, ନେପାଳ, ବାଂଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ।

ବର୍ତ୍ତମାନର ଭୟାବହ କରୋନା ମହାମାରୀ ଭିତରେ ଆଗକୁ ଆସୁଛି ପ୍ରଚଣ୍ଡ ଖରାର ସମୟ। ଉପକୂଳ ଓଡ଼ିଶାଠାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଞ୍ଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ଡହଳବିକଳ ହୋଇଥାନ୍ତି। ଖରାର ତାତି ଯେତିକି ବଢ଼େ, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ କଷ୍ଟ ସେତିକି ଉତ୍କଟ ହୋଇଥାଏ। ରାଜ୍ୟର କେତେକ ସ୍ଥାନରେ ପାଣିମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ସରକାରୀ ରେକର୍ଡ ଅନୁଯାୟୀ ଗ୍ରାମାଞ୍ଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ୍ ରହିଛି। ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ। କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ପାଣି ବାହାରୁ ନାହିଁ। ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ଟ୍ୟାପ୍ ଖୋଲିଲେ ପାଣି ବଦଳରେ ସାଁ ସାଁ ହୋଇ ପବନ ବାହାରୁଛି। ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି । ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି। କିନ୍ତୁ ପାନୀୟ ଜଳ ସମସ୍ୟାଠାରୁ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି।

ତେବେ ଚଳିତ ବର୍ଷ ଦେଖାଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ। ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା' ସହ ପାନୀୟ ଜଳ ସମସ୍ୟାକୁ ସାଥିରେ ନେଇ ଆସେ। ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ। ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି । ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ। ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୨୦ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନତି ସ୍ପଷ୍ଟ ଜଣାପଡ଼େ। ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରକୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା। ୨୦୨୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ। ଖୋଦ ରାଜ୍ୟ ସରକାରଙ୍କ ତଥ୍ୟାନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ହଜାର ୯୨ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳକ୍ଲିଷ୍ଟ। ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି। ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ। ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରିକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ୍ୟ ଦୁର୍ଭାଗ୍ୟଜନକ ଇଙ୍ଗିତ।

ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ। ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୨ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍ ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି। ପ୍ରତି ବ୍ଲକର ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି। ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ। ସାମ୍ପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଉଭୟ ସ୍ୱଳ୍ପମିଆଦି ଏବଂ ଦୀର୍ଘମିଆଦି ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ପ୍ରଥମ ସ୍ୱଳ୍ପମିଆଦି ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇଯାଇଥିବା ଜଳ ଉତ୍ସଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ। ଦୀର୍ଘମିଆଦି ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୨ ଏବଂ ଅନ୍ୟ ଯୋଜନାଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ ।

ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମର କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହିସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସମ୍ପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖାଯିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି। ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମମାନଙ୍କ ଭିତରେ ସେତେଟା ସଚେତନତା ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ସଚେତନତା ବଢ଼ିବା ଜରୁରୀ। ଆସନ୍ତୁ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ବ୍ୟବହାର କରିବା। ଜଳ ପ୍ରଦୂଷଣ ରୋକିବା ପାଇଁ ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ହେଉ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେଲେ ଭଗବାନ୍‌ଙ୍କ ପ୍ରଦତ୍ତ ଅମୂଲ୍ୟ ଜଳର ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।

**ମୋ-୯୪୩୭୦୨୨୦୬୧**

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ କେହି ସ୍ଥାୟୀ ନୁହନ୍ତି

ମହାଶୟ,

ଗଣତନ୍ତ୍ରରେ ଭୋଟରମାନେ ସର୍ବଶକ୍ତିମାନ୍। ବହୁ ଶକ୍ତିଶାଳୀ ଓ ଲୋକପ୍ରିୟ ରାଜନେତା, ରାଜନୈତିକ ଦଳ ଓ ସରକାରଙ୍କୁ ପରାଜୟର ସ୍ୱାଦ ଚଖେଇ ଭୋଟରମାନେ ଏହା ବହୁବାର ପ୍ରମାଣିତ କରିଛନ୍ତି। ଭାରତୀୟ ସମ୍ବିଧାନର ପ୍ରଣେତା, ବିଶିଷ୍ଟ ଆଇନଜ୍ଞ ଓ ବିଚକ୍ଷଣ ବାଗ୍ମୀ ଡ. ଭୀମରାଓ ଆମ୍ବେଡକର ମଧ୍ୟ ଦୁଇ ଦୁଇ ଥର ସାଧାରଣ ନିର୍ବାଚନରେ ପରାସ୍ତ ହୋଇଥିଲେ। ଭାରତର ଦୁଇ ଶକ୍ତିଶାଳୀ ତଥା ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ଅଟଳ ବିହାରୀ ବାଜପେୟୀ ମଧ୍ୟ ନିର୍ବାଚନରେ ପରାଜିତ ହୋଇଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏକ ସମୟରେ ପାଞ୍ଚଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ସମସ୍ତ ଆସନରୁ ପରାଜିତ ହୋଇଥିଲେ। ସିକିମ୍‌ର ୫ଥର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବା ପରେ ପଓ୍ୱନ କୁମାର ଚାମଲିନ୍ ଏବେ ଆଉ କ୍ଷମତାରେ ନାହାନ୍ତି। ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ କାଳ ପଶ୍ଚିମବଙ୍ଗକୁ ଶାସନ କରି ବାମପନ୍ଥୀ ଦଳ ରେକର୍ଡ କରିଥିଲେ ମଧ୍ୟ ଆଜି ସେ ରାଜ୍ୟରେ ସମ୍ପୂର୍ଣ୍ଣ ସତ୍ତା ହରାଇ ବସିଛନ୍ତି। ଏଣୁ ରାଜନୀତିରେ କେହି ସ୍ଥାୟୀ ନୁହନ୍ତି। ଜୟ ପରାଜୟ ଗଣତନ୍ତ୍ରର ଏକ ଚିରନ୍ତନ ପ୍ରକ୍ରିୟା। ଯଦି କେହି ଭାବୁଥାନ୍ତି ଯେ ସେ ରାଜନୀତିରେ ଚିରସ୍ଥାୟୀ ଓ ଅପରାଜେୟ ତାହା ସମ୍ପୂର୍ଣ୍ଣ ଭୁଲ୍ ଚିନ୍ତାଧାରା।

**ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିନି ଶୁଣ
ନିଖିଳ ଜନ ଦୟିତ ! -(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସରକାରୀ ବଙ୍ଗଳାରୁ ବାହାରିଲେ ଚିରାଗ

**ନୂଆଦିଲ୍ଲୀ:** ଲୋକ ସଭା ସଦସ୍ୟ ଚିରାଗ ପାଶ୍ୱାନଙ୍କୁ ଲୁଟ୍ୟେନ୍ସ ବଙ୍ଗଳାରୁ ବାହାର କରିଦିଆଯାଇଛି। ଏହି ବଙ୍ଗଳା ତାଙ୍କ ବାପା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କୁ ମିଳିଥିଲା। ରାମବିଳାସଙ୍କ ପରଲୋକର ବର୍ଷେ ପରେ ଚିରାଗଙ୍କୁ ଉକ୍ତ ବଙ୍ଗଳା ଖାଲି କରିବାକୁ କୁହାଯାଇଥିଲା। ବୁଧବାର ଏକ ଟିମ୍ ୧୨ ଜନପଥସ୍ଥିତ ଉକ୍ତ ଘରେ ପହଞ୍ଚି ଚିରାଗଙ୍କ ଆସବାବପତ୍ର କାଢ଼ିଦେଇଛନ୍ତି। ଉକ୍ତ ବଙ୍ଗଳାକୁ ଲୋକ ଜନଶକ୍ତି ଦଳୀୟ କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉଥିଲା ଓ ସେଠାରେ ସମସ୍ତ ଦଳୀୟ ବୈଠକ ବସୁଥିଲା।

# ନିର୍ବାଚନ ଅଧିକାରୀ ଦେଇଥିବା ଭୋଟ ନାକଚ ଦାବି

**ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ**

**କୋର୍ଟଙ୍କ ଦ୍ୱାରସ୍ଥ ହେଲେ ପରାଜିତ ପ୍ରାର୍ଥିନୀ**

ବରୀ,୩୦।୩(ଡି.ଏନ.ଏ.)

ଯାଜପୁର ଜିଲା ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନକୁ ନେଇ ବିବାଦ ସୃଷ୍ଟି ହୋଇଛି। ଉକ୍ତ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ପରାଜିତ ପ୍ରାର୍ଥିନୀ ଜ୍ୟୋତିର୍ମୟୀ ବେହେରା ସିଭିଲ ଜଜ୍ (ସିନିୟର ଡିଭିଜନ) ତଥା ନିର୍ବାଚନ ଟ୍ରିବ୍ୟୁନାଲ ଯାଜପୁରଙ୍କ ନିକଟରେ ଏକ ମାମଲା ଦାଏର କରିଛନ୍ତି। ନିର୍ବାଚନ କେଶ ନଂ.୧୮।୨୨ରେ ବେହେରା ଏହି ମାମଲାରେ ବରୀ ପଞ୍ଚାୟତ ସମିତିର ନବନିର୍ବାଚିତ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ନିର୍ବାଚନ ଅଧିକାରୀ ତଥା ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା ଓ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଶିବାନନ୍ଦ ସ୍ୱାଇଁଙ୍କୁ ପକ୍ଷଭୁକ୍ତ କରିଛନ୍ତି। ବେହେରା ଦର୍ଶାଇଛନ୍ତି ଯେ, ଅଧ୍ୟକ୍ଷ ପଦବୀ ନିମନ୍ତେ ନିର୍ବାଚନ ସମୟରେ ନିର୍ବାଚନ ଅଧିକାରୀ ୬ ସମିତିସଭ୍ୟାସଭ୍ୟଙ୍କ ଭୋଟ୍ ନିଜେ ଦେବା ସରକାରୀ ନିୟମ ଉଲ୍ଲଂଘନ କରୁଛି। ତେଣୁ ନିର୍ବାଚନ ଅଧିକାରୀ ଦେଇଥିବା ଉକ୍ତ ଭୋଟ୍‌କୁ ନାକଚ କରି ଫଳାଫଳ ଘୋଷଣା କରିବାକୁ ସେ କୋର୍ଟଙ୍କୁ ନିବେଦନ କରିଛନ୍ତି। ଉକ୍ତ ବ୍ଲକ ଅଧୀନ ୨୯ଟି ପଞ୍ଚାୟତ ମଧ୍ୟରୁ ୬ ସମିତିସଭ୍ୟାସଭ୍ୟ ଅଧ୍ୟକ୍ଷ ନିର୍ବାଚନବେଳେ ମତଦାନ କରିବାକୁ ଅକ୍ଷମ ବୋଲି ଦର୍ଶାଇଥିଲେ। ତେଣୁ ସେମାନଙ୍କ ଭୋଟ୍‌କୁ ସହଯୋଗୀଙ୍କ ମାଧ୍ୟମରେ ସାବ୍ୟସ୍ତ କରିବାକୁ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ଏହି ଲେଖାକୁ ଗ୍ରହଣ କରି ନିର୍ବାଚନ ଅଧିକାରୀ ପରିଡ଼ା ସହଯୋଗୀଙ୍କ ସହାୟତା ନ ନେଇ ୬ଟି ଯାକ ଭୋଟ ନିଜେ ଦେଇଥିଲେ ବୋଲି ଜ୍ୟୋତିର୍ମୟୀ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

**ପଶ୍ଚିମବଙ୍ଗ ରାମପୁରହାଟ ଗୃହଦାହ ମାମଲା**

# କେନ୍ଦ୍ରର ହସ୍ତକ୍ଷେପ ଲୋଡ଼ିଲା ଭାଜପା

ନୂଆଦିଲ୍ଲୀ,୩୦।୩(ପି.ଟି.)

ପଶ୍ଚିମବଙ୍ଗର ବୀରଭୂମ ଜିଲାରେ ନିକଟରେ ଘଟିଥିବା ଗୃହଦାହ ଘଟଣାରେ ୯ ଜଣ ଜୀବନ୍ତ ଦଗ୍ଧ ହୋଇଥିଲେ। ଭାଜପାର ଏକ ତଥ୍ୟାନ୍ୱେଷୀ ଟିମ୍ ଏହା ଉପରେ ବୁଧବାର ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ହସ୍ତକ୍ଷେପ କରିବାକୁ ଏଥିରେ ଦାବି କରାଯାଇଛି। ବୀରଭୂମର ରାମପୁରହାଟରେ ଘଟିଥିବା ହିଂସାକାଣ୍ଡର କାରଣ ଅନୁଧ୍ୟାନ ପାଇଁ ଭାଜପା ଏକ ୫ ଜଣିଆ ଟିମ୍ ଗଠନ କରିଥିଲା। ଗତ ୨୧ ତାରିଖରେ ଟିଏମ୍‌ସି ନେତା ଭାଦୁ ଶେଖ୍‌ଙ୍କ ହତ୍ୟାକାଣ୍ଡ ପରେ ଉତ୍ତ୍ୟକ୍ତ ଲୋକେ କେତେକ ଘରେ ନିଆଁ ଲଗାଇଦେଇଥିଲେ। ଏଥିରେ ୨ ଶିଶୁ ଓ ୭ ମହିଳା ପୋଡ଼ିହୋଇ ପ୍ରାଣ ହରାଇଥିଲେ। ଭାଜପା ଟିମ୍ ଘଟଣାସ୍ଥଳକୁ ଯାଇ ତଥ୍ୟ ସଂଗ୍ରହ କରିଥିଲା। ଟିମ୍‌ରେ ରାଜ୍ୟ ସଭା ଏମ୍‌ପି ତଥା ୟୁପିର ପୂର୍ବତନ ପୋଲିସ ଡିଜି ବ୍ରଜଲାଲ, ଲୋକ ସଭା ଏମ୍‌ପି ତଥା ମୁମ୍ବାଇ ପୋଲିସର ପୂର୍ବତନ କମିଶନର ସତ୍ୟପାଲ ସିଂ, ରାଜ୍ୟ ସଭା ଏମ୍‌ପି ତଥା ପୂର୍ବତନ ଆଇପିଏସ୍ ଅଫିସର କେ.ସି. ରାମମୂର୍ତ୍ତି, ଦଳର ଜାତୀୟ ମୁଖପାତ୍ର ତଥା ପୂର୍ବତନ ଆଇପିଏସ୍ ଅଫିସର ଭାରତୀ ଘୋଷ ଏବଂ ପଶ୍ଚିମବଙ୍ଗ ଭାଜପା ସଭାପତି ସୁକାନ୍ତ ମଜୁମ୍‌ଦାର ସଦସ୍ୟ ଥିଲେ। ତୃଣମୂଳ କଂଗ୍ରେସ ଶାସନରେ ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା କଳ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ସହ ସେଠାରେ ମାଫିଆ ରାଜ୍ ଚାଲିଥିବା କମିଟି ରିପୋର୍ଟରେ ଦର୍ଶାଇଛି। ହିଂସା ପଛର ମୂଳ କାରଣ ରାଜ୍ୟ ପ୍ରାୟୋଜିତ ବଟି ଆଦାୟ, ଗୁଣ୍ଡା ଟିକସ ହୋଇଥିବାରୁ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରି ଆଇନର ଶାସନ ପାଇଁ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଘଟଣାସ୍ଥଳକୁ ଯାଇଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ରାଜ୍ୟ ପୋଲିସର ଜଣେ ହେଲେ ଅଫିସର କିମ୍ବା କର୍ମଚାରୀ ସେମାନଙ୍କୁ ସୁରକ୍ଷା ଦେବାକୁ ଆସି ନ ଥିଲେ ବୋଲି ଟିମ୍ ଅଭିଯୋଗ କରିଛି। କାଲ୍‌କାଟା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ବୀରଭୂମ ହିଂସା ଘଟଣାର ତଦନ୍ତ ଦାୟିତ୍ୱ ନେଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ମଧ୍ୟ ଏକ ତଦନ୍ତ କମିଟି ଗଠନ କରିଛନ୍ତି।


ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଦଳ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ରିପୋର୍ଟ ପ୍ରଦାନ କରୁଛନ୍ତି।

# ୫ରେ ୬ ବୁଥ୍‌ରେ ସାନି ମତଦାନ

**ଧାମନଗର ଏନ୍‌ଏସି**

ଭୁବନେଶ୍ୱର(ବ୍ୟୁରୋ), ଭଦ୍ରକ ଅଫିସ/ଧାମନଗର, ୩୦।୩

ଭଦ୍ରକ ଜିଲା ଧାମନଗର ଏନ୍‌ଏସିର ୬ ବୁଥ୍‌ରେ ଆସନ୍ତା ଏପ୍ରିଲ ୫ରେ ସାନି ମତଦାନ ହେବ। ଏନେଇ ବୁଧବାର ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନ୍‌ଏସିର ୨ ନଂ. ୱାର୍ଡର ୩ ନମ୍ବର ବୁଥ୍, ୫ ନଂ. ୱାର୍ଡର ୮ ଓ ୯, ୯ ନଂ. ୱାର୍ଡର ୧୬, ୧୦ ନଂ. ୱାର୍ଡର ୧୭ ଓ ୧୮ ନମ୍ବର ବୁଥ୍‌ରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ଏପ୍ରିଲ ୫ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ଭୋଟଗ୍ରହଣ କରାଯିବ। ୬ ତାରିଖରେ ଗଣତି କରାଯିବ। ଏନେଇ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ତ୍ରିଲୋଚନ ମାଝି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ନିର୍ବାଚନ ସମୟରେ ହିଂସାକାଣ୍ଡ ଘଟିଥିଲା। ୧୬ ନଂ. ବୁଥ୍‌ରେ ସେକ୍ ଅସ୍ତାକ ନାମକ ଜଣେ ଯୁବକ ପଶି ପାଟିତୁଣ୍ଡ କରିଥିଲେ। ଏହାକୁ ସ୍ଥାନୀୟ ମହାନ୍ତିସାହିର ରମେଶ ଚନ୍ଦ୍ର ଲେଙ୍କା ନାମକ ଯୁବକ ବିରୋଧ କରିବାରୁ ଅସ୍ତାକ ତାଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ରମେଶ ଗୁରୁତର ହୋଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ବୁଥ୍‌ରେ ପଶି ଇଭିଏମ୍ ଭଙ୍ଗାରୁଜା କରିବା ସହ ଧାମନଗର ଥାନା ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏପରିକି ଅନ୍ୟ ବୁଥ୍‌ଗୁଡ଼ିକରେ ଉତ୍ତ୍ୟକ୍ତ ଲୋକେ ଇଭିଏମ୍ ଭଙ୍ଗାରୁଜା କରିଥିଲେ। ଫଳରେ ନିର୍ବାଚନ ବନ୍ଦ ରହିଥିଲା।

GOVERNMENT OF ODISHA No. B-1072
"e" PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmail.com
Bid Identification No. CE-DPI&R-23/2021-22

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of work : Road work
3. No. of work : 4 Nos.
4. Tender Paper Cost : Rs.10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 06.04.2022 to 5.30 P.M. of 26.04.2022
7. Date of opening of Bid : Dt.27.04.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34111/11/0005/2122

OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA, BHUBANESWAR
Plot No. GD-2/12, 5th Floor, Aranya Bhawan, Chandrasekharpur, Bhubaneswar, Odisha, PIN - 751023
Phone No.: 0674-2300915/2300916, E-mail ID: pccfkldak@gmail.com

ABRIDGED TENDER CALL NOTICE

No. 29 Dated: 29th March, 2022

PROCUREMENT OF HESSIAN CLOTH (SUPERIOR) AND HESSIAN TWINE

No. MM-402: Sealed tenders in prescribed format are invited from Companies/Firms/Manufacturers/Traders of Hessian material for supply about **500 Bales of Hessian Cloth (Superior) and 12 MT of Hessian Twine** for 2022 KL Crop Year. The tender document along with terms & conditions can be obtained from the O/o. the PCCF (KL), Odisha on submitting the proof of payment of Rs.10,000/- towards cost of tender paper (Non-refundable) in the **(Account No. 32269698772 (State Bank of India, Fortune Towers Branch, IFSC Code: SBIN0004414**. The tender document can also be downloaded from Kendu Leaf Organization Web portal: **http://iklmsodisha.in**.

SCHEDULE OF TENDER

| | |
|---|---|
| Sale of Tender Documents | On all working days from 31.03.2022 to 11.04.2022 |
| Cost of Tender Document (Non-refundable) | Rs.10,000 |
| Last date of Submission of Tender | 13.04.2022 (5.00 P.M.) |
| Opening of Technical Bid and Evaluation | 16.04.2022 (11.00 A.M.) |
| Opening of Financial Bid | 16.04.2022 (4.00 P.M.) |

Sd./- Assistant Chief Conservator of Forests
Kendu Leaves, Odisha
OIPR-08137/11/0004/2122

ENGAGEMENT OF SOFTWARE ENGINEERING PROFESSIONALS BY ORSAC, BHUBANESWAR

No. CAD-3352: Software Engineering Professionals with good domain skills and experience are requested to apply for contractual appointments in the following domains at ORSAC. Remuneration is negotiable as per competence and experience.

**Domains:**
1. Application Developments in JAVA, Python, PHP, iOS & Android.
2. DB Programming and Management
3. UI/UX Design using Java Script.
4. Web-GIS Design, Programming and Mgmt.
5. Linux Server Network Admin with Cloud Infra Mgmt.

Interested candidates may send their detailed CV to **orsacgeoict@gmail.com** latest by 18th April 2022. Decision of ORSAC regarding selection of candidates is final.

Sd./- Chief Executive, ORSAC
OIPR-28007/11/0016/2122

## ବିଧାନସଭା ଖବର

# ଆଇନଶୃଙ୍ଖଳା ଶାନ୍ତିପୂର୍ଣ୍ଣ ରହିଛି: ଗୃହ ରାଷ୍ଟ୍ରମନ୍ତ୍ରୀ

**ମୁଲତବୀ ଆଲୋଚନା**

- ଅଶାନ୍ତ ହୋଇଛି ଓଡ଼ିଶା: ଭାଜପା
- ପରାଜୟ ଗ୍ଲାନିରୁ ମୁକୁଳିପାରିନି ଭାଜପା: ବିଜେଡି

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ରାଜ୍ୟରେ ରାଜନୈତିକ ହିଂସାକାଣ୍ଡଠାରୁ ଆରମ୍ଭ କରି ବଳାତ୍କାର, ନିର୍ଯାତନା, ଚୋରି, ଡକାୟତି, ହତ୍ୟା, ଲୁଣ୍ଠନ ବୃଦ୍ଧି ପାଇବାରେ ଲାଗିଛି। ଶାନ୍ତିପ୍ରିୟ ଓଡ଼ିଶା ଏବେ ଅଶାନ୍ତ ହୋଇଛି। ଗାଁ ଗଣ୍ଡାରେ କଥା କଥାରେ ମାରପିଟ। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଟଙ୍କା ବାଣ୍ଟି ଭୋଟ ହାତେଇଛି ବିଜେଡି। ଏହାକୁ ନେଇ ଭାଜପା ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି।

ବୁଧବାର ବିଧାନସଭାରେ ହିଂସା ଅପରାଧିକ କାର୍ଯ୍ୟକଳାପରେ ସାରା ରାଜ୍ୟ ଅଶାନ୍ତ ଶିର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି ଭାଜପା ସଭ୍ୟ ମୋହନ ଚରଣ ମାଝି ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ରାଜନୈତି ଓ ନିର୍ବାଚନୀ ହିଂସାରେ ସାରା ରାଜ୍ୟ ଜର୍ଜରୀତ। ଏବେ ବି ନିର୍ବାଚନ ହିଂସା କମି ନାହିଁ। ଗାଁ ଗଣ୍ଡାରେ ମାରପିଟ୍, ହତ୍ୟା ଭଳି ହିଂସା ବଢ଼ି ଚାଲିଛି। ଚିଲିକା ବିଧାୟକ ଲୋକମାନଙ୍କ ଉପରୁ ଗାଡ଼ି ଚଢ଼ାଇ ଦେଲେ। ସେ ବିଧାୟକଙ୍କୁ କିଏ ସୁରକ୍ଷା ଦେଉଛି। ଫଟୋ ଖବରଦାତା ମାନସ ସ୍ୱାଇଁଙ୍କୁ ହତ୍ୟା କରାଗଲା। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ବହୁ ଦିନ ଲାଗିଗଲା। ଆଇନ ଶୃଙ୍ଖଳା ରାଜ୍ୟରେ ଆଉ ନାହିଁ। ସେହିପରି ମମିତା ମେହେର ଘଟଣାକୁ ମଧ୍ୟ ଚାପି ଦିଆଗଲା। ଏହି ଘଟଣାରେ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ନା ଆସୁଥିବାରୁ ସେ କିପରି ମୁଲତବୀ ଆଲୋଚନାର ଉତ୍ତର ଦେବେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଉତ୍ତର ଦେବାକୁ ଦାବି କରିଥିଲେ। ଭାଜପା ସଭ୍ୟ ଭାସ୍କର ମଢ଼େଇ, କୁସୁମ ଟେଟେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଅନ୍ୟ ପକ୍ଷରେ ଧ୍ୟାନ ଆକର୍ଷଣକାରୀ ନୋଟିସ ଦେଇ ଭାଜପା ଆଣିଥିବା ଅଭିଯୋଗକୁ ଶାସକ ସଦସ୍ୟମାନେ ଖଣ୍ଡନ କରିଥିଲେ। ବିଜେଡି ସଭ୍ୟ ପ୍ରମିଳା ମଲ୍ଲିକ କହିଥିଲେ ମହିଳାମାନଙ୍କୁ ରାଜନୀତିକୁ ଆଣିବାକୁ ବିଜୁବାବୁ ୩୩% ଆସନ ସଂରକ୍ଷଣ ଦେଇଥିଲେ। ତାଙ୍କ ପୁଅ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ କରିଛନ୍ତି। ୧୫ ଜିଲାରୁ ୧୦ ଜିଲାରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇଛି। ବିଜେଡି ସଭ୍ୟ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଭାଜପା ସଦସ୍ୟମାନେ ପରାଜୟ ଗ୍ଲାନିରୁ ମୁକୁଳି ପାରୁ ନାହାନ୍ତି। ୩୦ ଜିଲାରୁ ୩୦ ଜିଲାପରିଷଦ ସଭାପତି ବିଜେଡିକୁ ମିଳିଛି। ପୌରାଞ୍ଚଳରେ ମଧ୍ୟ ୭୦ ପ୍ରତିଶତ ଭୋଟ ମିଳିଛି। ପିପିଲିରୁ ଏ ପର୍ଯ୍ୟନ୍ତ ଯେତେ ନିର୍ବାଚନ ହୋଇଛି ସେସବୁ ଶାନ୍ତିଶୃଙ୍ଖଳାର ସହ ହୋଇଛି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, ରାଜ କିଶୋର ଦାସ ପ୍ରମୁଖ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିବା କହିଥିଲେ।

ମୁଲତବୀ ଜବାବରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ ପଞ୍ଚାୟତ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ପୋଲିସର ସତର୍କତା ପାଇଁ କମ ବୁଥରେ ସାନି ନିର୍ବାଚନ ହୋଇଛି। ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ସମେତ କେତେକ ଜିଲାର ମାଓପ୍ରବଣ ଅଞ୍ଚଳରେ ମାଓବାଦୀମାନେ ନିର୍ବାଚନ ବର୍ଜନ କରିବାକୁ ଧମକ ଦେବା ସତ୍ତ୍ୱେ ବହୁ ମତଦାତା ଧମକକୁ ଖାତିର ନ କରି ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ। ଫଟୋ ଖବରଦାତା ମାନସ ସ୍ୱାଇଁଙ୍କ ହତ୍ୟା ମାମଲାକୁ ଗମ୍ଭୀରତାର ସହ ନେଇ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇବ୍ରାଞ୍ଚ ଦୁଇ ଫେରାର ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଓ ଝୁନା ବେହେରାଙ୍କୁ ମାର୍ଚ୍ଚ ୨୮ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମାମଲାର ପ୍ରତ୍ୟେକ ଦିଗ ପ୍ରତି ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରହିଛି। ମମିତା ମେହେର ମୋକଦ୍ଦମାର ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ନିର୍ଦ୍ଧାରୀତ ସମୟସୀମା ମଧ୍ୟରେ ବଙ୍ଗମୁଣ୍ଡା ବିଚାରପତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟଙ୍କ ଅଦାଲତରେ ଦାଖଲ କରାଯାଇଛି। ମାମଲା ବିଚାରଧୀନ ରହିଛି। ରାଜ୍ୟରେ ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧକୁ ରୋକିବାକୁ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ଅଧୀନରେ ଏକ ଉଇଙ୍ଗ ସ୍ଥାପନ କରିଛନ୍ତି। ରାଜ୍ୟରେ ମାଓବାଦୀ ପରିସ୍ଥିରେ ଉନ୍ନତୀ ହୋଇଛି। ୧୫ ମାଓ ପ୍ରବଣ ଜିଲାରୁ ମାଓବାଦୀ କାର୍ଯ୍ୟକଳାପରୁ ୫ଟି ମୁକ୍ତ ହୋଇଛି। ୧୦ଟି ଜିଲାରେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି।

ରାଜ୍ୟ ସରକାର ୧୫ଟି ଥାନା, ୧୨ଟି ନୂତନ ସାଇବର ଅପରାଧ ଥାନା ଗୋଟିଏ ସିଏଡବ୍ଲ୍ୟୁ ସୃଷ୍ଟି କରାଯିବା ସହ ୨୯୯ଟି ନୂତନ ପଦବୀ ସୃଷ୍ଟି ହୋଇଛି। ରାଜ୍ୟରେ ମୋଟାମୋଟି ଆଇନ ଶୃଙ୍ଖଳା ଶାନ୍ତିପୂର୍ଣ୍ଣ ରହିଛି ବୋଲି ଗୃହରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

ଜନ୍ମଦିନର ଶୁଭେଚ୍ଛା


ଢେର୍ ସାରା ଆଶୀର୍ବାଦ ଓ ଶୁଭକାମନା ସହ:
GAYATRI, SAMBIT & GRANDPARENTS
D-67420



ସାଇ ଶିବମ୍ ମହାନ୍ତି (ସାଇ)
କୁଦିଆରୀ, ମହତାବ ନଗର, ଜଟଣୀ
ଆଜି ତୋର ସପ୍ତମ ଜନ୍ମବାର୍ଷିକ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶିରିଡ଼ି ସାଇବାବା, ଗାଦିବ୍ରହ୍ମ ଓ ମହାବୀରଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ହେଉ। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେବା ସହିତ ତୋତେ ଦୀର୍ଘାୟୁ ଓ ଭଲ ମଣିଷ ପରି ମଣିଷଟିଏ କରି ଗଢ଼ିତୋଳନ୍ତୁ।
ଶୁଭେଚ୍ଛା ସହ- ବାପି ମାମା, ଅନିତା ମାମି, ଝରଣା ମାଉସୀ, ମୀନା ଅଜା, ମାନା ଆଈ, ବାବା, ମିମି ଓ ଅନ୍ୟମାନେ।
D-23522

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

# ବିଧାନସଭାରେ ଦିବ୍ୟଶଙ୍କରଙ୍କୁ ବିରୋଧ

- ଗୃହରେ ହଟ୍ଟଗୋଳ
- ଧାରଣାରେ ବସିଲେ କଂଗ୍ରେସ ସଦସ୍ୟ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ବହୁଚର୍ଚ୍ଚିତ ମମିତା ମେହେର ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଛି। ସେ ଜଣେ ଅଭିଯୁକ୍ତ ହୋଇଥିବା ବେଳେ କିପରି ଗୃହରେ ମୁଲତବୀ ଆଲୋଚନାର ଉତ୍ତର ଦେବେ। ତାଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ଉତ୍ତର ରଖିବାକୁ କୁହାଯାଉ ବୋଲି କଂଗ୍ରେସ ସଦସ୍ୟମାନେ ଦାବି କରିଥିଲେ। ମୁଲତବୀ ଆଲୋଚନାକୁ ବର୍ଜନ କରିବା ସହ ବିଧାନସଭାରେ ହଟ୍ଟଗୋଳ କରିଥିଲେ। ଏପରି କି କଂଗ୍ରେସ ସଦସ୍ୟମାନେ ବିଧାନସଭା ବାହାରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ବୁଧବାର ବିଧାନସଭାରେ ମୁଲତବୀ ଆଲୋଚନା ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ଅଭିଯୋଗ କରିଥିଲେ ଯେ ଗୃହ ଶାନ୍ତିପୂର୍ଣ୍ଣ ଭାବରେ ଚାଲିଛି। ବିରୋଧୀ ଦଳ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ନାଁରେ ଅଭିଯୋଗ ଥିବାରୁ ସେ ଉତ୍ତର ଦେଇପାରିବେ ନାହିଁ। ତାଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ କୁହାଯାଉ। ବାଚସ୍ପତି ନ ଶୁଣିବାରୁ ତାରା, ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ଅଧୀରାଜ ପାଣିଗ୍ରାହୀ, ମହମ୍ମଦ ମୋକିମ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ବାଚସ୍ପତିଙ୍କ ପୋଡିୟମ ବାଡେଇ ହଟ୍ଟଗୋଳ କରିଥିଲେ। ବାଚସ୍ପତି କହିଥିଲେ ଯେ ଗୃହ ରାଷ୍ଟ୍ରମନ୍ତ୍ରୀ ଥାଉ ଥାଉ ଅନ୍ୟ ମନ୍ତ୍ରୀଙ୍କୁ ବଦଳ କରିପାରିବୁ ନାହିଁ। ବାଚସ୍ପତି କଂଗ୍ରେସ ସଦସ୍ୟଙ୍କ କଥା ନ ଶୁଣିବାରୁ ବିଧାନସଭା ବାହାରକୁ ଆସି ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ଅପରାହ୍ନରେ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କୁ ସ୍ମାରକପତ୍ର ଦେଇଥିଲେ। ଭାଜପା ସଭ୍ୟ ମୋହନ ଚରଣ ମାଝି କଂଗ୍ରେସ ଉଠାଇଥିବା ପ୍ରସଙ୍ଗକୁ ସମର୍ଥନ କରିଥିଲେ ମଧ୍ୟ ମୁଲତବୀ ଆଲୋଚନାକୁ ଜାରି ରଖିଥିଲେ।

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଛତୁ, ଲେମ୍ବୁ ଉତ୍ପାଦନରେ ଓଡ଼ିଶା ପ୍ରଥମ: କୃଷିମନ୍ତ୍ରୀ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ଛତୁ ଓ ଲେମ୍ବୁ ଉତ୍ପାଦନରେ ଓଡ଼ିଶା ୧ ନମ୍ବର ରାଜ୍ୟ ହୋଇଛି। ସେହିପରି ବାଇଗଣ ଉତ୍ପାଦନରେ ଦୁଇ ନମ୍ବର ଓ ଚାଉଳ ଉତ୍ପାଦନରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ବିଦେଶକୁ ୭୦୦ ମେଟ୍ରିକ ଟନ୍ ଚାଉଳ ପଠା ଯାଉଥିବା ବେଳେ ଆଗକୁ ୧ ହଜାର ମେଟ୍ରିକ ଟନ୍ ଚାଉଳ ପଠାଇବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ବିଧାନସଭାର ପ୍ରଶ୍ନକାଳରେ କୃଷିମନ୍ତ୍ରୀ ଅରୁଣ ସାହୁ ଏହା କହିଛନ୍ତି।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମୂଳ ପ୍ରଶ୍ନ ନମ୍ବର ୯୧ରେ ପଚାରିଥିଲେ ଯେ ରାଜ୍ୟରେ ପନିପରିବା ରଖିବା ପାଇଁ କେତେ ଶୀତଳଭଣ୍ଡାର ରହିଛି। ସେଗୁଡ଼ିକର ଆହରଣ କ୍ଷମତା କେତେ। ଏହାଛଡ଼ା କୃଷିଜାତ ଦ୍ରବ୍ୟ ରଖିବା ପାଇଁ ରାଜ୍ୟରେ କେତୋଟି ଶୀତଳ ଭଣ୍ଡାର ରହିଛି। ଶୀତଳଭଣ୍ଡାର ଅଭାବରୁ କେତେ ପରିବା ନଷ୍ଟ ହେଉଛି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୋଟ ୧୧୩ଟି ଶୀତଳଭଣ୍ଡାର ଥିବାବେଳେ ସେଥି ମଧ୍ୟରୁ ୭୯ଟି ଅଚଳ ହୋଇପଡ଼ିଛି। ସଚଳ ଥିବା ଶୀତଳଭଣ୍ଡାର ମଧ୍ୟରୁ କୃଷି ବିଭାଗର ୪ଟି ରହିଛି, ଯାହାର କ୍ଷମତା ୪ ହଜାର ମେଟ୍ରିକ ଟନ୍। ସମବାୟ ବିଭାଗ ଅଧୀନରେ ୧୮ଟି ଶୀତଳଭଣ୍ଡାର ରହିଛି। ଏଥିରୁ କେତେ ଅଚଳ ଓ କେତେ ସଚଳ ତାହାର ତଥ୍ୟ ମୋ ପାଖରେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଯେହେତୁ ଶୀତଳଭଣ୍ଡାରଗୁଡ଼ିକୁ ଶିଳ୍ପ ଭାବେ ଗଣାଯାଉଛି ତାହାର ବିଦ୍ୟୁତ୍ ଦର ୟୁନିଟ ପିଛା ୪ ଟଙ୍କା ୩୦ ପଇସା ରହିଛି। ଶୀତଳଭଣ୍ଡାରଗୁଡ଼ିକୁ କୃଷିଭିତ୍ତିକ ଶିଳ୍ପରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)କୁ ପ୍ରସ୍ତାବ ଦେଇଛନ୍ତି। ଏହା ଏବେ ବିଚାରାଧୀନ ରହିଛି। ଏହା ଦ୍ୱାରା ବିଦ୍ୟୁତ୍‌ଜନିତ ଖର୍ଚ୍ଚ କମିବ। ବର୍ତ୍ତମାନ ରାଜ୍ୟ ସରକାର ପ୍ରତି ବର୍ଷ ଶୀତଳଭଣ୍ଡାରରେ ଖର୍ଚ୍ଚ ହେଉଥିବା ବିଦ୍ୟୁତ୍ ଦେୟ ଉପରେ ୫୦ ପ୍ରତିଶତ ରିହାତି ଦେଉଛନ୍ତି। କୃଷି ବିଭାଗ ଅଧୀନକୁ ଶୀତଳଭଣ୍ଡାର ଆସିବ ବୋଲି ପ୍ରସ୍ତାବ ରହିଥିବା ମନ୍ତ୍ରୀ କହିଛନ୍ତି।

ODISHA STATE BEVERAGES CORPORATION LIMITED
(A Government of Odisha Undertaking)
2nd Floor, Fortune Tower, Chandrasekhapur,
Bhubaneswar - 751023 (Odisha)
CIN: U51228OR2000SGC006372

Notice Inviting Expression of Interest (EOI) by Chartered Accountants Firms for Selection/ Empanelment for monthly Physical verification of stocks at OSBC Depots of OSBC Ltd.

EXPRESSION OF INTEREST (EOI)

No. CAD-3322: The Odisha State Beverages Corporation Ltd. (OSBCL) invites Expression of Interest (EOI) from experienced Chartered Accountant Firms having registered office at the districts of concerned depots of OSBC Ltd. for selection/empanelment for monthly physical verification of stock of OSBC Ltd. for the financial year 2022-23.
The Expression of Interest (EOI) document prescribing the format of application along with information on terms of reference, selection criteria, areas of coverage etc. has been hosted in the official website of OSBC Ltd. i.e. **(www.osbc.co.in)**. Any updates to the EOI documents shall be hosted in website.
Interested Firms may send their application in the prescribed format along with Annexure under sealed cover addressed to General Manager (Accounts & Audit), OSBC by 22nd April, 2022. (Cut off time 5.00 P.M.).

Sd./- General Manager (Accounts & Audit)
OIPR-36014/11/0002/2122

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି

୰ପ୍ରସନ୍ନ କୁମାର ବେହେରା
ଆବିର୍ଭାବ- ୨୬।୦୪।୧୯୩୬
ତିରୋଧାନ- ୧୦।୦୪।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁତ୍ର- ଜୟନ୍ତ, ଜଗଦୀଶ, ଜଗତ, ପୁତ୍ରବଧୂ- ଅନୁରାଧା, ନାତି- ବିକାଶ, ନୀତୀଶ, ଚିନ୍ଟୁ, ନାତୁଣୀ- ପାୟଲ, ରାଧା
ଧ-୨୩୫୧୯

ଦଶାହ ଉପଲକ୍ଷେ

୰ସବିତା ମହାପାତ୍ର
ସାକ୍ଷୀଗୋପାଳ, ଟେମ୍ପଲ୍ ରୋଡ, ପୁରୀ
ଆବିର୍ଭାବ- ୨୭।୦୭।୧୯୫୫
ତିରୋଧାନ- ୨୨।୦୩।୨୦୨୨ (କୃଷ୍ଣ ପଞ୍ଚମୀ)
ସାକ୍ଷୀଗୋପାଳ ପବିତ୍ର ରାଧାଷ୍ଟମୀ ମହାଯଜ୍ଞରେ କର୍ତ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ୰ଶ୍ରୀମତୀ ସବିତା ମହାପାତ୍ର ୨୨।୦୩।୨୦୨୨ ତାରିଖରେ ଶୋକାକୁଳ ପରିବେଶ ସୃଷ୍ଟିକରି ଇହଲୀଳା ସମ୍ବରଣ କରିଛନ୍ତି। ଏଣୁ ମହାପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କ ଚରଣରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ- ରଘୁନାଥ, ଝିଅ- ଗୁନ, ପିନା, ଜ୍ୱାଇଁ- ବିଜୟ, ପୁତ୍ର- ନାରଣ, ପୁତ୍ରବଧୂ- ସୁମିତ୍ରା, ନାତି- ଚନ୍ଦନ, ସୁମନ, କ୍ରିସ୍, ଓମ୍, ନାତୁଣୀ- ତୁତୁଲି, ଲଭ୍‌ଲି, ରୋମି, ଦିଅର, ଯାଆମାନେ, ଝିଆରୀ, ପୁତୁରା ଓ ବନ୍ଧୁବର୍ଗ।
ଧ-୬୦୮୯୯

ଦ୍ୱାଦଶାହ ଉଲକ୍ଷେ...

୰ଇଞ୍ଜିନିୟର ଶୁଭାଶିଷ ପୃଷ୍ଟି (ବୁନୁ)
ବାସସ୍ଥାନ- ବଣିଆସାହି, ଗୋପ, ପୁରୀ
ଆବିର୍ଭାବ- ୨୫।୩।୧୯୭୦
ତିରୋଧାନ- ୨୦।୩।୨୦୨୨
ଆପଣଙ୍କ ଅନୁପସ୍ଥିତିରେ ପରିବାରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟପରାୟଣତାକୁ ଆମେ କେବେବି ଭୁଲିପାରିବୁ ନାହିଁ। କାହିଁକି ନା ତୁମେ ଯେତେବେଳେ ମୋ ସହିତ, ତୁମ ପୁଅ ସହିତ ରହିଥାଅ ତା'ହେଲେ ମୋତେ ସବୁକିଛି ସ୍ୱପ୍ନ ପରି ଲାଗିଥାଏ। ଆଜି ଯେମିତି ସବୁ ଅଧୁରା ସ୍ୱପ୍ନପରି ଲାଗୁଛି। ତୁମେ ଯେଉଁଠି ଥାଅ ପଛେ ଖୁବ୍ ଭଲରେ ଥାଅ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଆତ୍ମାକୁ ଭଲରେ ରଖିଥାନ୍ତୁ ଏବଂ ଆପଣଙ୍କ ଚିରଶାନ୍ତି ନିମନ୍ତେ ପ୍ରଭୁଙ୍କ ପାଦତଳେ ପ୍ରାର୍ଥନା କରୁଛି।
ତୁମର ପତ୍ନୀ- ସସ୍ମିତା ପୃଷ୍ଟି, ପୁତ୍ର- ସମ୍ବିତ୍ ପୃଷ୍ଟି, ବନ୍ଧୁ- ରବିନ୍ଦ୍ର ଦଳାଇ ଓ ପରିବାରବର୍ଗ।
D-23531

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୩୧/୨୦୨୨ Bhubaneswar, Thursday, March 31/ 2022




ଭୁବନେଶ୍ୱରରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ବୁଧବାର ପୁରୁଷ ଲଙ୍ଗଜମ୍ପ ଓ ରେସ୍ ଅବସରରେ ପ୍ରତିଯୋଗୀମାନେ।



ଗାଇଡ୍ ରନର ସାଗର କୁମାର ସ୍ୱାଇଁଙ୍କ ସହ ୪୦୦ ମିଟର ପୁରୁଷ ଟି-୧୧ ବର୍ଗରେ ରୌପ୍ୟ ପଦକ ହାସଲକାରୀ ଓଡ଼ିଶାର ଦେବରାଜ ବେହେରା (ଡାହାଣରୁ ଦ୍ୱିତୀୟ)।

**ଜାତୀୟ ସବ୍‌ଜୁନିୟର ଉଶୁ**

## ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୯ ପଦକ

**ଭୁବନେଶ୍ୱର, ୩୦।୩ (କ୍ରୀଡ଼ା ପ୍ରତିନିଧି):** ତାମିଲନାଡୁର ନାଗରକୋଲିରେ ଅନୁଷ୍ଠିତ ୨୧ତମ ଜାତୀୟ ସବ୍‌ଜୁନିୟର ଉଶୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳିକା ବିଭାଗ କେଜି ବର୍ଗରେ ଶ୍ୱେତା ରାଣୀ ମହନ୍ତ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ବାଳକ ବର୍ଗ ୨୪ କେଜିରେ ଗାର୍ଡି ମୁଣ୍ଡା, ୨୮ କେଜିରେ ଅକିଲ ମୁଣ୍ଡା, ୩୨ କେଜିରେ ମଦନ ମୁଣ୍ଡା, ୩୬ କେଜିରେ ରମେଶ ମୁଣ୍ଡା ଓ ୩୯ କେଜିରେ ବିଷ୍ଣୁ ମୁଣ୍ଡା ରୌପ୍ୟ ପଦକ ଅର୍ଜନ କରିଛନ୍ତି। ବାଳିକା ୩୯ କେଜିରେ ସବିତା ମୁଣ୍ଡା, ପାରମ୍ପରିକ ୱିପନ ବିଭାଗରେ ବଂଶିକା ପତି ଓ ଦାଓଶୁ ବିଭାଗରେ ଦିବ୍ୟଜ୍ୟୋତି ବିଶ୍ୱଜିତ ମହାନ୍ତି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ଦଳଗତ ସାଣ୍ଡା ବିଭାଗରେ ହରିୟାଣା, ଉତ୍ତର ପ୍ରଦେଶ ଓ ଆସାମ ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ସେହିପରି ଦଳଗତ ତାଓଲୁରେ ମଣିପୁର ପ୍ରଥମ, ତାମିଲନାଡୁ ଦ୍ୱିତୀୟ ଓ ଦିଲ୍ଲୀ ତୃତୀୟ ସ୍ଥାନ ପାଇଛି। ମଣିପୁର ଦଳ ଓଭରଅଲ୍ ଚାମ୍ପିୟନ ହୋଇଛି। ଏଥିରେ ଓଡ଼ିଶାରୁ ଏକ ୨୫ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ସେମାନଙ୍କ ମଧ୍ୟରେ ୨୧ ଖେଳାଳି ଓ ୪ ଅଫିସିଆଲ ଥିଲେ। ରାଜ୍ୟ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜୁରିଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପଙ୍କଜ ମହନ୍ତ ଓ ଉଦୟନାଥ ରାଉତ କୋଚ୍ ଏବଂ ସୁଷମା ମହନ୍ତ ଦଳର ମ୍ୟାନେଜର ରହିଥିଲେ। ଉଶୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ.ଏସ. ହରିଚନ୍ଦନ ଏବଂ ଅଲ୍ ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସମ୍ପାଦକ ବିଭୂତି ଭୂଷଣ ବେହେରା ଓଡ଼ିଶାର କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜୟନ୍ତୀଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ, ଦେବରାଜଙ୍କୁ ରୌପ୍ୟ

**ଭୁବନେଶ୍ୱର, ୩୦।୩ (କ୍ରୀଡ଼ା ପ୍ରତିନିଧି)**

ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୨୦ତମ ଜାତୀୟ ପାରା-ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ

**ଜାତୀୟ ପାରା ଆଥ୍‌ଲେଟିକ୍ସ**

ଓଡ଼ିଶା ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଜୟନ୍ତୀ ବେହେରା। ସେହିପରି ଦେବରାଜ ବେହେରା ରୌପ୍ୟ ପଦକ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ୪୦୦ ମିଟର ମହିଳା ଟି-୪୭ ବର୍ଗରେ ଜୟନ୍ତୀ ୧:୦୦.୪୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଚଳିତ ପ୍ରତିଯୋଗିତାରେ



ଜୟନ୍ତୀ ବେହେରା

ଏହା ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଦେବରାଜ ୪୦୦ ମିଟର ପୁରୁଷ ଟି-୧୧ ବର୍ଗରେ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଗାଇଡ୍ ରନର ସାଗର କୁମାର ସ୍ୱାଇଁଙ୍କ ସହ ଦେବରାଜ ୪୦୦ ମିଟର ଦୂରତାକୁ ୧:୦୩.୫୨ ସେକେଣ୍ଡରେ ଅତିକ୍ରମ କରିଥିଲେ। ଏହାକୁ ମିଶାଇ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୫ (୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ)ରେ ପହଞ୍ଚିଛି। ମଙ୍ଗଳବାର ଦ୍ୱିତୀୟ ଦିବସରେ ଓଡ଼ିଶାର ପାରା ସ୍ପ୍ରିଣ୍ଟ କୁଇନ୍ ଭାବେ ପରିଚିତ ଜୟନ୍ତୀ ୧୦୦ ମିଟର ରେସ୍ ମହିଳା ଟି-୪୭ ଇଭେଣ୍ଟରେ ୧୨.୯୨ ସେକେଣ୍ଡ ଏବଂ ୧୦୦ ମିଟର ରେସ୍ ପୁରୁଷ ଟି-୪୪ ଇଭେଣ୍ଟରେ ରଶ୍ମି ରଞ୍ଜନ ମଲିକ ୧୨.୬୪ ସେକେଣ୍ଡ ସମୟ ନେଇ ୨ ସ୍ୱର୍ଣ୍ଣ ପଦକ ପାଇଥିଲେ। ରାଜ୍ୟର ଦୃଷ୍ଟିହୀନ ଆଥ୍‌ଲେଟ ପଙ୍କଜ ଭୁଏ ୧୦୦ ମିଟର ରେସ୍ ପୁରୁଷ ଟି-୧୩ ବର୍ଗରେ ୧୨.୧୭ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ଜିତିଥିଲେ।

## ଓଡ଼ିଶାର ଶିବାନୀଙ୍କୁ ରୌପ୍ୟ

**ଭୁବନେଶ୍ୱର, ୩୦।୩ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ବୁଧବାର ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଶିବାନୀ ଯାଦବଙ୍କୁ ରୌପ୍ୟ ପଦକ ମିଳିଛି। ୮୭ କେଜି ଜୁନିୟର ମହିଳା ବର୍ଗରେ ଶିବାନୀ ସ୍ନାଚରେ ୭୫ କେଜି, କ୍ଲିନ ଆଣ୍ଡ ଜର୍କରେ ୮୫ କେଜି ସହ ମୋଟ ୧୬୦ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ଏହି ବର୍ଗରେ ମହାରାଷ୍ଟ୍ରର ଯୋଗିତା ଖେଦକର ସ୍ୱର୍ଣ୍ଣ ଏବଂ ରୁଚିକା ଧୋରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୮୭ କେଜି ସିନିୟର ମହିଳା ବର୍ଗରେ ଆର୍‌ଏସ୍‌ପିବିର ବି. ଏନ୍. ଉଷା ସ୍ୱର୍ଣ୍ଣ ପଦକ ପାଇଛନ୍ତି।

# ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ୍ ୧ରୁ

**ପୁରୀ ଅଫିସ, ୩୦।୩**

ଆସନ୍ତା ଏପ୍ରିଲ ୧ରୁ ୩ ପର୍ଯ୍ୟନ୍ତ ପୁରୀ ବ୍ଲୁ ଫ୍ଲାଗ୍ ବିଚରେ ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ପୁରୀ ଜିଲା ପ୍ରଶାସନ ଏବଂ ଓଡ଼ିଶା କବାଡ଼ି ମହାସଂଘ ମିଳିତ ସହଯୋଗରେ ଏହି ଚାମ୍ପିୟନଶିପ୍ ଆୟୋଜନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏପ୍ରିଲ ୧ରୁ ୩ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ପୁରୁଷ ବିଭାଗରେ ୯ଟି ଦଳ ଓଡ଼ିଶା ପୋଲିସ, କଟକ, ନୂଆପଡ଼ା, ସମ୍ବଲପୁର, ଭୁବନେଶ୍ୱର, ଢେଙ୍କାନାଳ, ପୁରୀ, ଅନୁଗୋଳ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଭାଗନେବେ। ସେହିପରି ମହିଳା ବିଭାଗରେ ୮ ଟି ଦଳ ପୂର୍ବତଟ ରେଲୱେ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଯାଜପୁର, ଗଞ୍ଜାମ, କଟକ, ପୁରୀ ଓ କିଟ୍ ବିଶ୍ୱବିଦ୍ୟାଳୟ ଭାଗ ନେବେ। ସମସ୍ତ ୨୬ଟି ମ୍ୟାଚ୍‌କୁ ଫ୍ଲାଗ୍ ବିଚ୍‌ରେ ଖେଳାଯିବ। ଅପରାହ୍ନ ସାଢ଼େ ୪ଟାରୁ ରାତି ସାଢେ ୯ଟା ପର୍ଯ୍ୟନ୍ତ ମ୍ୟାଚ ହେବ। ପ୍ରତ୍ୟେକ ବିଭାଗରୁ ଚାମ୍ପିୟନଙ୍କୁ ୩୦ ହଜାର ଟଙ୍କା, ରନର୍ସ ଅପ୍‌ଙ୍କୁ ୨୦ ହଜାର, ତୃତୀୟ ସ୍ଥାନ ନିମନ୍ତେ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ପ୍ରତ୍ୟେକ ବିଭାଗରୁ ୩ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ୩ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ଖେଳାଳି ଏବଂ ଅଫିସିଆଲମାନଙ୍କୁ ମିଶାଇ ପ୍ରାୟ ୩୦୦ ଜଣ ଭାଗ ନେବେ। ସେମାନଙ୍କ ରହିବା, ଖାଇବା ଓ ଯାତାୟାତ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯିବ। ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧି ସହ କବାଡ଼ିକୁ ପ୍ରୋତ୍ସାହିତ ଓ ଲୋକପ୍ରିୟ କରିବାକୁ ଏଭଳି ପ୍ରତିଯୋଗିତା ଆୟୋଜନ କରାଯାଉଥିବା ଅତିରିକ୍ତ ଜିଲାପାଳ ସାହୁ କହିଛନ୍ତି। ଏହି ଅବସରରେ ଚାମ୍ପିୟନଶିପ୍‌ର ଜର୍ସି ଉନ୍ମୋଚନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଉପଜିଲାପାଳଙ୍କ ସମେତ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସ୍ପୋର୍ଟ୍ସ ହଷ୍ଟେଲ କବାଡ଼ି ପ୍ରଶିକ୍ଷିକା ସଂହିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନଙ୍କ ଦ୍ୱାରା ଜର୍ସି ଉନ୍ମୋଚନ କରାଯାଉଛି।

- ଉନ୍ମୋଚନ ହେଲା ଜର୍ସି
- ଭାଗ ନେବେ ୧୭ ମହିଳା ଓ ପୁରୁଷ ଦଳ
- ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ହେବ ମ୍ୟାଚ୍

# ଆର୍‌ସିବିର ପ୍ରଥମ ବିଜୟ

**ମୁମ୍ବାଇ, ୩୦।୩**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୩ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୧୮.୫ ଓଭରରେ ୧୨୮ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଆର୍‌ସିବି ୧୯.୨ ଓଭରରେ ୭ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରି ନେଇଥିଲା। ଚଳିତ ଲିଗ୍‌ରେ ୨ ମ୍ୟାଚରୁ ଆର୍‌ସିବିର ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ କୋଲକାତାର ୨ ମ୍ୟାଚରୁ ପ୍ରଥମ ପରାଜୟ।

ଟସ୍ ଜିତି ଆର୍‌ସିବି ଅଧିନାୟକ ଫାଫ୍ ଡୁ'ପ୍ଲେସି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ୬୭ ରନ ମଧ୍ୟରେ କୋଲକାତା



ୱାନିନ୍ଦୁ ହସରଙ୍ଗା

୬ଟି ଉଇକେଟ ହରାଇଥିଲା। ଆନ୍ଦ୍ରେ ରସେଲ ସର୍ବାଧିକ ୨୫ (୧୮ ବଲ, ୧ ଚୌକା, ୩ ଛକା) ରନ କରିଥିଲେ। ଆର୍‌ସିବି ବୋଲରଙ୍କ ମଧ୍ୟରେ ୱାନିନ୍ଦୁ ହସରଙ୍ଗା ୨୦ ରନ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିବାବେଳେ ହର୍ଷଲ ପଟେଲ ଚମତ୍କାର ବୋଲିଂ କରି ନିଜ ୪ ଓଭର ସ୍ପେଲ୍‌ରେ ୨ଟି ମେଡେନ ନେବା ସହ ମାତ୍ର ୧୧ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଆକାଶ ଦୀପ ୩ଟି ଓ ମହମ୍ମଦ ସିରାଜଗୋଟିଏ ଉଇକେଟ ମିଳିଥିଲା। ଆର୍‌ସିବିର ଆରମ୍ଭ ମଧ ଭଲ ହୋଇ ନ ଥିଲା। ୧୭ ରନ୍ ମଧ୍ୟରେ ୩ଟି ଉଇକେଟ ହରାଇ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଶେର୍ଫାନେ ରଥରଫୋର୍ଡ ସର୍ବାଧିକ ୨୮ ରନ କରିଥିବାବେଳେ ଦୀନେଶ କାର୍ତ୍ତିକ ୭ ବଲ୍‌ରୁ ୧୪ ରନରେ ଅପରାଜିତ ରହି ଦଳକୁ ଉତ୍କଣ୍ଠାପୂର୍ଣ୍ଣ ବିଜୟ ଭେଟି ଦେଇଥିଲେ।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୧୮.୫ ଓଭରରେ ୧୨୮/ଅଲ୍‌ଆଉଟ (ଆନ୍ଦ୍ରେ ରସେଲ-୨୫, ଉମେଶ ଯାଦବ-୧୮, ୱାନିନ୍ଦୁ ହସରଙ୍ଗା-୪/୨୦, ଆକାଶ ଦୀପ-୩/୪୫, ହର୍ଷଲ ପଟେଲ-୨/୧୧, ମହମ୍ମଦ ସିରାଜ-୧/୨୫)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୨ ଓଭରରେ ୧୩୨/୭ (ଶେର୍ଫାନେ ରଥରଫୋର୍ଡ-୨୮, ଶାହାବାଜ ଅହମଦ-୨୭, ଟିମ୍ ସୌଦୀ-୩/୨୦, ଉମେଶ ଯାଦବ-୨/୧୬, ସୁନୀଲ ନାରିନ-୧/୧୨, ବରୁଣ ଚକ୍ରବର୍ତ୍ତୀ-୧/୩୩)।

# ଓଡ଼ିଶାର ଅମିତ ରୋହିଦାସ ଅଧିନାୟକ

**ଭୁବନେଶ୍ୱର, ୩୦।୩ (କ୍ରୀଡ଼ା ପ୍ରତିନିଧି)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକି ମ୍ୟାଚ ଏପ୍ରିଲ ୨ ଓ ୩ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଇଂଲଣ୍ଡ ଦଳ ଭୁବନେଶ୍ୱରରେ ପହଞ୍ଚି ସାରିଥିବାବେଳେ ବୁଧବାର ୨୨ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଓଡ଼ିଶାର ଅମିତ ରୋହିଦାସଙ୍କୁ ଅଧିନାୟକ ପଦରେ ଅପରିବର୍ତ୍ତିତ ରଖାଯାଇଛି। ହରମନପ୍ରୀତ ସିଂ ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଭାରତୀୟ ଦଳରେ ଓଡ଼ିଶାର ଆଉ ୨ ଖେଳାଳି ନିଲମ ସଞ୍ଜୀପ୍ ଖେସ୍ ଓ ଶୀଳାନନ୍ଦ ଲାକ୍ରା ମଧ୍ୟ ସାମିଲ ହୋଇଛନ୍ତି ଏବଂ ଦୀପସାନ ତିର୍କୀ ଓ ଆଶିଷ କୁମାର ଟପ୍ପୋ ଷ୍ଟାଣ୍ଡବାଇ ତାଲିକାରେ ଅଛନ୍ତି। ଅମିତଙ୍କୁ ଗତ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚରେ ମଧ୍ୟ ଦଳର ଅଧିନାୟକ ଭାର ଦିଆଯାଇଥିଲା। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ରେସର ଭାବେ ପରିଚିତ ଅମିତ ନିଜର ଗୁରୁଦାୟିତ୍ୱକୁ ସୁଚାରୁରୂପେ ତୁଲାଇଥିଲେ। ଫଳସ୍ୱରୂପ ତାଙ୍କ ଉପରେ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପୁଣି ଆସ୍ଥା ସ୍ଥାପନ କରିଛନ୍ତି। ଗତବର୍ଷ ଡିସେମ୍ବରରେ ଢାକାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ନିଲମ ଭାରତୀୟ ଦଳର ସଦସ୍ୟ ଥିଲେ। ଆଗାମୀ ମ୍ୟାଚ ୨ଟି ପାଇଁ ସେ ବରୁଣ କୁମାରଙ୍କ ସ୍ଥାନରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଚଳିତ ସିଜନରେ ଭାରତ ୮ଟି ମ୍ୟାଚ ଖେଳି ସାରିଛି। ୧୬ ପଏଣ୍ଟ ସହିତ ଟେବୁଲରେ ଜର୍ମାନୀ (୧୭ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଦକ୍ଷିଣ ଆଫ୍ରିକାକୁ ଦଳ ୨ଟି ମ୍ୟାଚରେ ୧୦-୨ ଓ ୧୦-୨ ଗୋଲରେ ହରାଇଥିବାବେଳେ ଫ୍ରାନ୍ସ ବିପକ୍ଷରେ ଗୋଟିଏ ମ୍ୟାଚକୁ ୫-୦ରେ ଜିତିଥିଲା ଏବଂ ଅନ୍ୟ ମ୍ୟାଚଟିରେ ୨-୫ ଗୋଲରେ ହାରିଥିଲା। ଘରୋଇ ପରିବେଶରେ ସ୍ପେନ୍‌କୁ ଭାରତ ୫-୪ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ମ୍ୟାଚରେ ୩-୫ ଗୋଲରେ ପରାଜିତ ହୋଇଥିଲା। ସେହିପରି ନିକଟରେ ଶେଷ ହୋଇଥିବା ଆର୍ଜେଣ୍ଟିନା ବିପକ୍ଷ ପ୍ରଥମ ମ୍ୟାଚକୁ ଭାରତ ଶୁଟ୍ ଆଉଟ ୧-୩ (ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ରେ ବରାବର) ଗୋଲ୍‌ରେ ହାରିଥିଲା। ମାତ୍ର ପରବର୍ତ୍ତୀ ମ୍ୟାଚକୁ ୪-୩ ଗୋଲରେ ଜିତିଥିଲା। ଅମିତ ରୋହିଦାସଙ୍କ ନେତୃତ୍ୱରେ ଭାରତର ଏହାଥିଲା ପ୍ରଥମ ବିଜୟ।

**ଇଂଲଣ୍ଡ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚ ପାଇଁ ଭାରତୀୟ ପୁରୁଷ ହକି ଦଳ ଘୋଷିତ**

- ନିଲମ ସଞ୍ଜୀପ ଖେସ୍ ଓ ଶୀଳାନନ୍ଦ ଲାକ୍ରାଙ୍କୁ ସୁଯୋଗ

**ଭାରତୀୟ ଦଳ**

ଗୋଲକିପର: କ୍ରିଷ୍ଣନ ବାହାଦୁର ପାଠକ, ଶ୍ରୀଜେଶ ପାରାଟ୍ଟୁ ରବିନ୍ଦ୍ରନ। ଡିଫେଣ୍ଡର: ସୁରେନ୍ଦର କୁମାର, ହରମନପ୍ରୀତ ସିଂ (ଉପ ଅଧିନାୟକ), ନିଲମ ସଞ୍ଜୀପ ଖେସ୍, ବରୁଣ କୁମାର, ଅମିତ ରୋହିଦାସ (ଅଧିନାୟକ), ଜୁଗରାଜ ସିଂ। ମିଡ୍‌ଫିଲ୍ଡର: ଜସକରଣ ସିଂ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା, ଶମସେର ସିଂ, ରାଜ କୁମାର ପାଲ୍, ସୁମିତ, ବିବେକ ସାଗର ପ୍ରସାଦ। ଫରୱାର୍ଡ: ଗୁରଜାନ୍ତ ସିଂ, ମନଦୀପ ସିଂ, ସୁଖଜିତ ସିଂ, ଅଭିଷେକ, ଗୁରସାହିବଜିତ ସିଂ, ଶୀଳାନନ୍ଦ ଲାକ୍ରା। ଷ୍ଟାଣ୍ଡବାଇ: ସୁରଜ କରକେରା, ଜରମନପ୍ରୀତ ସିଂ, ଦୀପସାନ ତିର୍କୀ, ଗୁରିନ୍ଦର ସିଂ, ମନଦୀପ ମୋର, ସଞ୍ଜୟ, ଆକାଶଦୀପ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ଆଶିଷ କୁମାର ଟପ୍ପୋ, ଦିଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ, ସିମରନ୍‌ଜିତ ସିଂ।



ଇଂଲଣ୍ଡ ବିପକ୍ଷ ପ୍ରୋ ଲିଗ୍ ପାଇଁ ମନୋନୀତ ଭାରତୀୟ ପୁରୁଷ ହକି ଦଳ।

# ପ୍ରତାପ କ୍ଲବ ଭୁବନେଶ୍ୱର ଚାମ୍ପିୟନ

**ଧର୍ମଶାଳା,୩୦।୩(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୪ତମ ଡିଫାକପ ଓ ଚତୁର୍ଥ ରଞ୍ଜିତ ସ୍ୱାଇଁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରତାପ କ୍ଲବ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଧର୍ମଶାଳା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ପ୍ରତାପ କ୍ଲବ ଭୁବନେଶ୍ୱର ଓ ସନସାଇନ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ କଟକ ଟିମ୍ ୨-୦ ଗୋଲରେ ଅଗ୍ରଣୀ ରହିଥିବା ବେଳେ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଟିମ୍ ୨ଟି ଗୋଲ ଦେବା ଫଳରେ ମ୍ୟାଚ୍ ଡ୍ର ହୋଇଥିଲା। ଫଳରେ

**ଡିଫା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ଟାଇବ୍ରେକର ସହାୟତା ନିଆଯାଇଥିଲା। ଭୁବନେଶ୍ୱର ଟିମ୍ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ଚିତ୍ତରଞ୍ଜନ ଓଝା ଓ ସେକ୍ ସଲିମ ଅହମ୍ମଦ ପରିଚାଳନା କରିଥିବା ବେଳେ ଶୈଳେଶ ପାଣି ଓ ସୁଲତାନା ପରୱିନ ଲାଇନରେ ସହାୟତା କରିଥିଲେ। ଡିଫାର କାର୍ଯ୍ୟକାରୀ ସଭାପତି କାଶୀନାଥ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ସାମାଜିକ କର୍ମୀ ସନ୍ତୋଷ କୁମାର ଜେନା, କ୍ୟାପ୍‌ଟେନ ତ୍ରିଲୋଚନ ବିଶ୍ୱାଳ, କ୍ରୀଡ଼ାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି, ଯୁବ ସଙ୍ଗଠକ ମଦନ ନାୟକ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଟିମ୍‌ର ଦାରା ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବବୁଲ ରାଉତଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ଶେନ୍ ୱର୍ନଙ୍କୁ ଶେଷ ସମ୍ମାନ




**ମେଲବୋର୍ନ,୩୦।୩ (ଏପି)**

କିମ୍ବଦନ୍ତୀ କ୍ରିକେଟର ଶେନ୍ ୱର୍ନଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ବୁଧବାର ମେଲବର୍ନ କ୍ରିକେଟ ଗ୍ରାଉଣ୍ଡରେ ଏକତ୍ର ହୋଇଥିଲେ ଅଷ୍ଟ୍ରେଲିଆର କ୍ରିକେଟର ଏବଂ ସେଲିବ୍ରିଟି। ସିଙ୍ଗର ଇଲଟୋନ ଜନ୍, ଗଲ୍ଫ ଲିଜେଣ୍ଡ ଗ୍ରେଗ୍ ନୋରମାନ ପ୍ରମୁଖ ସେଲିବ୍ରିଟି ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମେଲବର୍ନ କ୍ରିକେଟ ଗ୍ରାଉଣ୍ଡ ବାହାରେ ଛିଡ଼ା ହୋଇଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ପ୍ରଶଂସକ ଶେନ୍‌ଙ୍କ ନାମ ଉଚାରଣ କରିଥିବାର ଦେଖିବାକୁ ମିଳିଥିଲା। ଏହି କ୍ରିକେଟ ଗ୍ରାଉଣ୍ଡରେ ଶେନ୍‌ଙ୍କ ଅନେକ ସ୍ମୃତି ରହିଛି। କାରଣ ସେ ନିଜର କ୍ରିକେଟ ଜଗତର ଯାତ୍ରା ଏହି ଗ୍ରାଉଣ୍ଡରୁ ହିଁ ଆରମ୍ଭ କରିଥିଲେ। ଶେନ୍ ଏକ ଥାଇ ରିସର୍ଟରେ ବନ୍ଧୁମାନଙ୍କ ସହ ଛୁଟି କାଟିବାକୁ ଯାଇଥିବାବେଳେ ଅଚାନକ ତାଙ୍କ ମୃତ୍ୟୁ ହୋଇଥିଲା। ଶେନ୍‌ଙ୍କ ଆକସ୍ମିକ ମୃତ୍ୟୁ କ୍ରିକେଟ ପ୍ରେମୀଙ୍କ ପାଇଁ ଏକ ଶକ୍ତ ଧକ୍କା ସଦୃଶ ଥିଲା। ଏହି ତାରକା ସ୍ପିନରଙ୍କୁ ହୃଦ୍‌ଘାତ ହୋଇଥିଲା ବୋଲି କୁହା ଯାଉଥିଲେ ହେଁ ବର୍ତ୍ତମାନ ସୁଦ୍ଧା ତାଙ୍କ ମୃତ୍ୟୁ ପଛର କାରଣ ଜଣାପଡ଼ି ନାହିଁ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୩୧/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Thursday, March 31/2022



## ଆଜି ଭାରତ ଆସିବେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ

ୟୁକ୍ରେନ୍-ରୁଷିଆ ଯୁଦ୍ଧ ଭିତରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ୍ ଗୁରୁବାର ଦୁଇଦିନିଆ ଭାରତ ଗସ୍ତରେ ଆସିବେ।

୦୮

୦୭

## ଭୂମିଙ୍କ ପାଖରେ ସମୟ ନାହିଁ

ବଲିଉଡ ଅଭିନେତ୍ରୀ ଭୂମି ପେଡେନକର କ୍ୟାରିୟରକୁ ନେଇ ବହୁତ ବ୍ୟସ୍ତ। ବ୍ୟାକ୍-ଟୁ-ବ୍ୟାକ୍ ୩ ଫିଲ୍ମରେ ସାଇନ୍ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କ ହାତରେ ୬ ସିନେମା ରହିଛି।






# ପାନ୍-ଆଧାର ଲିଙ୍କ୍ ହୋଇ ନ ଥିଲେ ଜରିମାନା

ନୂଆଦିଲ୍ଲୀ,୩୦।୩(ପି.ଟି.)

ମାର୍ଚ୍ଚ ୩୧ ସୁଦ୍ଧା ଟିକସଦାତାମାନେ ସେମାନଙ୍କ ସ୍ଥାୟୀ ଆକାଉଣ୍ଟ ନମ୍ବର (ପାନ୍) ସହ ଆଧାର ନମ୍ବର ଲିଙ୍କ୍ କରି ନ ଥିଲେ ୫୦୦ରୁ ୧,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଆୟକର ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାନ୍-ଆଧାର ଲିଙ୍କ୍ ପାଇଁ ଶେଷ ତାରିଖ ମାର୍ଚ୍ଚ ୩୧ ରଖାଯାଇଛି। ଆଧାର ସଂଯୋଗ ହୋଇ ନ ଥିଲେ, ପାନ୍ ଅକାମୀ ହୋଇଯିବ। ଯେଉଁମାନେ ଏପ୍ରିଲ୧ରୁ ଜୁନ୍ ୩୦ ମଧ୍ୟରେ ଆଧାର ସଂଯୋଗ କରିବାକୁ ଚାହିଁବେ, ସେମାନଙ୍କୁ ୫୦୦ ଟଙ୍କା ବିଳମ୍ବିତ ଦେୟ ଦାଖଲ କରିବାକୁ ପଡ଼ିବ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଏହା ପରେ ପାନ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ହେଲେ ଟିକସଦାତାଙ୍କୁ



୧,୦୦୦ ଟଙ୍କା ଜରିମାନା ଭରିବାକୁ ହେବ।

ପାନ୍ ସହ ଆଧାର ସଂଯୋଗ ଲାଗି ରହିଥିବା ସମୟସୀମାକୁ ସରକାର ଏକାଧିକ ଥର ବଢ଼ାଇବା ପରେ ଏପ୍ରିଲ୧ରୁ ପ୍ରଥମ ୩ ମାସ ପାଇଁ ୫୦୦ ଟଙ୍କା ଓ ଏହାର ପରେ ୧,୦୦୦ ଟଙ୍କା ଜରିମାନା ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଥିବା ଏକେଏମ୍ ଗ୍ଲୋବାଲ ଟାକ୍ସ ପାର୍ଟନର ଅମିତ ମାହେଶ୍ୱରୀ କହିଛନ୍ତି। ଏଥିରେ ବିଫଳ ହେଲେ ପାନ୍ ଅକାମୀ ହୋଇଯିବ ଏବଂ କରଦାତାଙ୍କର ପାନ୍ କାର୍ଡ ନାହିଁ ବୋଲି ବିବେଚନା କରାଯିବ। ସେଥିପାଇଁ କରଦାତାମାନେ ସେମାନଙ୍କ ଆୟକର ପୋର୍ଟାଲ ଯାଞ୍ଚ କରି ପାନ୍-ଆଧାର ଲିଙ୍କ୍ ହୋଇଛି କି ନାହିଁ ତାହା ସୁନିଶ୍ଚିତ କରିନେବାକୁ ପରାମର୍ଶ ଦିଆଯାଇଛି। ଯେଉଁମାନଙ୍କର ଆୟକର ପୋର୍ଟାଲକୁ ଯିବା ସୁବିଧା ନାହିଁ ସେମାନେ ଏସ୍‌ଏମ୍‌ଏସ୍‌ରେ ମଧ୍ୟ ଏହା ଜାଣିପାରିବେ। ରିଟର୍ନ ଦାଖଲ ଆଦି ବିଭିନ୍ନ ଆୟକର ସମ୍ପର୍କିତ କାର୍ଯ୍ୟ ପାଇଁ ପାନ୍-ଆଧାର ସଂଯୋଗକୁ ବାଧ୍ୟତାମୂଳକ କରାଯାଇଛି। ଏହା ବ୍ୟତୀତ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ସ୍ଥାବର ସମ୍ପତ୍ତି କ୍ରୟ କିମ୍ବା ପରିଚୟ ପ୍ରମାଣ ଭାବେ ପାନ୍ ବ୍ୟବହୃତ ହେଉଛି। ଆଧାର ସଂଯୋଗ ହୋଇ ନ ଥିଲେ ପାନ୍ କାର୍ଡଧାରୀ ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ☞ପୃଷ୍ଠା-୨

# ଦ୍ୱାଦଶରେ ଗଣିତ ନ ଥିଲେ ବି ଇଞ୍ଜିନିୟରିଂ ପଢ଼ିହେବ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ଏଣିକି ଗଣିତ ପଢ଼ି ନ ଥିଲେ ବି ଇଞ୍ଜିନିୟରିଂ କରିପାରିବ। ଏକ ତୃତୀୟାଂଶ ଇଞ୍ଜିନିୟରିଂ ପାଠ୍ୟକ୍ରମ ପାଇଁ ଗଣିତ ବାଧ୍ୟତାମୂଳକ ନୁହେଁ। ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ପକ୍ଷରୁ ଜାରି ହୋଇଥିବା ନୂଆ ଗାଇଡ଼ଲାଇନ୍‌ରେ ଏହା ଉଲ୍ଲେଖ ରହିଛି। ଉକ୍ତ ଗାଇଡ୍‌ଲାଇନ

### ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଏଆଇସିଟିଇର ନୂଆ ଗାଇଡ୍‌ଲାଇନ୍

ଅନୁସାରେ, ନୂତନ ଶିକ୍ଷାବର୍ଷରୁ ଦ୍ୱାଦଶ ଶ୍ରେଣୀରେ ଗଣିତ ରଖି ପଢ଼ି ନ ଥିଲେ ମଧ୍ୟ ଆର୍କିଟେକ୍ଚର, ବାୟୋ ଟେକ୍ନୋଲୋଜି ଓ ଫ୍ୟାଶନ ଟେକ୍ନୋଲୋଜିରେ ଛାତ୍ରୀଛାତ୍ରମାନେ ଇଞ୍ଜିନିୟରିଂ କରିପାରିବେ। ସେହିପରି ୨୯ରୁ ୧୦ଟି ଡିପ୍ଲୋମା ଓ ଯୁକ୍ତି କୋର୍ସରେ ଗଣିତ ବିଷୟକୁ ଅପ୍ସନାଲ ରଖାଯାଇଛି। ଗତ ଶିକ୍ଷାବର୍ଷରେ ମଧ୍ୟ ଇଞ୍ଜିନିୟରିଂ ପାଠ ପଢ଼ିବା ପାଇଁ ଫିଜିକ୍ସ ଓ ଗଣିତକୁ ଅପ୍ସନାଲ ରଖିଥିଲା ଏଆଇସିଟିଇ। ଏଥର ମଧ୍ୟ କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରୋନିକ୍ସ ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଢ଼ିବା ପାଇଁ ଦ୍ୱାଦଶ ଶ୍ରେଣୀରେ କେମେଷ୍ଟ୍ରିକୁ ଅପ୍ସନାଲ ରଖାଯାଇଛି।

# ୯ଦିନରେ ୬ଟଙ୍କା ବଢ଼ିଲାଣି ତୈଳ ଦର

- ପେଟ୍ରୋଲ ୮୬, ଡିଜେଲ ୮୫ ପଇସା ବଢ଼ିଛି
- ମୁମ୍ବାଇରେ ୧୦୦ ଟପିଲା ଡିଜେଲ



ନୂଆଦିଲ୍ଲୀ,୩୦।୩: ଅନ୍ତଃରାଷ୍ଟ୍ରୀୟ ବଜାରରେ କ୍ରମାଗତ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ଦରର ପ୍ରଭାବ ସିଧାସଳଖ ଭାରତୀୟ ତୈଳ ବଜାର ଉପରେ ପଡୁଛି। ଫଳରେ ଗତ ୯ ଦିନ ମଧ୍ୟରେ ତେଲ ଦର ୮ ଥର ବଢ଼ିଲାଣି। ଏପରିକି କ୍ରମାଗତ ଭାବେ ୬ଷ୍ଠ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ବୁଧବାର ଭୁବନେଶ୍ୱରରେ ପେଟ୍ରୋଲ ୮୬ ଏବଂ ଡିଜେଲ ୮୫ ପଇସା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୭.୭୯ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୭.୫୨ ଟଙ୍କାରେ କାରବାର ହେଉଛି। ଗତ ୯ ଦିନ ମଧ୍ୟରେ ଓଡ଼ିଶା (ଭୁବନେଶ୍ୱର) ରେ ଉଭୟ ତୈଳର ମୂଲ୍ୟ ପ୍ରାୟ ୬ ଟଙ୍କା ବଢ଼ିଲାଣି। ସୂଚନାଯୋଗ୍ୟ, ଚଳିତ ବର୍ଷ ମାର୍ଚ୍ଚ ୨୨ରେ ପ୍ରଥମ ଥର ପାଇଁ ତୈଳ ଦର ବୃଦ୍ଧି ଘଟିଥିଲା। ଗତ ୮ ଥରରେ ପେଟ୍ରୋଲ ଉପରେ ୫.୯୮ ଟଙ୍କା ଓ ଡିଜେଲରେ ☞ପୃଷ୍ଠା-୨

# ଅନାସ୍ଥା ପୂର୍ବରୁ ଇମ୍ରାନ ସରକାର ସଂଖ୍ୟାଲଘୁ

ନୂଆଦିଲ୍ଲୀ,୩୦।୩(ଆଇଏଏନ୍‌ଏସ୍)

### ବିରୋଧୀ ମେଣ୍ଟରେ ସାମିଲ ହେଲା ଏମ୍‌କ୍ୟୁଏମ୍-ପି

ପାକିସ୍ତାନର ତେହରିକ୍-ଇ-ଇନ୍‌ସାଫ ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଅନ୍ୟତମ ମୁଖ୍ୟ ସହଯୋଗୀ ମୁତାହିଦା କ୍ୱାମି ମୁଭ୍‌ମେଣ୍ଟ-ପାକିସ୍ତାନ (ଏମ୍‌କ୍ୟୁଏମ୍-ପି) ବୁଧବାର ଓହରିଯାଇ ବିରୋଧୀ ମେଣ୍ଟରେ ସାମିଲ ହୋଇଥିବା ଆନୁଷ୍ଠାନିକ ଭାବେ ଘୋଷଣା କରିଛି। ଏହି ଦଳର ୭ ସଦସ୍ୟ ଅଛନ୍ତି। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଥିବା ଏହାର ୨ଜଣ ମନ୍ତ୍ରୀ ମଧ୍ୟ ଇସ୍ତଫା ଦେଇଛନ୍ତି। ୩୪୨ ସଦସ୍ୟ ବିଶିଷ୍ଟ ପାକ୍ ନ୍ୟାଶନାଲ ଆସେମ୍ବ୍ଲିରେ ସଂଖ୍ୟାଗରିଷ୍ଠତା ଦେଖାଇବା ପାଇଁ ଇମ୍ରାନଙ୍କୁ ୧୭୨ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଏମ୍‌କ୍ୟୁଏମ୍-ପି ସରକାରରୁ ଓହରିଯିବା ପରେ ବିରୋଧୀ ମେଣ୍ଟର ସଦସ୍ୟ ସଂଖ୍ୟା ୧୭୭କୁ ବୃଦ୍ଧି ପାଇଥିବାବେଳେ ଇମ୍ରାନ୍‌ଙ୍କ ସପକ୍ଷରେ ୧୬୪ ସଦସ୍ୟ ରହିଛନ୍ତି। ଫଳରେ ଅନାସ୍ଥା ଭୋଟ ପୂର୍ବରୁ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଛି।

ଏମ୍‌କ୍ୟୁଏମ୍-ପି ବିରୋଧୀ ମେଣ୍ଟରେ ସାମିଲ ହୋଇଥିବା ଦଳର ଆବାହକ ଖଲିଦ ମକ୍‌ବୁଲ ସିଦ୍ଦିକୀ ଇସ୍‌ଲାମାବାଦରେ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ତାଙ୍କର ଏହି ଘୋଷଣା ପରେ ନ୍ୟାଶନାଲ ଆସେମ୍ବ୍ଲିର ବିରୋଧୀ ଦଳ ନେତା ଶାହବାଜ ଶରିଫ୍ ବୁଧବାରକୁ ପାକିସ୍ତାନ ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିନ ବୋଲି କହିଛନ୍ତି। ଜାତୀୟ ଏକତା ପାଇଁ ଦେଶ ଆଜି ଏକାଠି ହୋଇଛି। ପାକିସ୍ତାନ ପିପୁଲ୍ସ ପାର୍ଟି ମୁଖ୍ୟ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରି ମଧ୍ୟ ଏମ୍‌କ୍ୟୁଏମ୍-ପିର ନିଷ୍ପତ୍ତିକୁ ସ୍ୱାଗତ



ଇମ୍ରାନ ଖାନ୍

ଜଣାଇଛନ୍ତି। ଇମ୍ରାନ ସଂଖ୍ୟାଗରିଷ୍ଠତା ହରାଇ ସାରିଛନ୍ତି। ସେ ଏବେ ଦେଶର ପ୍ରଧାନମନ୍ତ୍ରୀ ନୁହନ୍ତି। ଗୁରୁବାର ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ନିଆଯାଉ ବୋଲି ଜର୍ଦ୍ଦାରି କହିଛନ୍ତି।

ଇମ୍ରାନ୍ ଖାନ୍ ବୁଧବାର ରାତିରେ ରାଷ୍ଟ୍ରକୁ ସମ୍ବୋଧିତ କରିବା ପାଇଁ ନେଇଥିବା ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି। ପାର୍ଲାମେଣ୍ଟରେ ଅନାସ୍ଥା ଭୋଟ ପୂର୍ବରୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଭାଷଣ ଦେବା ବେଳେ ଇମ୍ରାନ୍ ଇସ୍ତଫା ଘୋଷଣା କରିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ସୂଚନା ପ୍ରସାରଣ ମନ୍ତ୍ରୀ ଫୱାଦ ଚୌଧରୀ ଏହାକୁ ଖଣ୍ଡନ କରିଛନ୍ତି। ସବୁଠୁ କଠିନ ମ୍ୟାଚ୍‌ର ଶେଷ ବଲ୍ ପର୍ଯ୍ୟନ୍ତ ଇମ୍ରାନ ଲଢ଼େଇ ଜାରି ରଖିବେ ବୋଲି ସେ କହିଛନ୍ତି।

# ବେପାର ପାଇଁ ବୁଡ଼େଇଦେଲେଣି

ଭୁବନେଶ୍ୱର, ୩୦।୩(ବ୍ୟୁରୋ)



ରାଜ୍ୟରେ ଏକ ଶକ୍ତିଶାଳୀ ବିରୋଧୀ ଦଳର ଆବଶ୍ୟକତା ରହିଥିଲେ ମଧ୍ୟ ଓଡ଼ିଶାରେ ଉଭୟ ଭାଜପା ଏବଂ କଂଗ୍ରେସ ସେହି ସ୍ଥାନ ବଜାୟ ରଖିବାରେ ବିଫଳ ହୋଇଛନ୍ତି। ଫଳରେ ବିରୋଧୀ ଦଳ ପ୍ରତି ଜନସାଧାରଣଙ୍କ ଯେଉଁଭଳି ସମର୍ଥନ ବଢ଼ିବା କଥା ଗତ ୨୦ ବର୍ଷ ଭିତରେ ତାହା ଦେଖିବାକୁ ମିଳୁନାହିଁ। ୨୦୧୪ ସାଧାରଣ ନିର୍ବାଚନ ପରଠାରୁ ଭାଜପା ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇଥିଲେ ମଧ୍ୟ ଦଳୀୟ ନେତୃତ୍ୱଙ୍କ ଭିତରେ ରହୁଥିବା ଆଭ୍ୟନ୍ତରୀଣ କନ୍ଦଳ ଗତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳକୁ ଶୋଚନୀୟ ପରାଜୟବରଣ କରିବାକୁ ପଡ଼ିଛି। କେନ୍ଦ୍ରୀୟ ଦଳଗୁଡ଼ିକର ଜାତୀୟ ନେତାମାନେ ଏବେ ମୁଖ୍ୟତଃ ଓଡ଼ିଶାରେ ସଙ୍ଗଠନ ବଢ଼ାଇବା ପରିବର୍ତ୍ତେ ରାଜ୍ୟର ଖଣି ଟଙ୍କା ଉପରେ ବିଶେଷ ଆଗ୍ରହ ରଖୁଛନ୍ତି। ଭାଜପା ଭଳି କଂଗ୍ରେସକୁ ମଧ୍ୟ ସମାନ ରୋଗ ଘାରିଛି। କେନ୍ଦ୍ରର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ପୁଅ ଓଡ଼ିଶାର ଜଣେ ଦକ୍ଷିଣୀ ଖଣି ବେପାରୀଙ୍କ ସହ ସାଙ୍ଗ ହୋଇ ଅର୍ଥ ବୋହିବାରେ ଲାଗିଛନ୍ତି। ରାଜ୍ୟ ରାଜନୀତିରେ ଏକଥା ଡିଣ୍ଡିଭି ହୋଇ ବାଜୁଛି। ସେପଟେ ରାଜ୍ୟରେ ଥିବା କଂଗ୍ରେସର ତୃଣମୂଳସ୍ତର କର୍ମୀଙ୍କୁ ଦୟନୀୟ ଅବସ୍ଥାରେ ଛାଡ଼ିଦେଇ ଦଳର ରାଜ୍ୟ ନେତୃତ୍ୱ ମଧ୍ୟ ନିଜ ବ୍ୟବସାୟ ବଢ଼ାଇବାରେ ବ୍ୟସ୍ତ।

ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ନିର୍ବାଚନରେ କଂଗ୍ରେସ ମାଟି କାମୁଡ଼ିଛି। ଏପରିକି କେତେକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜିଲା ପରିଷଦ ଜୋନ୍ ଏବଂ ପୌର ଓ ମହାନଗର ନିଗମର ବହୁ ଆସନରେ ଦଳ ତରଫରୁ ପ୍ରାର୍ଥୀ ଦିଆଯାଇପାରି ନାହିଁ। ପ୍ରଦେଶ କଂଗ୍ରେସ ନେତୃତ୍ୱ କେବଳ ପରିବାରର ବ୍ୟବସାୟ ବଢ଼ାଇବାରେ ଅଧିକ ସମୟ ଦେଉଛନ୍ତି। ଅପରପକ୍ଷରେ, ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି କରିବା ପାଇଁ କାହାରି ସମୟ ନ ଥିବା ଭଳି ମନେ ହେଉଛି। କଂଗ୍ରେସ ଶୀର୍ଷ ନେତୃତ୍ୱ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ରାଜ୍ୟ ନେତୃତ୍ୱ ହାତେଇଥିବା ନେତାଙ୍କ ସମ୍ପର୍କୀୟଙ୍କ ନାମରେ ଖଣି ରହିଥିବା କଥା ପ୍ରାୟ ସମସ୍ତେ ଜାଣନ୍ତି। କୁହାଯାଉଛି, ରାଜ୍ୟ ସରକାରଙ୍କ ସହ ଭିତିରି ବୁଝାମଣା ଯୋଗୁ କଂଗ୍ରେସ ଏଠାରେ ଦୁର୍ବଳ ପ୍ରାର୍ଥୀ ଦେଉଛି। ସେପଟେ ଦିଲ୍ଲୀକୁ ପ୍ରଦେଶ କଂଗ୍ରେସ ନେତୃତ୍ୱ କୁଆଡେ ବହୁଳ ପରିମାଣର ଅର୍ଥ ପଠାଉଛନ୍ତି। ଏହି କାରଣରୁ ଦଳର ଶୋଚନୀୟ ସ୍ଥିତି ବିଷୟରେ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ପକ୍ଷରୁ କୌଣସି ସମୀକ୍ଷା କରାଯାଉ ନାହିଁ ବୋଲି କଂଗ୍ରେସ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟରେ ଏଭଳି ବ୍ୟବସାୟିକ କାରବାର କରିବା ଲାଗି ରାଜ୍ୟ ସରକାରଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ସେଥିଲାଗି ସ୍ଥାନୀୟ ନେତୃତ୍ୱ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ମନଇଚ୍ଛା କେତେକ ସ୍ଥାନରେ ପ୍ରାର୍ଥୀ କରିଦେଇ ଘରେ ଏକ ପ୍ରକାର ଶୋଇପଡ଼ିଲେ ବୋଲି କଂଗ୍ରେସ ନେତାଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରୁ ମେୟର ପ୍ରାର୍ଥୀ ହୋଇଥିବା ମଧୁସ୍ମିତା ଆଚାର୍ଯ୍ୟ କହିଛନ୍ତି, ଏତେ ବଡ଼ ନିର୍ବାଚନ ହେଲା କିନ୍ତୁ ଦଳର ପୁରୁଖା ଏବଂ ଆଗ ଧାଡ଼ିର ନେତାଙ୍କୁ ଦେଖିବାକୁ ମିଳିଲା ନାହିଁ। ଏପରି କାହିଁକି ହେଲା ସେକଥା କେବଳ ସେମାନେ ଜାଣିଥିବେ। କଂଗ୍ରେସର ରାଜ୍ୟରେ ଏବେ ବି ଭୋଟ ☞ପୃଷ୍ଠା-୨



## ସଂକ୍ଷେପରେ

### ଠିକା କର୍ମଚାରୀ ମୃତ, ଉତ୍ତେଜନା

ଢେଙ୍କାନାଳ ଅଫିସ୍, ୩୦।୩: ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ମେରାମଣ୍ଡଳୀ ପରିସରରେ ବୁଧବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଦୁର୍ଘଟଣା ଘଟି ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

**ଟାଟାଷ୍ଟିଲ୍ କମ୍ପାନୀରେ ଦୁର୍ଘଟଣା**

ଦୁର୍ଘଟଣା ପରେ କମ୍ପାନୀ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାରୁ ଜଣାପଡିଛି, ଦୁର୍ଗା ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଠିକାସଂସ୍ଥାର କ୍ୱାଲିଟି ଆସ୍ୟୁରାନ୍ସ ବିଭାଗରେ କାର୍ଯ୍ୟରତ ପରେଶ କୁମାର ବେହେରା (୩୨), ଲିଙ୍କନ ନାୟକ (୩୨) ବାଇକ୍‌ରେ ଯାଉଥିବାବେଳେ ଏକ ପିଚୁ ବୋଝେଇ ଟ୍ୟାଙ୍କର ଧକ୍କା ଦେଇଥିଲା। ଉଭୟଙ୍କୁ ପ୍ରଥମେ କମ୍ପାନୀ ପରିସରରେ ଥିବା ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକସ୍ଥିତ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ରାସ୍ତାରେ ପରେଶଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲିଙ୍କନ କଟକରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ମୃତ ପରେଶଙ୍କ ଘର ଅନୁଗୋଳ ଜିଲା କୁଲାଡ଼ ଗ୍ରାମରେ। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ କମ୍ପାନୀ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଓଡ଼ାପଡ଼ା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, କଣ୍ଟାବଣିଆ ଥାନାଧିକାରୀ ସବିତା ପାତ୍ର, ମୋଟଙ୍ଗା ଥାନା ଅଧିକାରୀ ନିରଞ୍ଜନ ସେଠୀ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏ ନେଇ କଣ୍ଟାବଣିଆ ଥାନାରେ ନଂ. ୩୪/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଏ ସଂକ୍ରାନ୍ତରେ କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। କମ୍ପାନୀର ସାମାଜିକ ସୁରକ୍ଷା ଯୋଜନା ଅନୁଯାୟୀ ମୃତକଙ୍କ ଦ୍ୱାରା ପୂର୍ବରୁ ମନୋନୀତ ବ୍ୟକ୍ତିଙ୍କୁ ଆନୁମାନିକ ୬୦ବର୍ଷ ବୟସ ହେବା ଯାଏ ପେନ୍‌ସନ୍ ପ୍ରଦାନ କରାଯିବ। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାର ତଦନ୍ତ ପାଇଁ ଆଭ୍ୟନ୍ତରୀଣ କମିଟି ଗଠନ କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ପୋଲିସକୁ ଭୁଆଁ ବୁଲାଇଥିଲେ ଶର୍ମିଷ୍ଠା

**କ୍ୟାମେରାମ୍ୟାନ୍ ମାନସ ହତ୍ୟା ମାମଲା**

- ଫ୍ଲାଟ୍‌ରେ ମୋବାଇଲ୍ ଫୋନ୍ ରଖି ଫେରାର ହୋଇଥିଲେ
- ଭଦ୍ରକ, କୋଲକତାରୁ ୩ ସିମ୍ କିଣିଥିଲେ
- ପଶ୍ଚିମବଙ୍ଗରେ ବାରମ୍ବାର ସ୍ଥାନ ବଦଳାଇଥିଲେ



ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ, ୩୦।୩: ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଜେଲ ଯାଇ ୫ ଦିନିଆ ରିମାଣ୍ଡରେ ଆସିଥିବା ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ନିରଞ୍ଜନ ସେଠୀ, ଝୁନା ଭୋଇ ଓ ରଞ୍ଜନ ନାୟକଙ୍କୁ କ୍ରାଇମବ୍ରାଞ୍ଚ ମାରାଥନ୍ ଜେରା କରୁଛି। ଦୁଇଦିନର ଜେରାରୁ କ୍ରାଇମବ୍ରାଞ୍ଚ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଶର୍ମିଷ୍ଠା ଅତି ଚତୁରତାର ସହ ପୋଲିସକୁ ଭୁଆଁ ବୁଲାଇ କିପରି ଫେରାର ରହିଥିଲେ ସେସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଥିଲେ ମଧ୍ୟ ମୋମୋରୀ ଚିପ୍ ରହସ୍ୟକୁ ନେଇ କୌଣସି ସୂଚନା ଦିଆଯାଇ ନାହିଁ।

କ୍ରାଇମବ୍ରାଞ୍ଚର ସୂଚନାନୁସାରେ, ମାର୍ଚ୍ଚ ୭ରେ ଶର୍ମିଷ୍ଠା ସହଯୋଗୀ ଝୁନାଙ୍କୁ ଧରି ଫେରାର ହୋଇଥିଲେ। ଧରା ନ ପଡ଼ିବା ପାଇଁ ପ୍ରଥମେ ନିଜ ମୋବାଇଲ୍ ଫୋନ୍‌କୁ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳରେ ଥିବା ସ୍କାଏ ଆପାର୍ଟମେଣ୍ଟସ୍ଥିତ ନିଜ ଘରେ ଛାଡ଼ି ଚାଲିଯାଇଲେ। ପରେ ସେ ଝୁନାଙ୍କ ସହ ଯାଜପୁର ଜିଲା କାଳିଆପାଣି ଥାନା କୋଇପୋଷି ଗ୍ରାମସ୍ଥିତ ଶାଶୁଘରକୁ ଯାଇ ୩ଦିନ ରହିଥିଲେ। ସେଠାରେ ସ୍ୱାମୀଙ୍କ ସହ ମିଳାମିଶା କରି ପୂଜା କରିବା ସହ ୧୦ ତାରିଖ ସକାଳ ୫ଟା ୩୦ରେ ଶାଶୁଙ୍କ ସହ ଭଦ୍ରକ ଆଗରପଡ଼ାର ପୁରୁଷୋତ୍ତମପୁର ଗ୍ରାମସ୍ଥିତ ନଣନ୍ଦଙ୍କ ଘରକୁ ଯାଇଥିଲେ। ସେଠାରେ ମଧ୍ୟ ୩ ଦିନ ରହି ୧୩ ତାରିଖ ଅପରାହ୍ନ ୨ଟା ୫୦ରେ ଝୁନାଙ୍କ ସହ ଏକ ଅଟୋରେ ଭଦ୍ରକ କୁପାରି ବସ୍‌ଷ୍ଟାଣ୍ଡରୁ ବାଲେଶ୍ୱର ଯାଇଥିଲେ। ପୁଣି ବାଲେଶ୍ୱରରୁ ଟ୍ରେନ୍ ଯୋଗେ କୋଲକାତା ଚାଲିଯାଇଥିଲେ। ୧୪ ତାରିଖରେ ସେମାନେ ନଦିଆ ଜିଲା କଲ୍ୟାଣୀ ଅଞ୍ଚଳରେ ପହଞ୍ଚି କିଛିଦିନ ରହିଥିଲେ। ପରେ ଉକ୍ତ ସ୍ଥାନ ବଦଳାଇ ମାୟାପୁରୀରେ ଥିବା ଭାଇ ପରମେଶ୍ୱରଙ୍କ ସମ୍ପର୍କୀୟ ଅସୀମା ଦାସଙ୍କ ଘରେ କିଛିଦିନ ରହି ପୁଣି ଜଲପାଇଗୁଡ଼ି ଚାଲିଯାଇଥିଲେ। ସେଠାରେ ଅନ୍ୟଜଣେ ସମ୍ପର୍କୀୟଙ୍କ ଘରେ କିଛିଦିନ ରହି କୋଲକାତା ଆସିଥିଲେ। ଏହା ଭିତରେ ସେମାନେ କିଛି ସମୟ ରେଳ ଷ୍ଟେଶନରେ ମଧ୍ୟ କଟାଇଥିଲେ। ତେବେ ପାଖରେ ଥିବା ଟଙ୍କା ସରିଯିବାରୁ ଓଡ଼ିଶା ଫେରିବାକୁ ଚିନ୍ତା କରିଥିଲେ। ତେବେ ପୋଲିସ ଯେପରି ଟେର୍ ନ ପାଇବ ସେଥିପାଇଁ ଶର୍ମିଷ୍ଠା ଫେରାର ପୂର୍ବରୁ ହିଁ ଯୋଜନା କରିଥିଲେ। ଘରେ ମୋବାଇଲ ଛାଡ଼ି ଯିବା ପରେ ବାହାରୁ ୩ଟି ସିମ୍ କିଣି ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିଥିଲେ। ଭଦ୍ରକ ଅଗରପଡ଼ାରେ ଗୋଟିଏ ସିମ୍ ଓ ଅନ୍ୟ ୨ଟି ସିମ୍ କୋଲକାତାରେ କିଣିଥିବା କ୍ରାଇମବ୍ରାଞ୍ଚ ପଚରାଉଚରାବେଳେ ଶର୍ମିଷ୍ଠାଙ୍କଠାରୁ ଜାଣିବାକୁ ପାଇଛି।

# ଓଡ଼ିଶାରେ ହେବ ପ୍ରାକୃତିକ କୃଷି କାର୍ଯ୍ୟକ୍ରମ

- ପ୍ରଥମ ପର୍ଯ୍ୟାୟରେ ୫ ଆଦିବାସୀ ଅଧ୍ୟୁଷିତ ଜିଲାରେ ହେବ
- ସାମିଲ ହେବେ ୧୩,୫୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ
- ବିଭାଗଗୁଡ଼ିକ ମଧ୍ୟରେ ଦୃଢ଼ କ୍ଷେତ୍ରସ୍ତରୀୟ ସମନ୍ୱୟ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ବିପର୍ଯ୍ୟୟ ନିରୋଧୀ ଓ ପରିବେଶ ଅନୁକୂଳ କୃଷି ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ରାଜ୍ୟ ସରକାର ପ୍ରାକୃତିକ କୃଷି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ଏଥି ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଭର୍ଚୁଆଲ ବୈଠକରେ ଆନ୍ଧ୍ରପ୍ରଦେଶର ରାୟଥୁ ସ୍ୱାଧିକାର ସଂସ୍ଥା (ଆର୍‌ୱାଇଏସ୍‌ଏସ୍) ଏବଂ ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଆନ୍ଧ୍ରପ୍ରଦେଶ ସରକାରଙ୍କ କୃଷି ଓ ସମବାୟ ପରାମର୍ଶଦାତା ତଥା ଆର୍‌ୱାଇଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଉପ ସଭାପତି ଟି. ବିଜୟ କୁମାର, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ସମୁଦାୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ମିଶନ ଶକ୍ତି ବିଭାଗର ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି।

ଏ ସମ୍ପର୍କରେ ସୂଚନା ଦେଇ ରଞ୍ଜନା ଚୋପ୍ରା କହିଲେ, ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା ଓ କୋରାପୁଟ ଆଦି ୫ ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆରମ୍ଭ କରାଯିବ। ୧୩,୫୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ସାମିଲ କରାଯିବ। ପ୍ରାୟ ୩.୧୫ ହେକ୍ଟର ଚାଷ ଜମିରେ ପ୍ରାକୃତିକ ପ୍ରଣାଳୀ ଚାଷ କରାଯିବ। ପ୍ରାୟ ୫୦ଟି ଲେଖାଏ ମହିଳା ଏସ୍‌ଏଚ୍‌ଜିକୁ ନେଇ ଗୋଟିଏ ଗୋଟିଏ କ୍ଲଷ୍ଟର ଗଠନ କରାଯିବ। ୨୦୨୨-୨୩ ଆର୍ଥିକ ବର୍ଷରୁ କାର୍ଯ୍ୟକ୍ରମର ବାସ୍ତବ କ୍ଷେତ୍ରାନ୍ୱୟନ ହେବ ଓ ୫ ବର୍ଷ ମଧ୍ୟରେ ଏହି ପ୍ରାକୃତିକ ଚାଷ କାର୍ଯ୍ୟକ୍ରମରେ ପ୍ରାୟ ୩୧୧.୯୩ କୋଟି ଟଙ୍କା ବିନିଯୋଗ କରାଯିବ।

ନିରାପଦ ଓ ପୃଷ୍ଟି ସମ୍ପନ୍ନ କୃଷି ପଦାର୍ଥ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟ ଶାସନ ସଚିବ ମହାପାତ୍ର କହିଲେ, ଆଧୁନିକ ପ୍ରଣାଳୀରେ ପ୍ରାକୃତିକ ଚାଷ ଉଭୟ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକାନ୍ତ ଆବଶ୍ୟକ। ଏହି ପଦ୍ଧତିରେ କୃଷିକୁ ନିରନ୍ତର ତଥା ବିପର୍ଯ୍ୟୟ ନିରୋଧୀ କରାଯାଇପାରିବ। ଏହି କାର୍ଯ୍ୟକ୍ରମକୁ ଫଳପ୍ରସୂ କରିବା ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକ କ୍ଷେତ୍ରସ୍ତରରେ ପୂର୍ଣ୍ଣ ସମନ୍ୱୟ ରଖି ଏକାଭିମୁଖୀଭାବେ ନିରନ୍ତର ପ୍ରଚେଷ୍ଟା କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଲେ, ପ୍ରାକୃତିକ ଚାଷ କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଚଳିତ କୃଷି ଉତ୍ପାଦନ ସ୍ଥିତିକୁ ରୂପାନ୍ତରିତ କରିବ। କ୍ରମବର୍ଦ୍ଧିଷ୍ଣୁ ସ୍ୱାସ୍ଥ୍ୟ ସଚେତନତା ଯୋଗୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଖାଦ୍ୟଦ୍ରବ୍ୟର ଚାହିଦା ବଢ଼ୁଥିବାରୁ ଏହି ଚାଷ ମଧ୍ୟ କୃଷି ଆୟ ବୃଦ୍ଧି କରିବ।

ମିଶନ ଶକ୍ତି ବିଭାଗ ଶାସନ ସଚିବ କାର୍ତ୍ତିକେୟନ୍ କହିଲେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳାମାନେ କୃଷି କାର୍ଯ୍ୟ ସହ ପୂର୍ଣ୍ଣ ସମ୍ପୃକ୍ତ। ପ୍ରାକୃତିକ ଚାଷ କାର୍ଯ୍ୟକ୍ରମ ମହିଳା ଏସ୍‌ଏଚ୍‌ଜିଙ୍କ ମଧ୍ୟରେ ବେଶ୍ ଆଦୃତ ହେବ। ପରିବାର ତଥା ସମାଜ ପାଇଁ ନିରାପଦ ଖାଦ୍ୟ ଉତ୍ପାଦନ କାର୍ଯ୍ୟ ହୋଇଥିବାରୁ ମହିଳାମାନେ ଆଗ୍ରହ ସହ ସାମିଲ ହେବେ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ନିର୍ଦ୍ଦେଶକ ଗୁହା ପୁନମ୍ ଟି.କୁମାର କହିଲେ, ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ତାଲିମ ଦିଆଯିବ। ସେମାନେ 'ରିସୋର୍ସ ପର୍ସନ' ଭାବେ କାର୍ଯ୍ୟ କରିବେ। ଶସ୍ୟ ବିବିଧତା, ପ୍ରାଥମିକ ପର୍ଯ୍ୟାୟ ଜୈବ-ସାର ପ୍ରସ୍ତୁତି, କୃଷି ପଦ୍ଧତି, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ନିମନ୍ତେ ଭିତ୍ତିଭୂମି ତିଆରି ଆଦି ପାଇଁ ସହାୟତା ଦିଆଯିବ। ଏହା ଛଡ଼ା 'ପୋଷଣ ବଗିଚା' ପ୍ରସ୍ତୁତ ନିମନ୍ତେ ସମସ୍ତ ମହିଳା ଏସ୍‌ଏଚ୍‌ଜିଙ୍କୁ ମଧ୍ୟ ସହଯୋଗ ଯୋଗାଇଦିଆଯିବ। ମିଶନ ଶକ୍ତି ଏବଂ ଓଡ଼ିଶା ଜନଜାତି ଉନ୍ନୟନ ସମାଜର ବରିଷ୍ଠ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଜିଲାର ଆଇଟିଡିଏର ପ୍ରକଳ୍ପ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ।

## ନିଶା ବେପାରୀ ଚିତ୍ରସେନଙ୍କ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ

ଭୁବନେଶ୍ୱର,୩୦।୩(ବ୍ୟୁରୋ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଗଞ୍ଜାମ କୋଦଳା ଟାଉନ ଥାନା ଅଞ୍ଚଳର ଆନ୍ତଃରାଜ୍ୟ ନିଶାବେପାରୀ ଚିତ୍ରସେନ ପରିଡାଙ୍କ ବିପୁଳ ସମ୍ପତ୍ତି ଠାବ ହେବା ପରେ ଏହାକୁ ଜବତ କରାଯାଇଛି। ଜବତ ସମ୍ପତ୍ତିରେ ୨ଟି କୋଠା, ଗୋଟିଏ କାର୍, ଗୋଟିଏ ବସ୍, ଜମି ଓ ବ୍ୟାଙ୍କ ଡିପୋଜିଟ୍ ରହିଛି। ୨ କୋଠାର ମୂଲ୍ୟ ୧.୮୫ କୋଟି ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ଏସ୍‌ଟିଏଫ୍ ପକ୍ଷରୁ ଅନ୍ୟ ସମ୍ପତ୍ତିର ହିସାବ କରାଯାଉଛି। ଜବତ ସମ୍ପତ୍ତିକୁ ବାଜ୍ୟାପ୍ତି ପାଇଁ ଏସ୍‌ଟିଏଫ୍ କୋଲକାତାସ୍ଥିତ ଏନ୍‌ଡିପିଏସ୍ ଶାଖାକୁ ଚିଠି ଲେଖିଛି। ଅନୁମତି ମିଳିବା ପରେ ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ବୁଧବାର ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ଚିତ୍ରସେନ ଗୁଜରାଟ ଓ ମାଲକାନଗିରି ପୋଲିସ ପାଇଁ ୱାଣ୍ଟେଡ୍ ଥିଲେ। ତାଙ୍କ ନାମରେ ଗୁଜରାଟର ସୁରତ ସିଟିସ୍ଥିତ କଟାଗ୍ରାମ ଥାନା, ପୁନା ଥାନା ଏବଂ ଓଲପାଡ୍ ଥାନାରେ ଗୋଟିଏ ଲଖାଏ ମାମଲା ରହିଛି। ସେହିପରି ମାଲକାନଗିରି ଜିଲା ଚିତ୍ରକୁଣ୍ଡା ଥାନାରେ ମଧ୍ୟ ତାଙ୍କ ନାମରେ ଗୋଟିଏ ମାମଲା ରହିଛି। ତେବେ ଗୁଜରାଟରେ ଚିତ୍ରସେନଙ୍କର ବିପୁଳ ସମ୍ପତ୍ତି ଥାଇପାରେ ବୋଲି ଏସ୍‌ଟିଏଫ୍ ସନ୍ଦେହ କରି ସ୍ଥାନୀୟ ପୋଲିସ ସହ ଯୋଗାଯୋଗ କରିଥିବା ଜଣାପଡିଛି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ଚିତ୍ରକୋଣ୍ଡା,୩୦।୩(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବସଷ୍ଟାଣ୍ଡ କଲୋନୀ ବାସିନ୍ଦା ମଲିକେଶ ସଗରିଆଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେ ତାରରେ କପଡା ଶୁଖାଉଥିବା ବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେସଙ୍ଗେ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମେଳାରୁ ପାଇଥିବା ସୁନାହାର ଫେରାଇଲେ ସାମାଜିକ କର୍ମୀ

କେନ୍ଦ୍ରାପଡ଼ା ଅଫିସ, ୩୦।୩



ସନ୍ଧ୍ୟାରାଣୀଙ୍କୁ ଏସ୍‌ଡିପିଓ ବେଉରାଙ୍କ ଉପସ୍ଥିତିରେ ଗୌତମ ସୁନାହାର ଦେଉଛନ୍ତି।

ମଣିଷ ଭଲ କାମ କଲେ ପ୍ରଶଂସା ମିଳେ। ସବୁଠି ତାଙ୍କ ଉଦାରପଣିଆକୁ ନେଇ ଚର୍ଚ୍ଚା ହୁଏ। ସେମିତି ପ୍ରଶଂସା ସାଉଁଟିଛନ୍ତି କେନ୍ଦ୍ରାପଡ଼ା ସହର ବଡ଼ହାଟର ଗୌତମ ସାହୁ। ମେଳାରୁ ପାଇଥିବା ପ୍ରାୟ ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ସୁନାହାର ସେ ଜଣେ ମହିଳାଙ୍କୁ ଫେରାଇ ଏବେ ସାମାଜିକ ଗଣମାଧ୍ୟମର ହିରୋ ସାଜିଛନ୍ତି। ତାଙ୍କର ଏହି ସାଧୁତା ଓ ଉଦାରପଣିଆକୁ ସାମାଜିକ ଗଣମାଧ୍ୟମରେ ପ୍ରଶଂସା କରାଯାଇଛି। ସମ୍ପୂର୍ଣ୍ଣ ଘଟଣାଟି ଥିଲା ଏପରି, ମଙ୍ଗଳବାର ରାତିରୁ କେନ୍ଦ୍ରାପଡ଼ା ଓ ଯାଜପୁର ସୀମାନ୍ତ ଇନ୍ଦୁପୁର ଘାଟରେ ବାରୁଣୀ ମେଳା ଆରମ୍ଭ ହୋଇଛି। ଏହି ମେଳାରେ ସ୍ନାନ କରିବାକୁ ବିଭିନ୍ନ ଜିଲାରୁ ଶ୍ରଦ୍ଧାଳୁମାନେ ଆସିଥିଲେ। ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳର ସନ୍ଧ୍ୟାରାଣୀ ନାୟକ ବି ମେଳା ଅବସରରେ ବାପଘର ଇନ୍ଦୁପୁର ନିକଟସ୍ଥ ହନୁମନ୍ତପାଳରେ ପହଞ୍ଚି ଥିଲେ। ବାରୁଣୀ ସ୍ନାନ ପରେ ସେ କିଛି ସମୟ ମେଳାର ମଜା ଉଠାଇଥିଲେ। ପରିବାର ଲୋକଙ୍କ ସହ ସେ ମେଳାରେ ବୁଲି ଥିଲେ। ହେଲେ ସେହି ଭିଡ଼ ଭିତରେ ସନ୍ଧ୍ୟାରାଣୀ ପିନ୍ଧିଥିବା ସୁନାହାରଟି କୌଣସି କାରଣରୁ ଛିଡ଼ି ତଳେ ପଡିଯାଇଥିଲା। ହେଲେ ସେଥିପ୍ରତି ତାଙ୍କର ନଜର ନ ଥିଲା। ମେଳାରୁ ଘରକୁ ଫେରିବା ପରେ ସନ୍ଧ୍ୟାରାଣୀ ତାଙ୍କ ଗଳାରେ ହାର ନ ଥିବା ଦେଖି ଦୁଃଖରେ ଭାଙ୍ଗି ପଡିଥିଲେ। ଏତେ ଭିଡ଼ରୁ ସେ ହଜାଇଥିବା ହାର ଆଉ ଫେରି ପାଇବେ ସେ ଆଶା ଛାଡ଼ି ଦେଇଥିଲେ। ଗୌତମ ଜଣେ ସାମାଜିକ କର୍ମୀ। ସେ ମଧ୍ୟ ମେଳାରେ ନିଜର ସେବା କାର୍ଯ୍ୟରେ ବ୍ୟସ୍ତ ଥିଲେ। ତାଙ୍କ ଆଖିରେ ପଡିଥିଲା ଧୂଳିରେ ପୋତି ହୋଇପଡିଥିବା ଏକ ସୁନାହାର ଉପରେ। ସେହି ହାରକୁ ସେ ଉଠାଇ ଆଣି ସ୍ଥାନୀୟ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରାଙ୍କୁ ଦେଇଥିଲେ। ପ୍ରାୟ ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ହାର ପ୍ରତି ତାଙ୍କର ତିଳେମାତ୍ର ଲୋଭ ନ ଥିଲା। ବରଂ ଯେଉଁ ମହିଳାଙ୍କ ହାର ହଜିଥିବ ତାଙ୍କର ମାନସିକ ଅବସ୍ଥା କ'ଣ ଥିବ ସେ କଥା ଗୌତମ ଚିନ୍ତା କରିଥିଲେ। ଏହାପରେ ଯେତେଶୀଘ୍ର ସେହି ମହିଳାଙ୍କୁ ହାର ଫେରାଇ ହେବ ସେଥିପାଇଁ ବ୍ୟବସ୍ଥା କରିଥିଲେ।

ଏଥିରେ ତାଙ୍କୁ ସାହାର୍ଯ୍ୟ କରିଥିଲେ ଏସ୍‌ଡିପିଓ ବେଉରା। ସେ ଉପଯୁକ୍ତ ପ୍ରମାଣ ସଂଗ୍ରହ କରିବା ପରେ ସନ୍ଧ୍ୟାରାଣୀଙ୍କୁ ସେହି ହାର ଫେରାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଗୌତମଙ୍କୁ ସମସ୍ତେ ସାଧୁବାଦ ଜଣାଇଛନ୍ତି।

# ରାଜ୍ୟ ବଜେଟ ମତାମତ

### ଲଘୁ କୁଟୀର ଶିଳ୍ପରେ ମହିଳାଙ୍କୁ ଅଧିକ ଅନୁଦାନ ଦେବା ଉଚିତ



ବଜେଟ୍ ପାଇଁ ରାଜ୍ୟ ସରକାରଙ୍କୁ ଶୁଭେଚ୍ଛା। ପ୍ରଥମ ଥର ପାଇଁ ଆଇସିଡିଏସ୍ ଓ ପୋଷଣ ଉପରେ ଅର୍ଥ ବଢ଼ାଇଛନ୍ତି। ଏହା ଭଲ ପଦକ୍ଷେପ। ଯେଉଁ କର୍ମଜୀବୀ ମହିଳାମାନେ ଗ୍ରାମାଞ୍ଚଳରୁ ଆସି ପାଖ ସହରରେ ରୁହନ୍ତି ସେମାନଙ୍କ ରହିବା ପାଇଁ ହଷ୍ଟେଲର ବ୍ୟବସ୍ଥା ନିମନ୍ତେ ଯୋଜନା କରିବାର ଉଚିତ୍ ଥିଲା। ଏଥିସହିତ ଲଘୁ କୁଟୀର ଶିଳ୍ପରେ ମହିଳାଙ୍କୁ ଅଧିକ ଅନୁଦାନ ମିଳିଥାନ୍ତା ଓ ବ୍ୟବସ୍ଥା ହୋଇଥିଲେ ଅଧିକ ଖୁସୀ ଲାଗିଥାନ୍ତା।

– ନମ୍ରତା ଚଢ଼ା, ସାମାଜିକକର୍ମୀ

### ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂଆ ଯୋଜନା କରିନାହାନ୍ତି



ଏହି ବଜେଟ୍ ପୂର୍ଣ୍ଣାଙ୍ଗ ନୁହେଁ। ପୂର୍ଣ୍ଣ ବଜେଟ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ତେବେ ରାଜ୍ୟ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଉଚିତ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସେଭଳି କିଛି ନୂଆ ଯୋଜନା କରି ନାହାନ୍ତି। ମେଡିକାଲ କଲେଜ ଓ ବ୍ଲକ୍‌ସ୍ତରରେ ଥିବା ହସ୍ପିଟାଲକୁ କିପରି ସୁଦୃଢ଼ କରିହେବ ସେ ଦିଗରେ ପଦକ୍ଷେପ ନେବା ଉଚିତ୍। ମୁଖ୍ୟକଥା ହେଉଛି ରାଜ୍ୟର ଅଭିବୃଦ୍ଧି ହାର ବଢ଼ୁଥିଲେ ମଧ ରାଜସ୍ୱ ସଂଗ୍ରହ ସେହି ମାତ୍ରାରେ ବୃଦ୍ଧି ପାଉନାହିଁ। ତେଣୁ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

- ଅମରେନ୍ଦ୍ର ଦାସ, ପ୍ରାଧ୍ୟାପକ, ନାଇଜର

### ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ଅଧିକ ଫୋକସ ଦିଆଯାଇଛି



ବଜେଟ୍‌ରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ଅଧିକ ଫୋକସ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ରାଜ୍ୟର ଜନସାଧାରଣଙ୍କୁ ଯେଉଁ କଥା ଦେଇଛନ୍ତି ତାହା ପ୍ରତିପାଦିତ ହୋଇଛି। ଲୋକମାନେ ଯାହା ଆଶା କରୁଛନ୍ତି ତାହା ସରକାରଙ୍କ ଦ୍ୱାରା ଲୋକଙ୍କ ପାଇଁ ବଜେଟରେ ସ୍ଥାନିତ କରାଯାଇଛି। ୫ମ ପାଳିର ସରକାରରେ ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ଆଦର୍ଶ ବିଦ୍ୟାଳୟଗୁଡ଼ିକ ଖୋଲାଯାଇଛି। ଆହୁରି ଅନେକ ଜାଗାରେ କାମ ଚାଲୁ ରହିଛି। ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି।

–ସମୀର ରଞ୍ଜନ ଦାଶ, ଗଣଶିକ୍ଷା ମନ୍ତ୍ରୀ

### ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦିଆଯାଇଛି



ଚଳିତ ବର୍ଷ ରାଜ୍ୟ ବଜେଟ୍‌ରେ ପାନୀୟଜଳ ଯୋଗାଣ କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇଛି। ବଜେଟ୍‌ରେ ୨୨୫୫ କୋଟି ଟଙ୍କା କେବଳ ପାନୀୟଜଳ ବାବଦକୁ ବ୍ୟୟବରାଦ କରାଯାଇଛି। ସ୍ୱଚ୍ଛ ଜଳ ଯୋଗାଣ କ୍ଷେତ୍ରରେ ରାଜ୍ୟ ଆଗକୁ ବଢୁଛି। ସେହିଭଳି କୃଷି ଗବେଷଣା ମଧ ଜାତୀୟ ସ୍ତରରେ ଏକ ଅବହେଳିତ କ୍ଷେତ୍ର। ମାତ୍ର ରାଜ୍ୟ ସରକାର କୃଷି ଗବେଷଣା କ୍ଷେତ୍ରକୁ ଗୁରୁତ୍ୱ ଦେଇ ୧୬୧ କୋଟି ଟଙ୍କାର ବ୍ୟୟ ଅଟକଳ ରଖିଛନ୍ତି, ଯାହା କୃଷିକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆଗକୁ ନେବା ସହ ଉନ୍ନତ କୃଷି ଗବେଷଣା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ।

-ବିଶ୍ୱମ୍ଭର ପତି, ଅର୍ଥନୀତି ଅଧାପକ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ

### ନିଜସ୍ୱ ଯୋଜନା ଚାଲୁ ରଖିବା ମୂଳ ଲକ୍ଷ୍ୟ



ରାଜ୍ୟ ସରକାର ୨୦୨୨-୨୩ ବର୍ଷ ପାଇଁ ଯେଉଁ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ତାହା ୨୦୨୧-୨୨ ତୁଳନାରେ ୧୮% ଅଧିକ। ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ଏବଂ ପ୍ରଚଳିତ ଯୋଜନାକୁ ଚାଲୁ ରଖିବା ଚଳିତ ବଜେଟର ମୂଳ ଉଦ୍ଦେଶ୍ୟ ରହିଛି। ଏହି ବଜେଟରେ ଆର୍ଥିକ ନିଅଣ୍ଟକୁ ୩% ମଧ୍ୟରେ ରଖାଯାଇଥିବାରୁ ଏହା ଏକ ଭଲ ପଦକ୍ଷେପ। ଏଥିରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି, ଯାହାକି ଭବିଷ୍ୟତରେ କୌଣସି ପ୍ରକାର ମହାମାରୀ ଅବସ୍ଥାକୁ ସମ୍ମୁଖୀନ କରିବାରେ ସହାୟକ ହୋଇପାରିବ। ସେହିପରି ପର୍ଯ୍ୟଟନ, ବିଜୁ ସେତୁ, ବିଜୁ ଏକ୍ସପ୍ରେସ୍‌ୱେ ଏବଂ ବିଭିନ୍ନ ସଂଯୋଗୀକରଣ କାର୍ଯ୍ୟକ୍ରମ ଲୋକଙ୍କ ଅର୍ଥନୈତିକ ବିକାଶରେ ସହାୟକ ହେବ। ଯଦି ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ ଅଧିକ ପାଣ୍ଠି ଯୋଗାଇ ଦିଆଯାଇଥାନ୍ତା, ତେବେ ଭଲ ହୋଇଥାନ୍ତା।

- ପ୍ରଫେସର କିଶୋର କୁମାର ମହାନ୍ତି, ବାଣିଜ୍ୟ ବିଭାଗ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

## ପ୍ରଥମ ପୃଷ୍ଠାରୁ...

### ପାନ୍-ଆଧାର...

ହେବେ। ପାନ୍ ନମ୍ବର ବାଧ୍ୟତାମୂଳକ ଥିବା ବିଭିନ୍ନ ଆର୍ଥିକ କାରବାର କରିବାରୁ ସେ ବଞ୍ଚିତ ହେବେ। ଫଳରେ ଧାରା ୨୭୨ ବି ଅନୁଯାୟୀ ତାଙ୍କୁ ଅଧିକ ହାରରେ ଟିଡିଏସ୍ ଏବଂ ଜରିମାନା ଦେବାକୁ ପଡ଼ିବ ବୋଲି ନାଙ୍ଗିଆ ଆଣ୍ଡରସନ ଏଲ୍‌ଏଲ୍‌ପି ପାର୍ଟନର ନୀରଜ ଅଗ୍ରୱାଲ କହିଛନ୍ତି।

### ୯ଦିନରେ ୬ଟଙ୍କା...

୫.୯୫ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ୮୦ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୧.୦୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୯୨.୪୭ ଟଙ୍କାରେ ପହଞ୍ଚିଛି। ବିଶେଷକରି ଉପରୋକ୍ତ ସମୟ ମଧ୍ୟରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ମୋଟ ୫.୬୦ ଟଙ୍କା ମୂଲ୍ୟ ବୃଦ୍ଧି ଘଟିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୫.୮୮ ଟଙ୍କା, ୧୧୦.୫୨ ଟଙ୍କା ଏବଂ ୧୦୬.୬୯ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗରଗୁଡ଼ିକରେ ଡିଜେଲ ଲିଟର ପିଛା ୧୦୦.୧୦ ଟଙ୍କା, ୯୫.୪୨ ଟଙ୍କା ଏବଂ ୯୬.୭୬ ଟଙ୍କାରେ ପହଞ୍ଚିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଦୀର୍ଘଦିନ ପରେ ପୁଣି ଥରେ ପ୍ରଥମ ଥର ପାଇଁ ମୁମ୍ବାଇରେ ଡିଜେଲ ଦର ୧୦୦ ଟଙ୍କା ଟପି ରେକର୍ଡ ସ୍ତରରେ ରହିଛି। ସୂଚନାଯୋଗ୍ୟ, ବୁଧବାର ତୈଳ ଦର ବୃଦ୍ଧି ନେଇ ଉଭୟ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଯୁକ୍ତି ସାଙ୍ଗକୁ ହଟ୍ଟଗୋଳ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ କହିଛନ୍ତି, ପୂର୍ବ ସରକାର କରିଥିବା ଅଏଲ ବଣ୍ଡ ଯୋଗୁ ତୈଳ ଦର ବୃଦ୍ଧି ପାଉଛି। ସେହିପରି ବିରୋଧୀ ମଧ୍ୟ ଉଭୟ ସରକାରଙ୍କୁ ଦୋଷ ଦେଉଥିବା ବେଳେ ରାହୁଲ ଗାନ୍ଧୀ ମଧ୍ୟ ଟୁଇଟ କରି କହିଛନ୍ତି, ଅନ୍ତଃରାଷ୍ଟ୍ରୀୟ ବଜାରରେ ତୈଳ ଦର ଉଚ୍ଚା ଥିବାବେଳେ ଭାରତରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୭୦ ଟଙ୍କା ରହିଥିଲା।

ଅପରପକ୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ନିଜ ନିଜର ଟିକସ ହ୍ରାସ କିମ୍ବା ଛାଡ଼ କରୁ ନ ଥିବା ଯୋଗୁ ତୈଳ ଦର ଉଚ୍ଚା ରହୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏପରିକି ତୈଳ ଦର ବୃଦ୍ଧି ଯୋଗୁ ଦେଶର ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ହେବା ଯଥେଷ୍ଟ ସମ୍ଭାବନା ରହିଛି। ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଇନ୍ଧନର ଚାହିଦା ଆଦି ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଏବଂ ତୈଳ ବିଶୋଧନାଗାରର ବ୍ୟବହାର ଉପରେ ନିର୍ଭର କରିଥାଏ। ଏହାବାଦ ଭାଟ୍ ଏବଂ ପରିବହନ ମୂଲ୍ୟ ଆଧାରରେ ରାଜ୍ୟ ରାଜ୍ୟ ମଧ୍ୟରେ ଇନ୍ଧନ ମୂଲ୍ୟରେ ଫରକ ମଧ୍ୟ ଦେଖାଦେଇଥାଏ। ଉଲ୍ଲେଖଯୋଗ୍ୟ, ୨୦୨୧ ନଭେମ୍ବର ୪ ତାରିଖରେ କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ୫ ଟଙ୍କା ଏବଂ ଡିଜେଲ ଉପରୁ ୧୦ ଟଙ୍କାର ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ। କେନ୍ଦ୍ର ସରକାରଙ୍କ ଉକ୍ତ ପଦକ୍ଷେପ ପରେ କେତେକ ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ ଓ ଡିଜେଲ ଦର ଉପରୁ ଭାଟ୍ ହ୍ରାସ କରିଥିଲେ।

### ବେପାର ପାଇଁ...

ରହିଛି। ହେଲେ ଯେଉଁମାନେ ପ୍ରାର୍ଥୀ ହେଲେ ସେମାନଙ୍କୁ ଏକାକୀ ନିର୍ବାଚନ ମଇଦାନରେ ଛାଡ଼ି ଦିଆଗଲା। ଦଳର ବିପର୍ଯ୍ୟୟ ଲାଗି ଏଆଇସିସିରୁ ଆରମ୍ଭକରି ପିସିସି ପର୍ଯ୍ୟନ୍ତ ସମସ୍ତେ ଦାୟୀ। ଯେଉଁ ଲୋକଙ୍କ ପାଖକୁ ଗଲେ ସେମାନେ ପୂର୍ବରୁ କଂଗ୍ରେସରେ ଥିଲେ ବୋଲି କହୁଥିଲେ। ତେବେ ଏବେ କାହିଁକି ସେମାନେ ରହିଲେନାହିଁ ସେକଥା ବୁଝିବାର ଆବଶ୍ୟକତା ରହିଛି। ଦଳର ଚିହ୍ନ ଯୋଗୁ ହାରିଯାଇଥିବା ସେ କହିଛନ୍ତି।

ତେବେ ଦେଖିବାକୁ ଗଲେ ଏବେ ମଧ୍ୟ କଂଗ୍ରେସର ଭୋଟ ରାଜ୍ୟରେ ସବୁଠି ରହିଛି। ରାଜ୍ୟରେ କାଉନ୍‌ସିଲ ଭୋଟ ଲାଗି ମୋଟ ୧୭,୩୬,୬୦୮ ଖଣ୍ଡ ଭୋଟ ଗଣତି କରାଯାଇଥିଲା। ସେଥିରୁ କଂଗ୍ରେସକୁ ମୋଟ ୨,୨୩,୧୦୬ ଖଣ୍ଡ ଭୋଟ ମିଳିଛି। ସେହିପରି କର୍ପୋରେଟର ନିର୍ବାଚନ ଲାଗି ୩ ମହାନଗର ନିଗମ ପାଇଁ ମୋଟ ୬,୮୩,୨୨୩ ଭୋଟ ଗଣତି ହୋଇଥିବା ବେଳେ କଂଗ୍ରେସକୁ ୮୧,୪୩୪ ଖଣ୍ଡ ଭୋଟ ମିଳିଛି। ସେହିପରି ପୌରାଧ୍ୟକ୍ଷ ଭୋଟରେ କଂଗ୍ରେସ ମୋଟ ୨,୧୮,୧୧୪ ଖଣ୍ଡ ଭୋଟ ପାଇବାରେ ସକ୍ଷମ ହୋଇଛି। କାଉନ୍‌ସିଲର ନିର୍ବାଚନରେ କଂଗ୍ରେସକୁ ୧୨%, ପୌରାଧ୍ୟକ୍ଷରେ ୧୨%, କର୍ପୋରେଟର ଭୋଟ ମଧ୍ୟ ୧୨% କଂଗ୍ରେସ ଖାତାକୁ ଯାଇଛି। ଅନେକ ଆସନରେ ଦଳ ପ୍ରାର୍ଥୀ ଦେଇ ନ ଥିବାବେଳେ କଂଗ୍ରେସ ପାଇଁ ରାଜ୍ୟ ନେତୃତ୍ୱଙ୍କଠାରୁ ଆରମ୍ଭକରି ଆଗଧାଡ଼ିର ନେତାମାନେ ପ୍ରଚାର ମଇଦାନରେ ଦେଖା ନ ଦେବା ସତ୍ତ୍ୱେ ଦଳ ସପକ୍ଷରେ ଭୋଟ ଏବେ ମଧ୍ୟ ରହିଥିବା ସ୍ପଷ୍ଟ ହୋଇଛି। ଏପରିକି କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନରେ କଂଗ୍ରେସ ମେୟର ପ୍ରାର୍ଥୀ ହୋଇଥିବା ଗିରିବାଳା ବେହେରା ଦୁଇ ନମ୍ବର ସ୍ଥାନରେ ରହି କଂଗ୍ରେସର ଏବେ ବି ଚେଷ୍ଟା କଲେ ଆଗକୁ ବଢିପାରିବ ସେକଥା ସ୍ପଷ୍ଟ କରିଛନ୍ତି। ତଥାପି ରାଜ୍ୟ ନେତୃତ୍ୱ ହାତେଇଥିବା ନେତାଙ୍କ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଲାଗି ଦଳକୁ ତଳିତଳାନ୍ତ ଅବସ୍ଥାକୁ ନିଆଯାଉଥିବା ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଗିରିବାଳା କହିଛନ୍ତି, କଂଗ୍ରେସ ଅବସ୍ଥା ଖରାପ ଅଛି। ରାଜ୍ୟ ନେତୃତ୍ୱ ନାହିଁ ବୋଲି ସମସ୍ତେ ଜାଣନ୍ତି। ହେଲେ କଟକରେ କଂଗ୍ରେସ ପାଇଁ ଏକ ସମ୍ଭାବନା ସୃଷ୍ଟି ହୋଇଥିଲା। ସରକାରୀ କଳ ପ୍ରଚୁର ଅର୍ଥ କାରବାର ଏବଂ ଭୋଟର ଲିଷ୍ଟ ଏପଟ ସେପଟ କରି ନିର୍ବାଚନରେ ଜନମତ ବିଜେଡି ହାତେଇଲା ବୋଲି ଗିରିବାଳା କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩୧ ମାର୍ଚ୍ଚ, ୨୦୨୨



## ୧୧ ଗ୍ରାମ ବ୍ରାଉନସୁଗାର ଜବତ, ଜେଲ ଗଲେ ଅଭିଯୁକ୍ତ

ବାଲିକୁଦା,(ସ୍ୱ.ପ୍ର.): ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ବାଲିକୁଦା ପଞ୍ଚାୟତର ନାଳିଓ ଗ୍ରାମରେ ଚଢ଼ାଉ କରାଯାଇ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଏହି ଗ୍ରାମର ଅନୁଲ କୁମାର ନାୟକ(୩୭)। ତାଙ୍କଠାରୁ ୧୧ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ୧୦୪/୨୨ରେ ମାମଲା ରୁଜୁ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ନାୟକଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ସେ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ବାଲିଯାତ୍ରା ପଡ଼ିଆ ଅଭିମୁଖେ ଯାଉଥିଲେ। କୌଣସି ସୂତ୍ରରୁ ଖବରପାଇ ଅବକାରୀ ଏସଆଇ ଭାରତୀ ତ୍ରିପାଠୀଙ୍କ ନେତୃତ୍ୱରେ ଗଠିତ ଟିମ୍ ତାଙ୍କୁ ଧରିଥିଲା।

# ଗହୀରମଥାରେ ୫୪୦ ଡଲ୍‌ଫିନ୍

ରାଜନଗର, ୩୦।୩ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଚଳିତବର୍ଷ ଡଲ୍‌ଫିନ୍‌ଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଥିବା ରିପୋର୍ଟ ବନ ବିଭାଗ ପକ୍ଷରୁ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଏବଂ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ଡଲଫିନ ଗଣନା କରାଯାଇଥିଲା। ଏହି ଗଣନା ସମୟରେ ୫ ପ୍ରଜାତିର ଡଲଫିନ ଦେଖିବାକୁ ମିଳିଥିଲା। ଇରାୱାର୍ଡି ପ୍ରଜାତିର ଡଲ୍‌ଫିନ୍ ୪୫ଟି, ବଟଲ ନୋଜ ପ୍ରଜାତିର ୧୩୫ଟି, ହମ୍ପବ୍ୟାକ୍ ଜାତୀୟ ଡଲ୍‌ଫିନ୍ ୩୩୨ଟି, ଷ୍ଟ୍ରିପେଡ ଜାତୀୟ ଡଲ୍‌ଫିନ୍ ୧୩ଟି, ସ୍ୱାଇନର ଜାତୀୟ ଡଲ୍‌ଫିନ୍ ୧୫ଟି ମୋଟ ୫୪୦ଟି ଡଲଫିନ ଗଣନା ସମୟରେ ଚିହ୍ନଟ ହୋଇଛନ୍ତି। ଗତବର୍ଷ ଗହୀରମଥା ଓ ଭିତରକନିକା ସାମୁଦ୍ରିକ ଅଭୟାରଣ୍ୟରେ



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲ୍‌ଫିନ୍‌ଙ୍କ ଜଳକ୍ରୀଡ଼ା।

ଗଣନା ସମୟରେ ୩ଟି ପ୍ରଜାତିର ୩୪୨ଟି ଡଲ୍‌ଫିନ୍ ଚିହ୍ନଟ ହୋଇଥିଲା। ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ଗଣନା ସମୟରେ ଏମାନଙ୍କ ସଂଖ୍ୟା ୧୯୮ଟି ଅଧିକ ଚିହ୍ନଟ କରାଯାଇଛି। ଗତବର୍ଷ ଇରାୱାଡି ପ୍ରଜାତିର ଡଲଫିନ ୩୯ଟି ଥିବା ବେଳେ ଚଳିତବର୍ଷ ୬ଟି ବୃଦ୍ଧି ପାଇ ୪୫ଟି, ବଡଲନୋଜ ଗତବର୍ଷ ୨୨ଟି ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ୧୧୩ଟି ବୃଦ୍ଧି ପାଇ ୧୩୫ଟି, ହମ୍ପବ୍ୟାକ୍ ଜାତୀୟ ଡଲଫିନ ଗତବର୍ଷ ୨୮୧ଟି ଚିହ୍ନଟ ହୋଇଥିବା ବେଳେ ଚଳିତବର୍ଷ ୫୧ଟି ବୃଦ୍ଧି ପାଇ ୩୩୨ରେ ପହଞ୍ଚିଛି। ଗତବର୍ଷ ଡିସେମ୍ବର ୧୬ ଠାରୁ ଭିତରକନିକା ଜାତୀୟ ଉଦ୍ୟାନର ନଦୀ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଡଲଫିନ୍ ଗଣନା କରାଯାଇଥିଲା। ଏହି ଗଣନା ପ୍ରକ୍ରିୟାରେ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ ପତି, ପଶ୍ଚିମବଙ୍ଗର ଅବସରପ୍ରାପ୍ତ ପିସିସିଏଫ୍ ଏନ.ଭି. ରାଜଶେଖର, ବୈଜ୍ଞାନିକ ଆଣ୍ଟୋନୀ ଜନସନଙ୍କ ନେତୃତ୍ୱରେ ୯ଟି ଟିମ୍ ଏହି ଗଣନାରେ ସାମିଲ ହୋଇଥିଲେ। ଏହି ଗଣନା ଆଉଟର ହୁଇଲର ଦ୍ୱୀପଠାରୁ ଚିଟିଂରି ମୁହାଣ, ବରୁଣେଇ ମୁହାଣରୁ ପାରାଦୀପ, ହଂସିଣା ବ୍ରିଜରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଲା, ଖୋଲାରୁ ଧାମରା ମୁହାଣ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆ ଦ୍ୱୀପ, ଜମ୍ବୁ ଦ୍ୱୀପ, ଖରନାସୀରୁ ହୁକିଟୋଲା ଦ୍ୱୀପ, ପାରାଦୀପରୁ ଜଟାଧାର ମୁହାଣ ଏବଂ ଜଟାଧାର ମୁହାଣରୁ ଦେବୀ ମୁହାଣ ଯାଏ ୯ଟି ଟିମ୍ ଗଣନା କରିଥିଲେ। ଓଡିଶାର ୫ଟି ଡିଭିଜନଠାରୁ ସର୍ବାଧିକ ଏବଂ ସର୍ବକାଳୀନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ୫୪୦ଟି ଡଲଫିନଙ୍କୁ ଚିହ୍ନଟ ହୋଇଛି।

## ଅଭିଯୁକ୍ତ ବୋହୂ ବାପ ଘର ଗାଁରୁ ଗିରଫ

### ଶାଶୁଙ୍କୁ ବିଷ ଦେଇ ମାରିବା ଉଦ୍ୟମ, ସ୍ୱାମୀଙ୍କୁ ଆକ୍ରମଣ ଘଟଣା

ରାଜନଗର,୩୦।୩ (ଡି.ଏନ.ଏ.)

ତାଲଚୁଆ ମେରାଇନ ଥାନା ଅନ୍ତର୍ଗତ ଦୋଳସାହି ଗାଁରେ ରବିବାର ଶାଶୁଙ୍କୁ ଔଷଧ ବୋତଲରେ ବିଷ ପୂରାଇ ମାରି ଦେବାକୁ ଉଦ୍ୟମ ଓ ସ୍ୱାମୀଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିବା ବୋହୂ ମିତାରାଣୀ ମଣ୍ଡଳଙ୍କୁ ବୁଧବାର ପୋଲିସ ଗିରଫ କରିଛି। ମିତାରାଣୀଙ୍କୁ ତାଙ୍କ ବାପଘର ଗାଁ ମଞ୍ଜୁଳାପଲ୍ଲୀରୁ ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମବାସୀଙ୍କ ସହଯୋଗରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଦୋଳସାହି ଗାଁର ଶୁଭେନ୍ଦୁ ବାରିକ କରିଥିବା ଅଭିଯୋଗ ମୁତାବକ, ତାଙ୍କ ସାନଭାଇ ଦିପେନ୍ଦୁ, ତାଙ୍କ ୨ ପୁଅଝିଅ ଓ ବୃଦ୍ଧା ମା’ ପରିବାଳାଙ୍କ ସହ ପୃଥକ୍ ରହୁଥିଲେ। ରବିବାର ମା’ଙ୍କ ଅଗୋଚରରେ ତାଙ୍କ ଦୁଇଟି ଔଷଧ ବୋତଲରେ ମିତାରାଣୀ ବିଷ ମିଶାଇ ଦେଇଥିଲେ। ପରିବାଳା ଏହି ଔଷଧ ପିଇ ଗୁରୁତର ହେବାରୁ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସା ପରେ ରାତିରେ ଘରକୁ ଫେରିଥିଲେ। ମା’ଙ୍କୁ ବିଷ ଦେବା ଘଟଣାକୁ ନେଇ ଦିପେନ୍ଦୁ ଓ ମିରାରାଣୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଦିପେନ୍ଦୁ ନିଦରେ ଶୋଇଥିବା ବେଳେ ମିତାରାଣୀ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପାହାର ପକାଇ ଥିଲେ। ସେ ଗୁରୁତର ହୋଇ ପଡିଥିଲେ। ପଡୋଶୀମାନେ ଆସିବା ଭିତରେ ମିତାରାଣୀ ସେଠାରୁ ଫେରାର ହୋଇଯାଇଥିଲେ।

## କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

କେନ୍ଦ୍ରାପଡ଼ା ଅଫିସ, ୩୦।୩



ସରିତା ସାହୁ।

କେନ୍ଦ୍ରାପଡ଼ା ପୌରାଞ୍ଚଳ ପୌରାଧ୍ୟକ୍ଷା ଭାବେ ସରିତା ସାହୁ ବୁଧବାର ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପୌରାଧ୍ୟକ୍ଷା ସାହୁ କହିଛନ୍ତି, ଏହି ପୌରାଞ୍ଚଳ ରାଜ୍ୟର ସର୍ବ ପୁରାତନ। ପୌରାଞ୍ଚଳର ଜଳ ନିଷ୍କାସନ, ପରିମଳ, ଟ୍ରାଫିକ, ସବୁ ୱାର୍ଡରେ ପକ୍କା ରାସ୍ତା ଆଦିରେ ସମସ୍ୟାର ନିରାକରଣ କରାଯିବ। ଏଥିସହ ସହରର ସୌନ୍ଦର୍ଯ୍ୟକରଣ, ଐତିହ୍ୟର ସୁରକ୍ଷା, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଆଦିକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି। ଏହି ସମୟରେ ବିଜେଡିର ୧୧, ସ୍ୱାଧୀନ ୪ ଓ ଭାଜପାର ଜଣେ କାଉନସିଲର ଉପସ୍ଥିତ ଥିଲେ। ଏଥିସହ ବିଜେଡିର ବରିଷ୍ଠ କର୍ମକର୍ତ୍ତା ଯଜାତି କେଶରୀ ମହାନ୍ତି, ଶ୍ରୀକାନ୍ତ ପଣ୍ଡା, ରୋସ୍ନା ସାହୁ, ପ୍ରଦୀପ କୁମାର ସାହୁ, ଶିବ ପ୍ରସାଦ ଭଲ, ଦେବାଶିଷ ମହାନ୍ତି, ସେକ୍ ଇନାୟତଙ୍କ ସହ ୫୦ରୁ ଅଧିକ କର୍ମକର୍ତ୍ତା ପୌରାଧ୍ୟକ୍ଷା ସାହୁଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ପାରାଦୀପ ପୌରାଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ପାରାଦୀପ,୩୦।୩(ସ୍ୱ.ପ୍ର.)



ବସନ୍ତ ବିଶ୍ୱାଳ

ପାରାଦୀପ ପୌରାଧ୍ୟକ୍ଷ ଭାବେ ବସନ୍ତ ବିଶ୍ୱାଳ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପାଇଁ ପୂର୍ବାହ୍ନରୁ ପାରାଦୀପ ସହରରେ ଶୋଭାଯାତ୍ରା କରାଯାଇଥିଲା। ଅପରାହ୍ନ ୧ଟାରେ ବିଶ୍ୱାଳ ପୌର ପ୍ରଶାସନିକ ଭବନରେ ପହଞ୍ଚିଥିଲେ। ସେଠାରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ପୌରାଧ୍ୟକ୍ଷଙ୍କ ସହ ବିଜୟୀ କାଉନ୍‌ସିଲରମାନଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ପୌର ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର ରାଉତରାୟ, ୮ ସ୍ୱାଧୀନ, ୩ ଭାଜପା ଓ ଜଣେ କଂଗ୍ରେସ କାଉନ୍‌ସିଲର ଉପସ୍ଥିତ ଥିଲେ।

# ବିରୂପା ନଦୀରେ ୨୦ ହଜାର ଶ୍ରଦ୍ଧାଳୁ ପକାଇଲେ ବୁଡ଼

### ପ୍ରସିଦ୍ଧ ଇନ୍ଦୁପୁର ବାରୁଣୀ ଯାତ୍ରା

ଡେରାବିଶ, ୩୦।୩(ସ୍ୱ.ପ୍ର.)

ବାରୁଣୀ ତିଥିରେ ବୁଡ ପକାଇଲେ କୋଟି ଜନ୍ମର ପାପରୁ ମୁକ୍ତି ମିଳିଥାଏ ବୋଲି ପ୍ରତ୍ୟେକ ଓଡ଼ିଆଙ୍କ ବିଶ୍ୱାସ ରହିଛି। କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଇନ୍ଦୁପୁର ବାରୁଣୀ ଯାତ୍ରା ବୁଧବାର ଆରମ୍ଭ ହୋଇଛି। ବିରୂପା, କେଲୁଅ, ବ୍ରାହ୍ମଣୀ ନଦୀର ସଙ୍ଗମ ସ୍ଥଳରେ ମଙ୍ଗଳବାର ରାତି ୪ଟାରୁ ଅନୁଷ୍ଠିତ ହୋଇଥିଲା ବାରୁଣୀ ସ୍ନାନ। ଏଥିପାଇଁ ଜିଲା ସମେତ ଅନ୍ୟ ଜିଲାର ଶ୍ରଦ୍ଧାଳୁ ଇନ୍ଦୁପୁର ଘାଟରେ ବୁଡ ପକାଇଥିଲେ। ବୁଧବାର ସକାଳ ସାଢେ ୬ଟା ପର୍ଯ୍ୟନ୍ତ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ଘାଟରେ ବୁଡ ପକାଇଥିଲେ। ନଦୀର ଘାଟରେ ଶ୍ରଦ୍ଧାଳୁଙ୍କ ଭିଡକୁ ଲକ୍ଷ୍ୟ କରି ଜଳ ସମ୍ପଦ ବିଭାଗ ପକ୍ଷରୁ ମହିଳାପୁରୁଷଙ୍କ ପାଇଁ ପୃଥକ୍ ଭାବେ ପାହାଚ ନିର୍ମାଣ କରାଯାଇଥିଲା।



ଇନ୍ଦୁପୁରସ୍ଥିତ ତ୍ରିବେଣୀ ସଙ୍ଗମରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରୁଛନ୍ତି।

ବିରୁପା ନଦୀର କୂଳରେ ଥିବା ମା’ ଚଣ୍ଡୀଙ୍କୁ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ୭ଦିନ ଧରି ହେବାକୁ ଥିବା ଏହି ବାରୁଣୀ ଯାତ୍ରା ଆସନ୍ତା ମଙ୍ଗଳବାର ଉଦ୍‌ଯାପିତ ହେବ। ତେବେ ଏହି ବାରୁଣୀ ଯାତ୍ରାରେ ଜିଲା ଓ ଜିଲା ବାହାରୁ ବ୍ୟବସାୟୀମାନେ ଗୃହ ଉପକରଣ ସହ ବିଭିନ୍ନ ପ୍ରକାର ଦୋକାନ ପକାଇଛନ୍ତି। ଏଥିସହ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବାରୁଣୀ ଯାତ୍ରା କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଭିଡକୁ ପରିଲକ୍ଷିତ କରି ନିକିରାଇ ଥାନା ପକ୍ଷରୁ ଅସ୍ଥାୟୀ ଶିବିର କରାଯାଇ ପୋଲିସ ବ୍ୟବସ୍ଥା କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ନଦୀ କୂଳରେ ଏବଂ ମେଳା ସ୍ଥାନରେ ଅସ୍ଥାୟୀ ଶିବିର ପକାଯାଇ ବିଭାଗୀୟ କର୍ମଚାରୀମାନେ ପ୍ରସ୍ତୁତ ରହିଛନ୍ତି। ଅପରପକ୍ଷରେ ଇନ୍ଦୁପୁର ପଞ୍ଚାୟତ ପକ୍ଷରୁ ସରପଞ୍ଚ ପ୍ରଦୀପ ରଞ୍ଜନ ସୂତାର ଓ ସମିତିସଭ୍ୟା ସୁନନ୍ଦା ମଲ୍ଲିକ କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ତଣ୍ଡାରେ ବାରୁଣୀ ସ୍ନାନ କଲେ ଶତାଧିକ ଶ୍ରଦ୍ଧାଳୁ

ମହାକାଳପଡା,୩୦।୩ (ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ ବରୁଣେଇ ମୁହାଣ ଅବବାହିକା ତଣ୍ଡା କୂଳରେ ପବିତ୍ର ବାରୁଣୀ ସ୍ନାନ ପାଇଁ ବୁଧବାର ପ୍ରତ୍ୟୁଷରୁ ଶତାଧିକ ଶ୍ରଦ୍ଧାଳୁ ନିଜର ପୂଣ୍ୟ ପାଇଁ ସମୁଦ୍ରରେ ସ୍ନାନ କରିଥିଲେ। ଚୈତ୍ର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ବୁଡ଼ ପକାଇଲେ କୋଟି ଜନ୍ମର ପୂଣ୍ୟ ଫଳ ମିଳିଥାଏ ବୋଲି ଶ୍ରଦ୍ଧାଳୁଙ୍କର ବିଶ୍ୱାସ ରହିଛି। ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ସରିଲା ପରେ ନିକଟ ନାଞ୍ଜୁରା ପଞ୍ଚାୟତର ନରସିଂହପୁର ଗ୍ରାମସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା’ ଅଲେଖ ନାହାକାଣିଙ୍କ ଦର୍ଶନ କରିଥିଲେ। ଏହି ଶକ୍ତି ପୀଠରେ କେନ୍ଦ୍ରାପଡ଼ା, ପାରାଦୀପ, ରାଜନଗର, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ଆଦି ଅଞ୍ଚଳରୁ ବହୁ ମାନସିକଧାରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଦାୟିତ୍ୱ ନେଲେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା

ଜଗତ୍‌ସିଂହପୁର ଅଫିସ, ୩୦।୩



ଅର୍ଚ୍ଚନା ସିଂହ

ଜଗତ୍‌ସିଂହପୁର ପୌର ପରିଷଦ ନୂଆ ଅଧ୍ୟକ୍ଷା ଭାବେ ଅର୍ଚ୍ଚନା ସିଂହ ଦାୟିତ୍ୱ ଗ୍ରହଣ କରିଛନ୍ତି। ବୁଧବାର ପୂର୍ବାହ୍ଣରେ ସେ କଂଗ୍ରେସର ଶତାଧିକ କର୍ମୀ ଓ ନେତାଙ୍କ ସହ ସ୍ଥାନୀୟ ଗାନ୍ଧୀ ଛକ ନିକଟରୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ପରିସରରେ ଥିବା ପ୍ରତିମୂର୍ତ୍ତି, ସାରଳା ସ୍ତମ୍ଭ ସମେତ ପରିଷଦ ସମ୍ମୁଖ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ନିର୍ବାଚିତ କଂଗ୍ରେସ ପାରିଷଦମାନଙ୍କ ସହ ମିଶି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ପରିଷଦ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ଯାଜପୁର ଟାଉନ ଟିମ୍ ଚାମ୍ପିୟାନ

ଝୁମ୍ପୁରୀ,୩୦।୩(ଡି.ଏନ.ଏ.)

ଦଶରଥପୁର ବ୍ଲକ ଝୁମ୍ପୁରୀ ବଜାରଠାରେ ଶରତ ସାର୍ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ତୁଳାଟିଆ ସାହିର ସାହୁ ଆଣ୍ଡ ସାହୁ ପ୍ରାୟୋଜିତ ଓ ନେହେରୁ ଯୁବକ ସଂଘ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଅର୍ଥନୀତିଜ୍ଞ ପ୍ରୀତିଶ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରାର୍ଥସାରଥୀ ମହାପାତ୍ର, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ଶେଖର ନାୟକ, ସମିତିସଭ୍ୟ ବିଜୟ ନାୟକ, ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ସଞ୍ଜୟ କୁମାର ସିଂ ଓ ଧର୍ମରାଜ ଧୀର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ମଙ୍ଗଳପୁର ୱାରିୟର କ୍ରିକେଟ୍ ଟିମ୍ ସହ କଟିକଟା ଏମ୍.ବି.ୱାରିୟର କ୍ରିକେଟ୍ ଟିମ୍ ମଧ୍ୟରେ ହୋଇଥିଲା। ମଙ୍ଗଳପୁର ବିଜୟୀ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚ୍ ଚାଉଳିଆ ଅଲଷ୍ଟାର କ୍ରିକେଟ୍ ଟିମ୍ ସହ ରୟାଲ କ୍ରିକେଟ୍ ଟିମ୍ ଯାଜପୁର ଟାଉନ ମଧ୍ୟରେ ହୋଇଥିଲା। ଅଲଷ୍ଟାର କ୍ରିକେଟ୍ ଟିମ୍ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ୍ ହରାଇ ୬୩ ରନ୍ କରିଥିଲା। ରୟାଲ କ୍ରିକେଟ୍ ଟିମ୍ ୭.୩ ଓଭରରେ ୭ ଉଇକେଟ୍ ହରାଇ ୬୪ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ଇଣ୍ଡିଆନ୍ ଅଏଲ କର୍ପୋରେଶନ୍ ଡିଜିଏମ୍ ଗିରିଶ ଚନ୍ଦ୍ର ସାହୁ, ମହେଶ୍ୱର ସାହୁ, ଅର୍ମଦା ପ୍ରସାଦ ସ୍ୱାଇଁ, ପ୍ରସାଦ ପାଣିଗ୍ରାହୀ, ପାର୍ଥସାରଥୀ ରାୟ, ମନୀଷ କୁମାର ସାହୁ, ରମାକାନ୍ତ ସାହୁ, ଅମୂଲ୍ୟ ସାହୁ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଡେରାବିଶ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଡେରାବିଶ, ୩୦।୩(ସ୍ୱ.ପ୍ର.)





ପ୍ରଭାତି ମଲ୍ଲିକ । ଦେବାଶିଷ ଆଚାର୍ଯ୍ୟ।

ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ବୁଧବାର ବ୍ଲକ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ଲକ କାର୍ଯ୍ୟାଳୟକୁ ଅଧ୍ୟକ୍ଷା ମଲ୍ଲିକ ଓ ଉପାଧ୍ୟକ୍ଷ ଆଚାର୍ଯ୍ୟ ନିଜ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରା ମଧ୍ୟରେ ପ୍ରବେଶ କରିଥିଲେ। ଉଭୟ ପଟୁଆରରେ ବିଜେଡିର ପତାକା ସହ ଦଳୀୟ ସ୍ଲୋଗାନ ବ୍ଲକ ପରିସରକୁ କିଛି ସମୟ ଚମକାଇ ଦେଇଥିଲା। ତେବେ ଡେରାବିଶ ବ୍ଲକରେ ଏଭଳି ଘଟଣା ପ୍ରଥମ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଉଭୟଙ୍କୁ ଜିଲାପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ୧୨ ନଂ. ଜୋନ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଓ ୧୪ ନଂ. ଜୋନ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ, ଏବିଡିଓ ଭଞ୍ଜ କିଶୋର ନାୟକ, ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା ଉପସ୍ଥିତ ରହି ସ୍ୱାଗତ କରିଥିଲେ।

## ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ଗ୍ରହଣ

ପାଟକୁରା ୩୦ ।୩ (ଡି.ଏନ.ଏ.)



ଅଭୟ ମହାରାଜ

ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ଅଭୟ କୁମାର ମହାରାଜ ବୁଧବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବିଡିଓ ରଞ୍ଜିତ ମଲ୍ଲିକ ପୁଷ୍ପଗୁଚ୍ଛ ଦେଇ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ଖଗେଶ୍ୱର ସେଠୀ, ଚୈତନ୍ୟ ପ୍ରସାଦ ବିଶ୍ୱାଳ, ବାସୁଦେବ ବେହେରା, ସ୍ୱର୍ଣ୍ଣପ୍ରଭା ସେଠୀ, ସତ୍ୟାନନ୍ଦ ରାଉତ, ଏଲିଜା ସ୍ୱାଇଁ, ଡଲି ଶତପଥୀ ଉପସ୍ଥିତ ଥିଲେ।

# ୧୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ସମ୍ମାନ

### ଜିଲାସ୍ତରରେ ୪ ପଞ୍ଚାୟତ, ୪ ଆଶାକର୍ମୀ ସମ୍ମାନିତ

ଜଗତ୍‌ସିଂହପୁର ଅଫିସ, ୩୦।୩

ଚଳିତବର୍ଷ ଜଗତ୍‌ସିଂହପୁର ଜିଲାର ୪ଟି ଗ୍ରାମ ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି। ସେଗୁଡ଼ିକ ହେଲା ଏରସମା ବ୍ଲକର ଜିରାଇଲ, ବିରିଡ଼ିର ଶଙ୍ଖପୁର, ତିର୍ତ୍ତୋଲର ଗୋବିନ୍ଦପୁର ଏବଂ କୁଜଙ୍ଗର ଗୋପିଆକୁଦ। ଏସବୁ ପଞ୍ଚାୟତଗୁଡ଼ିକୁ ପୁରସ୍କାର ବାବଦ ୧୦ ହଜାର ଟଙ୍କା ଲେଖାଏ ଦିଆଯାଇଛି। ସେହିପରି ୪ ଜଣ ଆଶା କର୍ମୀ ଜିଲାରେ ସୁନାମ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରୁ କୁଜଙ୍ଗ ବ୍ଲକର ଜ୍ୟୋତ୍ସ୍ନାରାଣୀ ପରିଡ଼ା ଓ ନାଉଗାଁର ପୁଷ୍ପାଞ୍ଜଳୀ ନାୟକ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜଗତ୍‌ସିଂହପୁର ବ୍ଲକର ଲକ୍ଷ୍ମୀପ୍ରିୟା ଓଝା ଦ୍ୱିତୀୟ ଓ ରଘୁନାଥପୁରର ପ୍ରମିଳା ବାରିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଏହାଛଡା ପ୍ରତ୍ୟେକ ବ୍ଲକରୁ ଗୋଟିଏ ହିସାବରେ ଅର୍ଥାତ୍ ଜିଲାର ୮ଟି ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର ବାବଦରେ ୧୦ହଜାର ଟଙ୍କା ସହ ଟ୍ରଫି ଓ ମାନପତ୍ର ଦିଆଯାଇଛି। ବୁଧବାର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଓ ସହରାଞ୍ଚଳରୁ ଶ୍ରେଷ୍ଠତ୍ୱ ହାସଲ କରିଥିବା ୩୦ଜଣ ଆଶା କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ପାରାଦୀପ ସହରାଞ୍ଚଳର ୩୧ ଓ ଜଗତ୍‌ସିଂହପୁରର ୬ଟି ମହିଳା ଆରୋଗ୍ୟ ସମିତିକୁ ସ୍ୱତନ୍ତ୍ର ସାର୍ଟିଫିକେଟ୍ ଓ ଟ୍ରଫି ଦିଆଯାଇଥିଲା। ୨୦୨୦-୨୧ରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଜଗତ୍‌ସିଂହପୁର ଜିଲାରେ ୧୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ମେଡିକାଲ ଅଫିସର ଏବଂ ଆୟୁଷ ଡାକ୍ତରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏରସମା ବ୍ଲକର ଡିହସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଙ୍କୁ ଉନ୍ନତ ସେବା ପାଇଁ ୨ ଲକ୍ଷ ଓ ଅନ୍ୟଗୁଡ଼ିକୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଡା. ପ୍ରମୋଦ କୁମାର ବାରିକ, ଦିଲୀପ କୁମାର ଜେନା, ଡା. ସନ୍ତୋଷ କୁମାର ବେହେରା, ଷ୍ଟେଟ୍ କନସଲ୍ଟାଣ୍ଟ କମ୍ୟୁନିଟି ପ୍ରୋଗ୍ରାମ (ସିପିଆର୍‌ସି) ସୁଶାନ୍ତ କୁମାର ନାୟକ ଓ ଚକ୍ରଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ଆଶାକର୍ମୀମାନେ।







## ସରକାରୀ ଯୋଜନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି

ବଜେଟ କୌଣସି ଦିଗରୁ ଦୂରଦୃଷ୍ଟିସମ୍ପନ୍ନ ହୋଇପାରି ନାହିଁ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ବଜେଟରେ କୃଷି ଓ ଜଳସେଚନ ଉପରେ ଗୁରୁତ୍ୱ ଦିଆଯିବା କଥା। ହେଲେ ଏହା ହୋଇନାହିଁ। ସରକାର କେବଳ ନିଜ ଯୋଜନାଗୁଡ଼ିକ ଉପରେ ଅଧିକ ଫୋକସ୍ କରିଛନ୍ତି। ସରକାରଙ୍କ ପୁଞ୍ଜିଗତ ବ୍ୟୟ, ରାଜ୍ୟର ଆୟ ମଧ୍ୟରେ ସୀମିତ ହୋଇପାରୁ ନାହିଁ। ଯେଉଁଥିପାଇଁ ରାଜ୍ୟ ଉପରେ ଋଣଭାର ବୃଦ୍ଧି ଘଟୁଛି। କରୋନା ସମୟରେ ବନ୍ଦ ହୋଇଥିବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ପୁନରୁଦ୍ଧାର ପାଇଁ ବଜେଟରେ ଧ୍ୟାନ ଦିଆଯାଇ ନାହିଁ। ସରକାର ଖର୍ଚ୍ଚ ଉପରେ ଧ୍ୟାନ ଦେବା ଆବଶ୍ୟକ।

**– ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ**



## ବେକାରି, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଫୋକସ ଧୂଆଁବାଣ

ଚଳିତ ଅଧିବେଶନରେ ଉପସ୍ଥାପିତ କରାଯାଇଥିବା ଅନ୍ତରୀଣ ବଜେଟ ନୈରାଶ୍ୟଜନକ। ଏହା ଗରିବ, ଖଟିଖିଆ ମଜଦୁର, ଚାଷୀ, ଯୁବକଙ୍କୁ ହତାଶ କରିଛି। ଅର୍ଥମନ୍ତ୍ରୀଙ୍କ ଭାଷଣ ତଥ୍ୟଭିତ୍ତିକ ନୁହେଁ। ଯେତେବେଳେ ଅସତ୍ୟକୁ ନେଇ ଭବିଷ୍ୟତ କାର୍ଯ୍ୟକ୍ରମ କରାଯାଏ, ସେତେବେଳେ ଲୋକଙ୍କୁ ଭୁଆଁ ବୁଲାଇବା ଛଡ଼ା କୌଣସି କାର୍ଯ୍ୟ ହୁଏ ନାହିଁ। ଉଦାହରଣ ସ୍ୱରୂପ, ଭାରତର ନୀତି ଆୟୋଗ ଅନୁସାରେ ଓଡ଼ିଶାରେ ଚାଷୀଙ୍କ ଆୟ ହ୍ରାସ ପାଇଛି। ୨୨ ବର୍ଷ ଶାସନରେ ଏମିତି କାଳିଆ–ବଳିଆ ଯୋଜନା କରାଯାଇଛି ଯେ ଚାଷୀଙ୍କ କୌଣସି ଉନ୍ନତି ହୋଇପାରିଲାନି। ବେକାରି ବଢୁଛି, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଫୋକସ୍ ଦିଆଯାଉଥିବା ନେଇ ଯାହା କୁହାଯାଉଛି ତାହା ସରକାରଙ୍କ ଧୂଆଁବାଣ।

**– ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା**



## କେନ୍ଦ୍ରୀୟ ଅନୁଦାନ, ଋଣ ଉପରେ ନିର୍ଭରଶୀଳ

ଆର୍ଥିକ ପରିଚାଳନାରେ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ବିଫଳତା ଚଳିତ ବଜେଟରେ ପ୍ରତିଫଳିତ ହୋଇଛି। ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବା ବଦଳରେ ୪ମାସିଆ କାମଚଳା ବଜେଟ ଉପସ୍ଥାପନ କରି ନିଜ ଅପାରଗତାକୁ ପୁଣି ଥରେ ପ୍ରମାଣିତ କରିଛନ୍ତି। ରାଜ୍ୟରେ ଶିଳ୍ପ କ୍ଷେତ୍ର ପ୍ରାୟ ସୁପ୍ତାବସ୍ଥାରେ, ନିଯୁକ୍ତି ସୃଷ୍ଟି ଶୂନ୍ୟ, ଭିତ୍ତିଭୂମି ବିକାଶ ପାଇଁ କୌଣସି ଯୋଜନା ନ ଥିବାବେଳେ କେଉଁ ଆଧାରରେ ୨୦୨୨–୨୩ ଆର୍ଥିକ ବର୍ଷରେ ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ଅଭିବୃଦ୍ଧି ୧୨ ପ୍ରତିଶତରୁ ଅଧିକ ହେବ। ମୁଣ୍ଡ ପିଛା ଆୟ ବୃଦ୍ଧି ପାଇଛି ବୋଲି କହୁଥିବାବେଳେ ରାଜ୍ୟରେ ଦାରିଦ୍ର୍ୟ କାହିଁକି ହ୍ରାସ ପାଉନାହିଁ। ରାଜ୍ୟ ବଜେଟ ସମ୍ପୂର୍ଣ୍ଣ ଭାବେ କେନ୍ଦ୍ରୀୟ ଅନୁଦାନ ଏବଂ ଋଣ ଉପରେ ନିର୍ଭରଶୀଳ।

**– ସମୀର ମହାନ୍ତି, ରାଜ୍ୟ ସଭାପତି, ଭାଜପା**



# ମହିଳା ଓ ଶିଶୁ ବିକାଶ ପାଇଁ ୩୫୬୭ କୋଟି

ମହିଳା ଓ ଶିଶୁମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ପଦକ୍ଷେପ ଲାଗି ରାଜ୍ୟ ବଜେଟ୍‌ରେ ୩୫୬୭ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ବିଶେଷକରି 'ମମତା' ଯୋଜନା ନିମନ୍ତେ ୨୪୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପୋଷଣ–୨ ନିମନ୍ତେ ୧୧୧୩ କୋଟି ଏବଂ ସକ୍ଷମ ଅଙ୍ଗନୱାଡ଼ି ଓ ପୋଷଣ–୨ ଯୋଜନାରେ ୬ ବର୍ଷରୁ କମ୍ ପିଲାମାନଙ୍କ ପୁଷ୍ଟି ଓ ସ୍ୱାସ୍ଥ୍ୟସ୍ତରରେ ଉନ୍ନତି ଆଣିବା ପାଇଁ ୧୨୮୪ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଆଇସିଡିଏସ୍ ଯୋଜନାରେ ରାଜ୍ୟ ସହାୟତା ବାବଦରେ ୪୧୬ କୋଟି ଟଙ୍କା ପ୍ରଦାନ ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। 'ସୋପାନ' ଯୋଜନା ଅଧୀନରେ ଅପେକ୍ଷାକୃତ ଖରାପ ସ୍ୱାସ୍ଥ୍ୟ ସୂଚକାଙ୍କ ଥିବା ୧୨୫ ବ୍ଲକ୍‌ରେ ପୁଷ୍ଟି ସ୍ତରରେ ଉନ୍ନତି ପାଇଁ ୮୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। 'ମାଳତି ଦେବୀ ପ୍ରାକ୍–ବିଦ୍ୟାଳୟ ପରିଧାନ' ଯୋଜନାରେ ପ୍ରାକ୍–ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଥିବା ପିଲାମାନଙ୍କୁ ୟୁନିଫର୍ମ ଯୋଗାଣ ନିମନ୍ତେ ୭୮ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ବିଜୁ ଶିଶୁ ସୁରକ୍ଷା ଯୋଜନା 'ଆଶୀର୍ବାଦ' ବାବଦରେ ୪୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

### ମିଶନ ଶକ୍ତି

ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ କାର୍ଯ୍ୟକଳାପ ନିମନ୍ତେ ୨୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ନିମନ୍ତେ ୧୦୩୯ କୋଟି, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ମହାସଂଘ ନିମନ୍ତେ ୭୭୩ କୋଟି, ବ୍ଲକ୍ ସ୍ତରରେ ମିଶନ ଶକ୍ତି ଗୃହନିର୍ମାଣ ପାଇଁ ୧୭୬ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ମିଶନ ଶକ୍ତି ଅଧୀନରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ସେମାନଙ୍କ ସଂଘକୁ ସହାୟତା ପାଇଁ ୩୧୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଶିକ୍ଷା ଓ ଦକ୍ଷତା ବିକାଶ

ରାଜ୍ୟ ଓ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ନିମନ୍ତେ ୨୬,୪୯୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେଥିମଧ୍ୟରେ 'ମୋ ସ୍କୁଲ ଅଭିଯାନ' ଲାଗି ୫୨୧ କୋଟି, ମନୋନୀତ ୧୦୦ ଉତ୍କର୍ଷ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀ କକ୍ଷ ନିମନ୍ତେ ୧୧୦୯ କୋଟି ଟଙ୍କା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିମନ୍ତେ ୪୨୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ୧୨୮୩ କୋଟି, 'ସମଗ୍ର ଶିକ୍ଷା' ନିମନ୍ତେ ୩୫୫୨ କୋଟି, ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ୧୬୫ କୋଟି, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା) ନିମନ୍ତେ ୧୮୨ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ବିଶ୍ୱବ୍ୟାଙ୍କ ସହାୟତାପ୍ରାପ୍ତ ପ୍ରକଳ୍ପ ଅଧୀନରେ ଓଡ଼ିଶାର ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ୨୫୮ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି) ସହାୟତାରେ ଚାଲିଥିବା ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ ଅଧୀନ ଏକ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ୧୦୦ କୋଟି ଟଙ୍କାର ପ୍ରସ୍ତାବ ବଜେଟ୍‌ରେ କରାଯାଇଛି। ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତ୍ରିକ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ, ପଲିଟେକ୍‌ନିକ୍, ଆଇଟିଆଇଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ବଜେଟ୍‌ରେ ୨ ଶହ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।



## ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ




## ରାଜ୍ୟର ନିଜସ୍ୱ ଅଣ ଟିକସ ରାଜସ୍ୱ




## ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଷ୍ଟାର୍ଟଅପ୍




ରାଜ୍ୟରେ ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ (ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ) ଓ ଷ୍ଟାର୍ଟଅପ୍‌ଗୁଡ଼ିକ ନିମନ୍ତେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ପ୍ରୋତ୍ସାହନ ବାବଦରେ ୧୬୩୫ କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ଏହି ବ୍ୟୟବରାଦ ପୂର୍ବବର୍ଷ ତୁଳନାରେ ପ୍ରାୟ ୩୭ ପ୍ରତିଶତ ଅଧିକ।

## ବିପର୍ଯ୍ୟୟ ପରିଚାଳନା

ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ୩,୨୧୦ କୋଟିର ବ୍ୟବସ୍ଥା ମଧ୍ୟରୁ ଏସ୍‌ଡିଆର୍‌ଏଫ୍ ଲାଗି ୨,୨୪୬ କୋଟି ଟଙ୍କା ଏବଂ ଏନ୍‌ଡିଆର୍‌ଏଫ୍ ପାଇଁ ୯୬୪ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।

## ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁଙ୍କ ବିକାଶ

ଅନୁସୂଚିତ ଜାତି ଓ ଜନଜାତିର ଉପାଂଶ ଅଧୀନରେ ୩୩୨୦୩ କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। 'ଅନ୍ୱେଷା' ସମେତ ବିଭିନ୍ନ ସାମାଜିକ କ୍ଷେତ୍ରର ଉନ୍ନୟନ ପଦକ୍ଷେପ ପାଇଁ ୩୪୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଜନବିକାଶ କାର୍ଯ୍ୟକ୍ରମ ଅଧୀନରେ ୨୧ ସଂଖ୍ୟାଲଘୁ ଛାତ୍ରାବାସ ପାଇଁ ୨୨ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କ ପ୍ରି–ମାଟ୍ରିକ୍ ଏବଂ ପୋଷ୍ଟ ମାଟ୍ରିକ୍ ବୃତ୍ତି ପାଇଁ ୯୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। 'ଆକାଂକ୍ଷା' ଯୋଜନାରେ ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ପାଇଁ ଛାତ୍ରୀନିବାସ ଏବଂ ସହରୀ ଛାତ୍ରାବାସ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ୫୩୮ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଅଧୀନରେ ୨୫୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ୨୦୨୨–୨୩ ବର୍ଷରେ ଅଧିକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଏସ୍‌ସିଏ ଟୁ ଟିଏସ୍‌ଏସ୍ ଯୋଜନାରେ ୧୨୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ପୁଞ୍ଜି ବିନିଯୋଗ

ଏହି ବଜେଟରେ ୪୦,୦୧୧ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୫.୬ ପ୍ରତିଶତ ରହିଥିବା ବେଳେ ଏଥିମଧ୍ୟରୁ ବିଜୁ ଏକ୍ସପ୍ରେସ୍‌ୱେ ପାଇଁ ୩୦୦ କୋଟି, ଷ୍ଟେଟ୍ କ୍ୟାପିଟାଲ ପ୍ରୋଜେକ୍ଟ ଅଧୀନରେ ୧୭୮ କୋଟି ଟଙ୍କା, ଅବଢ଼ା ଯୋଜନା ଅଧୀନରେ ପୁରୀରେ ମୌଳିକ ସୁବିଧା, ଐତିହ୍ୟ ଓ ସ୍ଥାପତ୍ୟର ବିକାଶ ପାଇଁ ୧,୪୦୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏକାମ୍ର କ୍ଷେତ୍ରର ସୁବିଧା ଏବଂ ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ଯୋଜନା (ଏକାମ୍ର) ବାବଦରେ ୨୦୦ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ସମଲେଶ୍ୱରୀ ମନ୍ଦିର ଅଞ୍ଚଳର ପରିଚାଳନା ଏବଂ ସ୍ଥାନୀୟ ଅର୍ଥନୈତିକ ପଦକ୍ଷେପ ବାବଦରେ ୨୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଐତିହ୍ୟ, ସ୍ମାରକୀ ଓ ପର୍ଯ୍ୟଟକସ୍ଥଳୀଗୁଡ଼ିକର ସମନ୍ୱିତ ବିକାଶ ପାଇଁ ୧୫୦ କୋଟି, ବିଜୁ ସେତୁ ଯୋଜନାରେ ୧୬୮୮ କୋଟି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ବାବଦରେ ୧୧୦୦ କୋଟି, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ବାବଦରେ ୬୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଦୁର୍ଗମ ଅଞ୍ଚଳର ଅପହଞ୍ଚ ଗ୍ରାମଗୁଡ଼ିକୁ ସଂଯୋଗ କରିବା ପାଇଁ ଉଦ୍ଦିଷ୍ଟ ଯୋଜନା (ସିୟୁଭିଡିଏ) ନିମନ୍ତେ ୧୫୦ କୋଟି ଟଙ୍କା, ଅସଂଯୁକ୍ତ ରାସ୍ତାଗୁଡ଼ିକର ସଂଯୋଗୀକରଣ ପାଇଁ ୧୫୦ କୋଟି ଟଙ୍କା ଏବଂ ଟିଆର୍‌ଆଇପି ଯୋଜନା ପାଇଁ ୩୪୦ କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା ହୋଇଛି।

## ଖାଦ୍ୟ ନିରାପତ୍ତା



କେଜି ପିଛା ୧ ଟଙ୍କାରେ ଚାଉଳ ଯୋଗାଇଦେବା ଲାଗି ୧,୦୨୩ କୋଟିର ବ୍ୟୟବରାଦ କରାଯାଇଛି। ରାଜ୍ୟର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ମାଧ୍ୟମରେ ଜାତୀୟ ଖାଦ୍ୟ ନିରାପତ୍ତା ଅଧିନିୟମରୁ ବଞ୍ଚିତ ଅତିରିକ୍ତ ହିତାଧିକାରୀଙ୍କୁ ରିହାତି ଦରରେ ମାସିକ ୫ କିଲୋଗ୍ରାମ ଚାଉଳ ଯୋଗାଇଦେବାର ବ୍ୟବସ୍ଥା ହୋଇଛି।

## ସାଧାରଣ ପ୍ରଶାସନ ଓ ଆଇନ ଶୃଙ୍ଖଳା



ନ୍ୟାୟ ପ୍ରଦାନ, ଆଭ୍ୟନ୍ତରୀଣ ନିରପତ୍ତା ରକ୍ଷା, ଅପରାଧ ନିୟନ୍ତ୍ରଣ, ଅଗ୍ନି ବିପର୍ଯ୍ୟୟର ନିୟନ୍ତ୍ରଣ, ପରିଚାଳନା ଇତ୍ୟାଦି ବାବଦରେ ବଜେଟରେ ୮୯୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପୋଲିସ, ଅଗ୍ନିଶମ ଏବଂ କାରାଗାର ସଂଗଠନର ଆବାସିକ ଓ ଅଣଆବାସିକ ଗୃହନିର୍ମାଣ ପାଇଁ ୩୩୫ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ନ୍ୟାୟପାଳିକାର ଭିତ୍ତିଭୂମି ବିକାଶ ପାଇଁ ୫୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସମସ୍ତ ପ୍ରକାର ଜରୁରିକାଳୀନ ବ୍ୟବସ୍ଥା ପାଇଁ ଇଆର୍‌ଏସ୍‌ଏସ୍ ଡାଏଲ–୧୧୨ ନିମନ୍ତେ ୮୧ କୋଟି ଟଙ୍କା ବ୍ୟବସ୍ଥା ହୋଇଥିବା ବେଳେ ସିସିଟିଏନ୍‌ଏସ୍ ପ୍ରକଳ୍ପ ପାଇଁ ୩୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ରାଜସ୍ୱ ପ୍ରଶାସନ ଅଧୀନରେ ଥିବା କୋଠାବାଡ଼ି ଓ ଆଇଟି ଭିତ୍ତିଭୂମି ସୁଦୃଢ଼ କରିବା, ସରକାରୀ ଜମିର ସୁରକ୍ଷା ଏବଂ ଲଘୁ ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ ୩୬୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।



## ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା

ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖର୍ଚ୍ଚନିମନ୍ତେ ୧୨,୨୪୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହା ୨୦୨୨–୨୩ ଆର୍ଥିକ ବର୍ଷର ମୋଟ ବଜେଟର ୬.୧%। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରାୟ ୯୬ ଲକ୍ଷ ପରିବାରଙ୍କ ପାଇଁ ନଗଦବିହୀନ (କ୍ୟାଶ୍‌ଲେସ୍) ସ୍ୱାସ୍ଥ୍ୟସେବା ନିମନ୍ତେ ୧,୮୬୪ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ' ଅଧୀନରେ ୨,୩୩୫ ଏବଂ 'ସ୍ୱାସ୍ଥ୍ୟ ଚିକିତ୍ସା ସେବାରେ ମାନବ ସମ୍ବଳ' ବାବଦରେ ୩୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୨,୧୫୬ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ

ସମ୍ପ୍ରତି ଜଙ୍ଗଲ, ପରିବେଶ ସୁରକ୍ଷା ଜରୁରୀ ହୋଇପଡ଼ିଥିବା ବେଳେ ଜଳବାୟୁ ପରିବର୍ତ୍ତନଜନିତ ବିପତ୍ତିକୁ ମୁକାବିଲା କରିବା ଚ୍ୟାଲେଞ୍ଜ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଜେଟ୍‌ରେ ଜଙ୍ଗଲ କ୍ଷେତ୍ର ନିମନ୍ତେ ୨୧୯୩ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ବ୍ୟୟବରାଦ ମଧ୍ୟରେ ରହିଛି କାମ୍ପା ପାଣ୍ଠିରୁ ୧୧୦୫ କୋଟି। ଜେଆଇସିଏ ସହାୟତାରେ ଓଡ଼ିଶା ବନାଞ୍ଚଳ ବିକାଶ ପ୍ରକଳ୍ପ (ଓଏଫ୍‌ଏସ୍‌ଡିପି) ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରିତା ପାଇଁ ୧୩୨ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ଆମ ଜଙ୍ଗଲ ଯୋଜନା ଅଧୀନରେ ଅଧିକ ବନାଞ୍ଚଳକୁ ସଂଯୁକ୍ତ ପରିସର ମଧ୍ୟକୁ ଆଣିବା ପାଇଁ ୧୫ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ବଜେଟ୍‌ରେ ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ (ଜିସିଏଫ୍) ବାବଦରେ ୫୨ କୋଟି, ନ୍ୟାଶନାଲ ମିଶନ ଫର୍ ଗ୍ରୀନ୍ ଇଣ୍ଡିଆ ନିମନ୍ତେ ୪୨ କୋଟି, ଅଗ୍ନି ନିର୍ବାପନ ଲାଗି ୪୦ କୋଟି, ବ୍ୟାଘ୍ର ପ୍ରକଳ୍ପ ନିମନ୍ତେ ୩୫ କୋଟି ଟଙ୍କାର ପ୍ରସ୍ତାବ ଅନ୍ତର୍ଭୁକ୍ତ।

## ପର୍ଯ୍ୟଟନ

ଓଡ଼ିଶା ପର୍ଯ୍ୟଟନ ପାଇଁ ରାଜ୍ୟ ସରକାର ବଜେଟରେ ୫୯୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନୟନ ଓ ପରିଚାଳନା ପାଇଁ ୩୭୫ କୋଟି ଏବଂ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ୧୫୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ପ୍ରସାଦ ଯୋଜନାର ବ୍ୟୟବରାଦ ୩୯ କୋଟି ଟଙ୍କା ରଖାଯାଇଛି।

## ଯୁବକଲ୍ୟାଣ, କ୍ରୀଡ଼ାର ପ୍ରୋତ୍ସାହନ

ଯୁବ କଲ୍ୟାଣ ଏବଂ କ୍ରୀଡ଼ାର ପ୍ରୋତ୍ସାହନ ପାଇଁ ୬୦୨ କୋଟି, ଅନ୍ୟାନ୍ୟ କ୍ରୀଡ଼ା ଭିତ୍ତିଭୂମି ବିକାଶ ଓ ପରିଚାଳନା ପାଇଁ ୪୧୧ କୋଟି, କ୍ରୀଡ଼ା ଓ ଶାରୀରିକ ଶିକ୍ଷାର ପ୍ରୋତ୍ସାହନ ପାଇଁ ୧୧୫ କୋଟି ଓ ଖେଲୋ ଇଣ୍ଡିଆ ଅଧୀନରେ ରାଜ୍ୟ ସହାୟତା ବାବଦକୁ ୧୧ କୋଟିର ବ୍ୟୟବରାଦ କରାଯାଇଛି।

## ଯୋଜନା ଓ ସଂଯୋଜନ

ଏମ୍‌ଏଲ୍‌ଏ ଲାଡ୍ ପାଣ୍ଠିରେ ୪୪୧ କୋଟି, ସ୍ୱତନ୍ତ୍ର ଧରଣ ପ୍ରକଳ୍ପ ପାଇଁ ସ୍ପେଶାଲ ପ୍ରୋଗ୍ରାମ୍ ଫଣ୍ଡ (ଏସ୍‌ପିଏଫ୍) ଯୋଜନା ଅଧୀନରେ ୧୫୦ କୋଟିର ବ୍ୟବସ୍ଥା କରାଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଡବ୍ଲ୍ୟୁଓଡିସି ପାଇଁ ୧୮୦ କୋଟି ଟଙ୍କା ଦିଆଯାଇଛି। କେବିକେ ଜିଲାର ଭିତ୍ତିଭୂମିରେ ଉନ୍ନତି, ମୁଖ୍ୟତଃ ବିଜୁଳି, ସଡ଼କ, ପାଣି ପାଇଁ ବିଜୁ କେବିକେ ଯୋଜନା ଅଧୀନରେ ୨୫୦ କୋଟିର ପ୍ରସ୍ତାବ ରହିଛି। ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ନାମରେ ନାମିତ ଚିତ୍ରକୋଣ୍ଡା ବ୍ଲକର ତତ୍କାଳୀନ ବିଚ୍ଛିନ୍ନାଞ୍ଚଳର ୧୫୧ ଗ୍ରାମର ବିକାଶ ପାଇଁ ଏସଇଟିୟୁ ଯୋଜନା ଅଧୀନରେ ୫୦ କୋଟିର ବ୍ୟବସ୍ଥା ରହିଛି।

## ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ

ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟ ପ୍ରଚାର ପାଇଁ ୧୩୨ କୋଟିର ବ୍ୟବସ୍ଥା କରାଯାଇଛି ଯେଉଁଥିରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ୪୬ କୋଟି, ଆମ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସ୍ମାରକୀ ଏବଂ ସ୍ଥାନଗୁଡ଼ିକର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ୧୫ କୋଟିର ବ୍ୟୟବରାଦ ରହିଛି। ଏହାଛଡ଼ା ସଂସ୍କୃତି ନିର୍ଦ୍ଦେଶାଳୟ ନିମନ୍ତେ ୫୬ କୋଟିର ବ୍ୟବସ୍ଥା ହୋଇଛି।

## ସାମାଜିକ ନିରାପତ୍ତା

ସାମାଜିକ ନିରାପତ୍ତା ଲାଗି ମୋଟ୍ ୩,୬୨୧ କୋଟିର ବ୍ୟବସ୍ଥା ହୋଇଛି। ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ 'ମଧୁବାବୁ ପେନ୍‌ସନ ଯୋଜନା' ଅଧୀନରେ ୨୫୬୬ କୋଟି, ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍‌ଏସ୍‌ଏପି) ଅଧୀନରେ ୧,୩୩୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଦିବ୍ୟାଙ୍ଗମାନଙ୍କ କଲ୍ୟାଣ ପାଇଁ ୧୦୪ କୋଟି, ଜାତୀୟ ଦିବ୍ୟାଙ୍ଗ ଯୋଜନା ଅଧୀନରେ ୧୮ କୋଟି ଟଙ୍କା ଓ ଦିବ୍ୟାଙ୍ଗ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ୧୩୬ କୋଟିର ପ୍ରସ୍ତାବ ରହିଥିବା ବେଳେ ଏଥିରେ ବୃଦ୍ଧାଶ୍ରମ ପ୍ରତିଷ୍ଠା ବ୍ୟବସ୍ଥା ଅନ୍ତର୍ଭୁକ୍ତ ରହିଛି। ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ପାଇଁ ୨୩ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।



# କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ

କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ମାଧ୍ୟମରେ ଖାଦ୍ୟ ଉତ୍ପାଦନ, ଚାଷୀଙ୍କ ରୋଜଗାର ଏବଂ କୃଷକ କଲ୍ୟାଣ ପାଇଁ ୨୦,୩୪୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥି ମଧ୍ୟରେ କାଳିଆ ଯୋଜନା ପାଇଁ ୧,୮୭୪ କୋଟି ଟଙ୍କା, ସାର–ବିହନ ପାଇଁ ସୁଧମୁକ୍ତ ଋଣ ବାବଦକୁ ୩ ଶହ କୋଟି, ଶସ୍ୟ ଉତ୍ପାଦନ ପରିଚାଳନା ବାବଦକୁ ୬୮ କୋଟି, ଉଦ୍ୟାନ କୃଷି ବିକାଶ ଯୋଜନା ପାଇଁ ୧୫୭ କୋଟି, ଓୟୁଏଟିକୁ ଗବେଷଣା, ଶିକ୍ଷା ନିମନ୍ତେ ୧୬୧ କୋଟିର ଅନୁଦାନ ବ୍ୟବସ୍ଥା ବଜେଟ୍‌ରେ ହୋଇଛି। ପଶୁ ସମ୍ପଦର ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ୨୭୩ କୋଟି ଏବଂ ସଘନ ଓ ଆଭ୍ୟନ୍ତରୀଣ ମତ୍ସ୍ୟଚାଷର ବିକାଶ ନିମନ୍ତେ ୧୮୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି କୁକୁଡ଼ା ଚାଷ ପାଇଁ ୮୭ କୋଟି, ଦୁଗ୍ଧ ଉତ୍ପାଦନ ଅଭିବୃଦ୍ଧି ଲାଗି ୩୧ କୋଟି, କୃଷକମାନଙ୍କ ସୁଧ ରିହାତି ବାବଦକୁ ୯୦୭ କୋଟି, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ପ୍ରିମିୟମ ସବ୍‌ସିଡି ବାବଦକୁ ୬ଶହ କୋଟି, ସମବାୟ ବ୍ୟାଙ୍କଗୁଡ଼ିକୁ ଅଂଶଧନ ସହାୟତା ପାଇଁ ୧୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## ଜଳସେଚନ ସମ୍ପ୍ରସାରଣ



ବଜେଟ୍‌ରେ ରାଜ୍ୟର ଜଳସେଚନ କ୍ଷେତ୍ରରେ ବିଭିନ୍ନ ଯୋଜନା ପାଇଁ ୮,୫୨୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ପିଏମ୍‌କେଏସ୍‌ୱାଇ ଯୋଜନା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ ଏଆଇବିପି ପ୍ରକଳ୍ପ ନିମନ୍ତେ ୨୪୯୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରମୁଖ ନଦୀଗୁଡ଼ିକରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍ସ (ଆଇଏସ୍‌ଏସ୍) ନିର୍ମାଣ ପାଇଁ ୧,୦୪୪ କୋଟି ଟଙ୍କା ପ୍ରସ୍ତାବ ରହିଛି। ବନ୍ୟା ନିୟନ୍ତ୍ରଣ ଜଳ ନିଷ୍କାସନ ପାଇଁ ୯୬୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ନିମନ୍ତେ ବଜେଟରେ ୪୮୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଜଳନିଧି ଯୋଜନା ଅଧୀନରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ନିମନ୍ତେ ୨୩୪ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଅଚଳ ଉଠା ଜଳସେଚନ କେନ୍ଦ୍ରଗୁଡ଼ିକୁ ସଚଳ କରିବା ପାଇଁ ୧୯୫ କୋଟି ଟଙ୍କା ବ୍ୟବସ୍ଥା ହୋଇଥିବାବେଳେ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଜଳ ସଞ୍ଚାଳନ କ୍ଷତିକୁ କମ୍ କରିବା ଲାଗି ୪୪୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।



## ବିଭାଗ ଓ୍ୱାରି ବଣ୍ଟନ

| ବିଭାଗ | କୋଟି ଟଙ୍କା ହିସାବରେ |
|---|---|
| ଗୃହ | ୬,୩୭୭.୦୪ |
| ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୫୨୨.୬୧ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୧,୪୯୯.୮୪ |
| ଆଇନ | ୫୬୦.୧୯ |
| ଅର୍ଥ | ୫୮,୯୩୩.୬୭ |
| ବାଣିଜ୍ୟ | ୧୭୩.୫୯ |
| ନିର୍ମାଣ | ୮,୩୩୩.୯୭ |
| ବିଧାନସଭା | ୧୬୫.୦୫ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧,୨୦୪.୮୮ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୨୦,୩୩୦.୭୬ |
| ଏସ୍‌ସି/ଏସ୍‌ଟି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ | ୪,୦୪୯.୬୯ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୧,୫୦୬.୨୦ |
| ଗୃହ ନିର୍ମାଣ ଓ ପୌର ଉନ୍ନୟନ | ୬,୪୯୮.୪୭ |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୧୮୩.୦୮ |
| କ୍ରୀଡ଼ା ଓ ଯୁବ ସେବା | ୬୦୧.୯୯ |
| ଯୋଜନା ଓ ସଂଯୋଜନା | ୬,୪୫୬.୬୪ |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୨୧,୨୪୬.୪୨ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | ୨.୨୧ |
| ଶିଳ୍ପ | ୬୪୬.୪୦ |
| ଜଳସମ୍ପଦ | ୧୦,୦୪୪.୯୬ |
| ପରିବହନ | ୧,୦୦୯.୩୬ |
| ଜଙ୍ଗଲ ଓ ପରିବେଶ | ୧,୦୮୮.୦୬ |
| କୃଷି ଓ କୃଷକ ସଶକ୍ତୀକରଣ | ୬,୨୭୬.୧୨ |
| ଇସ୍ପାତ ଓ ଖଣି | ୧୬୨.୮୫ |
| ସୂଚନା ଓ ଲୋକସମ୍ପର୍କ | ୧୧୯.୯୯ |
| ଅବକାରୀ | ୧୫୬.୧୯ |
| ବିଜ୍ଞାନ ଓ ବୈଷୟିକ | ୧୮୬.୬୪ |
| ଗ୍ରାମ୍ୟ ଉନ୍ନୟନ | ୬,୫୫୯.୧୩ |
| ସଂସଦୀୟ ବ୍ୟାପାର | ୮୩.୮୯ |
| ଶକ୍ତି | ୩,୪୭୯.୪୪ |
| ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ୨୦୩.୧୫ |
| ପର୍ଯ୍ୟଟନ | ୫୯୪.୬୪ |
| ମତ୍ସ୍ୟ ଓ ପ୍ରାଣୀସମ୍ପଦ ଉନ୍ନୟନ | ୧,୬୫୭.୫୪ |
| ସମବାୟ | ୧,୮୪୦.୧୨ |
| ସରକାରୀ ଉଦ୍ୟୋଗ | ୧୦.୩୫ |
| ମହିଳା, ଶିଶୁବିକାଶ ଓ ମିଶନଶକ୍ତି | ୩,୫୬୬.୬୨ |
| ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି | ୨୯୯.୮୬ |
| ଉଚ୍ଚଶିକ୍ଷା | ୨,୮୦୭.୧୪ |
| ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା | ୮୦୮.୯୦ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୬୨୨.୬୬ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୩,୭୦୫.୬୧ |
| ବିପର୍ଯ୍ୟୟ ପରିଚାଳନା | ୩,୨୫୯.୩୭ |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୧୬୪.୭୩ |
| ମିଶନ ଶକ୍ତି | ୨,୦୦୦.୦୦ |
| ସର୍ବମୋଟ | ୨,୦୦,୦୦୦.୦୦ |

## ପାନୀୟଜଳ ଓ ସହରୀ ସୁବିଧା



ଗ୍ରାମାଞ୍ଚଳ, ସହରାଞ୍ଚଳରେ ଜଳଯୋଗାଣ ପାଇଁ ବସୁଧା ଯୋଜନା ଅଧୀନରେ ୨,୨୫୫ କୋଟି ଟଙ୍କା ବ୍ୟବସ୍ଥା ହୋଇଥିବାବେଳେ ସମସ୍ତଙ୍କୁ ପାଇପ୍ ଯୋଗେ ଜଳଯୋଗାଣ ନିମନ୍ତେ ଜଳ ଜୀବନ ମିଶନ ଅଧୀନରେ ୬ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସହରାଞ୍ଚଳ ସ୍ୱେରେଜ୍ ପ୍ରକଳ୍ପ ଅଧୀନ ୧୩୮ କୋଟି, ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତୀକରଣ ପ୍ରକଳ୍ପ ଅଧୀନରେ ୩୩୪ କୋଟି, ସହରାଞ୍ଚଳ ପରିମଳ ପ୍ରକଳ୍ପ ଅଧୀନରେ ୨୫୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସହରାଞ୍ଚଳ ପ୍ରଶାସନର ଉନ୍ନତି ପାଇଁ ୪୧୫ କୋଟି, ନୂତନ ସହର ବିକାଶ ଯୋଜନା ଲାଗି ୨୧୪ କୋଟି, ଜାଗା ମିଶନ ନିମନ୍ତେ ୧୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସେହିପରି ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ୨୫୦ କୋଟି ଟଙ୍କା, ସ୍ମାର୍ଟ ସିଟି ଅଧୀନରେ ୨ଶହ କୋଟି ଟଙ୍କା, ଅମୃତ ଯୋଜନା ପାଇଁ ୨ ଶହ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ଗୃହ ନିର୍ମାଣ



ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)– ଗ୍ରାମୀଣ ଏବଂ ବିଜୁ ପକ୍କା ଘର ଯୋଜନା ଅଧୀନରେ ପକ୍କା ବାସଗୃହ ବାବଦକୁ ୫,୯୦୬ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ପିଏମ୍‌ଏୱାଇ– ସହରାଞ୍ଚଳ ଏବଂ ବାସଗୃହ ଯୋଜନା ନିମନ୍ତେ ୪୬୩ କୋଟି ଟଙ୍କା ପ୍ରସ୍ତାବ ବଜେଟରେ କରାଯାଇଛି।

## ଶ୍ରମ ନିଯୁକ୍ତି, ଜୀବିକା ଓ ମୌଳିକ ସେବା



ଏମ୍‌ଜିଏନ୍‌ଆରଇଜିଏସ୍‌ର ମ୍ୟାଟେରିଆଲ୍ କମ୍ପୋନେଣ୍ଟ ନିମନ୍ତେ ୨୦୦୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଠିକ୍ ସମୟରେ ମଜୁରି ଦେୟ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ରିଭଲିଭିଂ ପାଣ୍ଠିର କର୍ପସ ଆକାରକୁ ୫ କୋଟି ଟଙ୍କାରୁ ହଜାରେ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଜାତୀୟ ଗ୍ରାମୀଣ ଜୀବିକା ମିଶନ(ଏନ୍‌ଆର୍‌ଏଲ୍‌ଏମ୍) ଯୋଜନା ନିମନ୍ତେ ୯୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଶ୍ୟାମାପ୍ରସାଦ ମୁଖାର୍ଜୀ ରୁର୍ବାନ ମିଶନ ଯୋଜନା ନିମନ୍ତେ ୮୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସହରାଞ୍ଚଳ ଶ୍ରମ ନିଯୁକ୍ତି ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଅଭିଯାନ(ମୁକ୍ତା) ନିମନ୍ତେ ୧୯୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ମୌଳିକ ସେବା ଯୋଗାଇବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌରାଞ୍ଚଳ ନିକାୟ ସଂସ୍ଥାଗୁଡ଼ିକୁ ୭୧୭୦ କୋଟି ଟଙ୍କା ଦେବାକୁ ବଜେଟରେ ବ୍ୟବସ୍ଥା ହୋଇଛି।

# ସାବଧାନ! ରାବଣ ଆସୁଛି

**ରା**ବଣ ଆସୁଛି। ତ୍ରେତୟା ଯୁଗରେ ରାବଣର ଆତଙ୍କରାଜର ଅନ୍ତ ଘଟାଇଥିଲେ ପ୍ରଭୁ ରାମଚନ୍ଦ୍ର। ହେଲେ ବର୍ତ୍ତମାନ ସମାଜରେ ଅନେକ ରାବଣ ଘୂରି ବୁଲୁଛନ୍ତି। ସେପରି ଜଣେ ରାବଣକୁ ଖୁବ୍ ଶୀଘ୍ର ବଡ ପରଦାରେ ଦର୍ଶକ ଦେଖିବାକୁ ପାଇବେ। ଆଉ ଏପରି ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ନିଜକୁ ଜଣେ ଅଲରାଉଣ୍ଡର ଭାବରେ ସାବ୍ୟସ୍ତ କରିସାରିଥିବା ମନୋଜ ମିଶ୍ର। ଚରିତ୍ର ଅନୁସାରେ ରାବଣ ଜଣେ ସାଇକୋ କିଲର। ତରୁଣୀମାନଙ୍କୁ କିଡ୍‌ନାପ କରି ସେମାନଙ୍କ ରକ୍ତରେ ସ୍ନାନ କରିବା ତାହାର ଲକ୍ଷ୍ୟ। ପୁଣି ଡିଜିଟାଲ ଦୁନିଆକୁ ନିଜ ହାତମୁଠାରେ ରଖିଛି । ଏଭଳି କୁକର୍ମର ଶେଷ ପରିଣତି କିପରି ହେଉଛି ତାହା ପରଦା ଉପରେ ଦେଖିବାକୁ ପାଇବେ। ଏହି ଫିଲ୍ମଟିର ଟାଇଟଲ ରହିଛି 'ଆରମର'। ଶୁଭେନ୍ଦୁ କୁମାର ଚିତ୍ରଟିର ପ୍ରଯୋଜନା କରିଥିବା ବେଳେ ଏହାର ସହ-ପ୍ରଯୋକ ସାଜିଛନ୍ତି କେଦାର ତରଣୀ ପଣ୍ଡା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁବ୍ରତ ଦିଗଲ। ଏହି ଫିଲ୍ମରେ ମେଘନା ମିଶ୍ର, ଅକ୍ଷୟ ବସ୍ତିଆ, ଈଶା ବେବର୍ତ୍ତା ଏବଂ ଜୀବନ ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।ନବାଗତ କଳାକାର ସ୍ୱସ୍ତିକ ମହାନ୍ତି, ବିକାଶ ଶତପଥୀ ଏବଂ ହିତେଷା ବାଗ୍‌ଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ।


ମନୋଜ ମିଶ୍ର

# ବଡ଼ ବ୍ରେକ୍‌କୁ ଅପେକ୍ଷା

**ଯୁବ ଗୀତିକାର ସୁନୀଲ ମହାରଣା ଏକାଧାରରେ ସ୍ୱର ସଂଯୋଜକ ଏବଂ ସଂଳାପକାର। ପ୍ରାରମ୍ଭରୁ ସଫଳତା ହାସଲ କରିବା ପରେ ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି। ନିଜ ସମ୍ପର୍କରେ ସେ ଯାହା କହନ୍ତି...**

'**ଯୁ**କ୍ତ ଦୁଇ ପଢ଼ିବା ସମୟରେ ମୁଁ ଗୀତ ରଚନା ପ୍ରତି ଆକୃଷ୍ଟ ହୋଇଥିଲି। ମୋର ଦୀପ୍ତିରେଖା ପାଢ଼ୀଙ୍କ କଣ୍ଠରେ ପ୍ରଥମ ଗୀତ 'ମନ ଖୋଜେ ସାଥୀ' ବେଶ୍ ଶ୍ରୋତାଦୃତ ହୋଇଥିଲା। ପ୍ରାରମ୍ଭରୁ ସଫଳତା ପାଇବା ପରେ ମୁଁ ଆଉ ପଛକୁ ଫେରି ଚାହିଁନାହିଁ। ଗୀତ ରଚନା ବ୍ୟତୀତ ସଂଳାପ ମଧ୍ୟ ଲେଖିଛି। ତା'ସହ ସଙ୍ଗୀତ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱକୁ ସୁଚାରୁ ରୂପେ ମଧ୍ୟ ତୁଲାଇଛି। ଗୀତ ରଚନାରୁ ମୋତେ ଯେଉଁ ଆତ୍ମତୃପ୍ତି ମିଳିଛି ତାହାକୁ ଭୁଲି ପାରିବି ନାହିଁ ବୋଲି କହନ୍ତି ସୁନୀଲ ମହାରଣା। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚାୟତର ବଳରାମପୁର ଗ୍ରାମରେ ଜନ୍ମିତ (ବାପା-ହରିହର ମହାରଣା, ମା-ଯାମିନୀ ମହାରଣା) ଏହି ଗୀତିକାର ୨୦୦୮ରୁ ଗୀତ ରଚନା ସହ ଜଡିତ। ତାଙ୍କ ରଚିତ ଗୀତଗୁଡିକ ପାଇଁ ଓଡ଼ିଆ ସଙ୍ଗୀତ ଜଗତର ନାମୀ କଣ୍ଠଶିଳ୍ପୀ କୁମାର ବାପି, ହ୍ୟୁମାନ ସାଗର, ଶ୍ରୀଚରଣ ମହାନ୍ତି, ଅସୀମା ପଣ୍ଡା, ମଣ୍ଟୁ ଛୁରିଆ, ବିଷ୍ଣୁ ମୋହନ କବି, ସତ୍ୟଜିତ, ଆଶୁତୋଷ, ଅନ୍ତରା ଚକ୍ରବର୍ତ୍ତୀ ଆଦି କଣ୍ଠଦାନ କରିଛନ୍ତି। ଓଡ଼ିଆ ସିନେମା 'ଆଖି ଛୁଉଁଛି ଭଲ ପାଉଛି', 'ମୋ ମନରେ ତୁ' ପାଇଁ ଗୀତ ରଚନା କରିଛନ୍ତି। 'ବିଶେଷ ଭାବରେ ମୋର ବିରହ ଗୀତଗୁଡିକୁ ଶ୍ରୋତା ଗ୍ରହଣ କରିଛନ୍ତି। ମୋ ଗୀତକୁ ନେଇ ପ୍ରସ୍ତୁତ ୫୦ରୁ ଉର୍ଦ୍ଧ୍ୱ ଭଜନ କ୍ୟାସେଟ୍ ସେମାନଙ୍କ ମନକୁ ଛୁଇଁ ପାରିଛି। ଏହାବ୍ୟତୀତ ମୋ ରଚିତ ତଥା ହ୍ୟୁମାନ ସାଗର ଗାଇଥିବା ଗୀତ 'ହଉ ହଉ ପ୍ରେମ ହୋଇଗଲା' ୟୁ ଟ୍ୟୁବ୍‌ରେ ବେଶ୍ ଭାଇରାଲ ହୋଇଛି ବୋଲି କହନ୍ତି ସେ। ତେବେ ବଡ ପରଦାରେ ବଡ ବ୍ରେକ୍ ଅପେକ୍ଷାରେ ଅଛନ୍ତି ସୁନୀଲ।


ମୋ କଥା
ସୁନୀଲ ମହାରଣା

# ଦିଦି ନମସ୍କାର


ଶୀତଲ

**ସ**ତରେ ପ୍ରେମରେ କୁହୁକ ଅଛି। ଏହାର ବଶବର୍ତ୍ତୀ ହେବା ପରେ କେତେକଙ୍କ ଜୀବନରେ ପରିବର୍ତ୍ତନ ଆସିଛି। ଏପରି କି ଅସାମାଜିକ କାମ ସହ ଜଡିତ ବ୍ୟକ୍ତି ବି ଭଲ ବାଟକୁ ଫେରିଆସୁଥିବାର ଉଦାହରଣ ରହିଛି। ଠିକ୍ ସେହି ପରି ଏକ ନଷ୍ଟ ପଥର ଯାତ୍ରୀ ସାଜିଥିବା ଜଣେ ଯୁବକ ପ୍ରେମରେ ପଡିବା ପରେ ତା' ଜୀବନରେ କି ପରିବର୍ତ୍ତନ ହେଉଛି ତାହାକୁ ଆଧାର କରି କାହାଣୀ ଗଢିକରିଛି। ଜଣେ ଦିଦିଙ୍କ ସଂସ୍ପର୍ଶରେ ଆସିବା ପରେ ତାକୁ ସତେ ଯେମିତି ଏକ ନୂଆ ଜୀବନ ମିଳିଛି। ଏଭଳି ଏକ ଟିନ୍ ଏଜ୍ ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଦିଦି ନମସ୍କାର'। ଜି ସାର୍ଥକ ନିବେଦିତ ତଥା ଅଙ୍କିତା ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ଶୁଟିଂ ଶେଷ ହୋଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଜୟ ରାଉତ। କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ସଂଯୋଜିତ ତିନୋଟି ଗୀତକୁ ସ୍ୱର ଦେଇଛନ୍ତି ପ୍ରଶାନ୍ତ ପାଢ଼ୀ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଶୀତଲ ପାତ୍ର। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତ ଶାଶ୍ୱତ। ଏମାନଙ୍କ ବ୍ୟତୀତ ପିଣ୍ଟୁ ନନ୍ଦ, ସୋମା ଭୌମିକ, ପ୍ରିୟଙ୍କା ମହାପାତ୍ର ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଉକ୍ତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)।

## ଅ ତୀ ତ ରୁ

▶ଓଡ଼ିଆ ସିନେମା 'ଅନୁରାଧା'ର ପ୍ରଯୋଜନା କରିଥିଲେ ରଘୁନାଥ ମିଶ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବାସୁଦେବ ରଥ। ରୋଜାରମଣି, ହୃଦୟାନନ୍ଦ, ଜୟୀ, ନମ୍ରତା ଦାସ, ଜୟା ଏବଂ ପୀର ମିଶ୍ରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

▶ଜଟାଧାରୀ ମିଶ୍ରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚିତ୍ର 'ଜୟ ମା ମଙ୍ଗଳା'। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ପ୍ରସନ୍ନ ମିଶ୍ର, ଅକ୍ଷୟ ମହାନ୍ତି (କାଶ୍ୟପ), ଜୟା, ଏବଂ କାଶୀ ରଥ ପ୍ରମୁଖ କଳାକାର। ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)।

▶ଓଡ଼ିଆ ସିନେମା 'ତପସ୍ୟା'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି ଏବଂ ଦୀପା ସାହୁ।

# ଭାଗ୍ୟବତୀ ଭୂମି

**ସ**ତରେ ଏହାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି, ବର୍ଷ ଆରମ୍ଭରୁ କେମିତି ତାଙ୍କ ହାତରେ ଅଫର ପରେ ଅଫର। ପୁଣି ଏମିତି ପରିସ୍ଥିତି ସୃଷ୍ଟି ହୋଇଛି ଯେ କେତୋଟି ଅଫରକୁ ସେ ହାତଛଡା କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଅଭିନେତ୍ରୀ ଜଣକ କିଏ ଜାଣନ୍ତି ? ସେ ହେଲେ ଭୂମି ପେଡେନକର। ନିକଟରେ ସେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ସିନେମା ସାଇନ୍ କରିଛନ୍ତି। ଏ ନେଇ ଭୂମି କହନ୍ତି, 'ବର୍ତ୍ତମାନ ସୁଦ୍ଧା ମୋ ହାତରେ ଛଅଟି ସିନେମା ଅଛି। ଦୁଇଟିର ଶୁଟିଂ ଚାଲୁ ରହିଛି। ବାକି ଫିଲ୍ମଗୁଡିକର କାମ ଖୁବ୍ ଶୀଘ୍ର ଆରମ୍ଭ ହେବ। ଯେହେତୁ ଏହି ଛଅଟି ସିନେମା ପାଇଁ ମୁଁ ଡେଟ୍ ଫିକ୍ସ କରିସାରିଛି ତେଣୁ ଏ ବର୍ଷ ପ୍ରାୟ ମୋ ହାତରେ ସମୟ ନାହିଁ। ପ୍ରଥମେ ସାଇନ୍ କରିଥିବା ସିନେମାଗୁଡିକର ଶୁଟିଂ ଶେଷ ହେବା ପରେ ନୂଆ ସିନେମା କଥା ଚିନ୍ତା କରିବି। ଯେ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ସେଥିରେ ମୋ ଭୂମିକାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଏ।' ତେବେ ଏହି ଫିଲ୍ମଗୁଡିକ ଭୂମିଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।


ଭୂମି

# ବଲିଉଡ୍‌ରେ ରାଶି


ରାଶି ଖାନ୍ନା

**ତେ**ଲୁଗୁ, ତାମିଲ ଏବଂ ମାଲୟାଲାମ ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ ଜଣେ ପରିଚିତା ଅଭିନେତ୍ରୀ। ଭୂମିକାଟି ରୋମାଣ୍ଟିକ ହେଉ ଅବା ଇମୋଶନାଲ-ତାହାକୁ ଠିକ୍ ଭାବରେ ତୁଲାଇ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନର ଅଧିକାର କରିଛନ୍ତି। ସେ ହେଲେ ରାଶି ଖାନ୍ନା। ଏବେ ତାଙ୍କର ଖୁସି କହିଲେ ନ ସରେ। କାରଣ କ'ଣ ଜାଣନ୍ତି ? ରାଶି ଏବେ ବଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଧରମ ପ୍ରଡକ୍ସନ ବ୍ୟାନରରେ ତଥା କରନ୍ ଜୋହରଙ୍କ ପ୍ରଯୋଜନାରେ ତାଙ୍କୁ ହିନ୍ଦୀ ସିନେମାରେ ପ୍ରଥମ ଥର ପାଇଁ ଅଭିନୟ କରିବାକୁ ବ୍ରେକ୍ ମିଳିଛି। ଫିଲ୍ମଟିର ଟାଇଟଲ ରହିଛି 'ଯୋଦ୍ଧା'। ଏ ନେଇ ରାଶି କହନ୍ତି, 'ଯେତେବେଳେ କରନ୍ ସାର୍ ମୋତେ ଫୋନ୍ କରି ଏପରି ଅଫର ଦେଲେ ସେତେବେଳେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। କାରଣ ମୋତେ ଏପରି ଜଣେ ନାମୀ ପ୍ରଯୋଜକ ବଲିଉଡ୍‌ରେ ବ୍ରେକ୍ ଦେବେ ତାହା ମୁଁ କଳ୍ପନା କରିପାରି ନ ଥିଲି। କାହାଣୀ ଶୁଣିବା ପୂର୍ବରୁ ହିଁ ମୁଁ ଏହି ଫିଲ୍ମରେ ଅଭିନୟ କରିବି ବୋଲି ନିଜର ସମ୍ମତି ଜଣାଇ ସାରିଥିଲି। ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାହା ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।' ଇତି ମଧ୍ୟରେ ଏହି ଫିଲ୍ମର ଶୁଟିଂ ଦିଲ୍ଲୀ ଏବଂ ତାହାର ଆଖପାଖ ଅଞ୍ଚଳରେ ଚାଲିଛି। ଏଥିରେ ରାଶିଙ୍କ ବ୍ୟତୀତ ସାନ୍ୟା ମାଲହୋତ୍ରା ମଧ୍ୟ ଅଭିନୟ କରୁଛନ୍ତି। ଏହାପୂର୍ବରୁ ରାଶି ୱେବ୍ ସିରିଜ୍‌ରେ ଅଭିନୟ କରିସାରିଛନ୍ତି। ଅଜୟ ଦେବଗନଙ୍କ ଅଭିନୀତ ୱେବ୍ ସିରିଜ୍ 'ରୁଦ୍ର-ଦ ଏଜ୍ ଅଫ ଡାର୍କନେସ୍'ରେ ତାଙ୍କର ଅଭିନୟକୁ ଦର୍ଶକ ବେଶ୍ ପ୍ରଶଂସା କରିଛନ୍ତି।

# ନାମ ପରିବର୍ତ୍ତନ ଅନ୍ତରାଳେ..


ରାଜକୁମାର ରାଓ

**ଥ**ରେ ମନେ ପକାନ୍ତୁ ନା ହିନ୍ଦୀ ସିନେମା 'ଲଭ୍ ସେକ୍ସ ଔର ଧୋକା', 'ନିୟୁଟନ୍' ଏବଂ 'କାଇ ପୋ ଚେ'ରେ ରାଜ କୁମାର ରାଓଙ୍କ ଅଭିନୟକୁ। ଏହି ଫିଲ୍ମଗୁଡିକରେ ନିଖୁଣ ଅଭିନୟ ବଳରେ ସେ ଦର୍ଶକଙ୍କ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଥିଲେ। ହେଲେ ତାଙ୍କର ପ୍ରକୃତ ନାମ କ'ଣ ଥିଲା ଜାଣନ୍ତି ? ରାଜକୁମାର ଯାଦବ। ହେଲେ ତାଙ୍କର ଏପରି ନାମକୁ ପରିବର୍ତ୍ତନ କରିବାକୁ ମନସ୍ଥ କରିଥିଲେ ତାଙ୍କ ମା'। ପୁଅର ନାଁ ଏବଂ ସାଙ୍ଗିଆ ଦୁଇଟିଯାକ 'ଆର୍'ରୁ ଆରମ୍ଭ ହେଉ ବୋଲି ସେ ଚାହୁଁଥିଲେ। ତେଣୁ ସେ ତାଙ୍କ ପୁଅର ନାମକୁ ପରିବର୍ତ୍ତନ କରି ରାଜକୁମାର ରାଓ ରଖିଥିଲେ। ପୁଣେସ୍ଥିତ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସେ ଅଭିନୟରେ ଡିଗ୍ରୀ ହାସଲ କରିଛନ୍ତି। ରାଜକୁମାର ଜଣେ ଟାଏକୋଣ୍ଡୋ ଖେଳାଳି। ସେତେବେଳେ ସେ ଏତେ ଥିଏଟର ପ୍ରେମରେ ପଡିଯାଇଥିଲେ ଯେ ନାଟକରେ ଅଭିନୟ କରିବା ପାଇଁ ନିଜ ଜନ୍ମସ୍ଥାନ ଗୁରୁଗ୍ରାମରୁ ଦିଲ୍ଲୀ ସାଇକେଲରେ ଯିବାଆସିବା କରୁଥିଲେ।

# ଅନନ୍ୟାଙ୍କ ରୋଲ୍ ମଡେଲ

**ଷ୍ଟା**ର୍ କିଡ୍ ଅନନ୍ୟା ପାଣ୍ଡେ। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ଯଦିଓ ଗତ କିଛି ବର୍ଷ ଭିତରେ ସେ ନିଜର ଅଭିନୟ ଦକ୍ଷତା ଦେଖାଇବାରେ ସଫଳ ହୋଇନାହାନ୍ତି, ତଥାପି ହିନ୍ଦୀ ସିନେମାରେ ନିଜ କ୍ୟାରିୟରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ହେଲେ କାହା ଦ୍ୱାରା ସେ ପ୍ରଭାବିତ ହୋଇ ଅଭିନୟକୁ କ୍ୟାରିୟର କରିଛନ୍ତି ଜାଣନ୍ତି? ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ବୋବୋ (କରୀନା କପୁର) ହେଉଛନ୍ତି ମୋ ରୋଲ୍ ମଡେଲ। ତାଙ୍କ ଆକ୍ଟିଂ ମୋତେ ବେଶ୍ ପ୍ରଭାବିତ କରିଛି। ସେ ଅଭିନୟ କରିଥିବା ପ୍ରତିଟି ସିନେମା ମୁଁ ଦେଖିଛି। ଏପରି କି ତାଙ୍କର ପ୍ରଥମ ସିନେମା 'ରିଫ୍ୟୁଜି'କୁ ମୁଁ ଦଶ ଥର ଦେଖିଛି। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲା। ମୁଁ ଏପର୍ଯ୍ୟନ୍ତ ମାତ୍ର ହାତଗଣତି କେତୋଟି ସିନେମାରେ ଅଭିନୟ କରିଛି। ସେ ନେଇ ଅନୁଶୋଚନା କରୁନାହିଁ। ସମୟ ଆସିବ ମୋତେ ଭଲ ସୁଯୋଗ ମିଳିବ। ସେ ପର୍ଯ୍ୟନ୍ତ ବେଶ୍ ଧୈର୍ଯ୍ୟର ସହ ଅପେକ୍ଷା କରିବି।'


ଅନନ୍ୟା ପାଣ୍ଡେ

# ଲେଉଟି ମାରୁଛି ରୁଷିଆ

ଗୋଟିଏ ପଟେ ଶାନ୍ତି ଆଲୋଚନାରେ ଆକ୍ରମଣ ହ୍ରାସ ପ୍ରତିଶ୍ରୁତି, ଅନ୍ୟପଟେ ସୈନ୍ୟ ଗତିବିଧି ବଢ଼ାଇ ଯୁଦ୍ଧର ତୀବ୍ରତା ବୃଦ୍ଧି। ତୁର୍କୀର ଇସ୍ତାନବୁଲରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ଆଲୋଚନାରେ ଅଗ୍ରଗତି ହୋଇଥିବା କୁହାଯିବା ପରେ ଯାହା ଆଶା କରାଯାଉଥିଲା ତାହାର ଓଲଟା କରିଛି ମସ୍କୋ।

- କିଭ୍‌ରେ ଆକ୍ରମଣ ଜାରି
- ମସ୍କୋର ନୂଆ ଚାଲ୍: ଆମେରିକା
- ମାରିଉପୋଲରେ ଆତ୍ମସମର୍ପଣ କରୁ ୟୁକ୍ରେନ୍: ପୁଟିନ୍

କିଭ୍/ମସ୍କୋ, ୩୦।୩

ୟୁକ୍ରେନ୍‌ର ଦାବି ବାସ୍ତବତା ଆଡ଼କୁ ଯାଇଥିବା କହି ପାରସ୍ପରିକ ବିଶ୍ୱାସ ବୃଦ୍ଧି ନିମନ୍ତେ କିଭ୍ ଓ ଚେର୍ନିହିଭ୍‌ରେ ମିଲିଟାରୀ ଅପରେଶନ କମାଇବାକୁ ରୁଷିଆ ପ୍ରତିନିଧି ମଙ୍ଗଳବାର କହିଥିଲେ। କିନ୍ତୁ ବୁଧବାର ସକାଳେ କିଭ୍‌ରେ ରୁଷୀୟ ସୈନ୍ୟ ପୁଣି ଆକ୍ରମଣ ଜାରି ରଖିଛନ୍ତି। ଦେଶର ସାର୍ବଭୌମତ୍ୱ ରକ୍ଷା, ସୁରକ୍ଷା ଗ୍ୟାରେଣ୍ଟି ବଦଳରେ ୟୁକ୍ରେନ୍ ନିରପେକ୍ଷ ରହିବାକୁ ରାଜି ହୋଇଥିଲେ ମଧ୍ୟ ବୈଠକରେ ସେପରି କିଛି ନିଷ୍କର୍ଷ ବାହାରି ନ ଥିବା କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ ଗଣମାଧ୍ୟମକୁ କହିଛନ୍ତି।

ଆଲୋଚନାରେ ସକାରାତ୍ମକ ଫଳାଫଳ ବାହାରିଥିବା କହି ରୁଷିଆ ଆକ୍ରମଣ କରୁଛି। ତେଣୁ ଏହି ଦେଶକୁ ବିଶ୍ୱାସ କରାଯାଇପାରିବ ନାହିଁ ବୋଲି ଜେଲେନ୍‌ସ୍କି କହିଛନ୍ତି। କୌଣସି ଠୋସ୍ ରେଜଲ୍ଟ ନ ବାହାରିବା ପର୍ଯ୍ୟନ୍ତ ୟୁକ୍ରେନ୍ ପ୍ରତିରୋଧ ଜାରି ରଖିବ ବୋଲି କହିବା ସହ ପାଶ୍ଚାତ୍ୟ ଦେଶ ରୁଷିଆ ଉପରୁ କଟକଣା ନ ହଟାଇବାକୁ ଜେଲେନ୍‌ସ୍କି ନିବେଦନ କରିଛନ୍ତି। ଏପରି ଜାରି ରହିଲେ ୩୫ ଦିନ ଧରି ଚାଲିଥିବା ଯୁଦ୍ଧରେ ରୋକ ଲାଗିବା କଷ୍ଟକର ହେବା ଆଶଙ୍କା ଦେଖାଦେଇଛି। ସେହିପରି ୟୁକ୍ରେନ୍‌ର ଧ୍ୟାନ ହଟାଇବାକୁ ରୁଷିଆର ଏହା ଏକ ଯୋଜନା ବୋଲି ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି। ସୈନ୍ୟ ହଟାଇବା ବଦଳରେ ରୁଷିଆ ନିଜ ଫୋର୍ସକୁ ପୁଣି ଯୋଜନାବଦ୍ଧ ଭାବେ ବିଭିନ୍ନ ସ୍ଥାନରେ ମୁତୟନ କରୁଛି। କିଭ୍‌କୁ କବ୍‌ଜା କରିବାରେ ବିଫଳ ହୋଇଥିବାରୁ ମସ୍କୋ ଆକ୍ରମଣ କମାଇବା କଥା କହି ନିଜର ନୂଆ ରଣନୀତି ପ୍ରସ୍ତୁତ କରୁଛି। ତେଣୁ ୟୁକ୍ରେନ୍ ଉପରୁ ବିପଦ ଟଳିନାହିଁ ବୋଲି ପେଣ୍ଟାଗନ୍ କହିଛି।

ୟୁକ୍ରେନ୍‌ର ସାମରିକ ଶକ୍ତି ବହୁମାତ୍ରାରେ ହ୍ରାସ ପାଇଥିବା କହି ପ୍ରଥମ ପର୍ଯ୍ୟାୟ ମିଲିଟାରୀ ଅପରେଶନ ସଫଳ ହୋଇଥିବା ରୁଷିଆ ଦାବି କରିଥିଲା। ତେଣୁ ଏବେ କେବଳ ଡୋନ୍‌ବାସ୍ ଅଞ୍ଚଳ ଉପରେ ମସ୍କୋ ଗୁରୁତ୍ୱ ଦେବ ବୋଲି କହିଥିଲା। କିନ୍ତୁ ଡୋନ୍‌ବାସ କ୍ଷେତ୍ର ସମେତ ୟୁକ୍ରେନ୍‌ର ଅନ୍ୟ ସହରରେ ମଧ୍ୟ ରୁଷିଆ ଆକ୍ରମଣ ଜାରି ରଖିଥିବାରୁ ଏହାର ପ୍ରତିଶ୍ରୁତିକୁ ଅନେକେ ଭରସାକୁ ନେଉନାହାନ୍ତି। ସେପଟେ ଦକ୍ଷିଣ ଓ ପୂର୍ବ ୟୁକ୍ରେନ୍‌ରେ ସେଲ୍, ବୋମା, ମିଶାଇଲ ମାଡ଼ ଜାରି ରଖିଛି ରୁଷିଆ। ମାରିଉପୋଲ, ଡୋନ୍‌ବାସ୍ ଅଞ୍ଚଳର ଡୋନେସ୍କ ଓ ଲୁହାନ୍‌ସ୍କରେ ଆକ୍ରମଣ ଥମିବାର ନାଁ ନେଉନି। ମାରିଉପୋଲରେ ୟୁକ୍ରେନ୍ ଆତ୍ମସମର୍ପଣ କଲେ ହିଁ ସେଠାରେ ସେଲମାଡ଼ ବନ୍ଦ ହେବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କ ଫ୍ରାନ୍ସ ପ୍ରତିପକ୍ଷ ଇମାନୁଏଲ୍ ମାକ୍ରଁଙ୍କୁ କହିଛନ୍ତି। ଏହାବାଦ୍ ଚତୁର୍ଥ ପର୍ଯ୍ୟାୟ ଶାନ୍ତି ବୈଠକରେ ୟୁକ୍ରେନ୍ କ୍ରିମିଆ ଉପଦ୍ୱୀପ ଉପରେ ଆଲୋଚନା ପାଇଁ ପ୍ରସ୍ତାବ ରଖିଥିଲା। ଏହାକୁ ନେଇ କ୍ରେମଲିନ୍ ପକ୍ଷରୁ ପ୍ରତିକ୍ରିୟା ରଖାଯାଇଛି। କ୍ରିମିଆ କେବଳ ରୁଷିଆର ଅଂଶ, ତେଣୁ ଏହା ଉପରେ କୌଣସି ଆଲୋଚନା ହୋଇପାରିବ ନାହିଁ ବୋଲି ପେସ୍‌କୋଭ୍ କହିଛନ୍ତି।



କିଭ୍‌ରେ ନଷ୍ଟ ହୋଇଥିବା ଏକ ରୁଷୀୟ ଟ୍ୟାଙ୍କକୁ ଯାଞ୍ଚ କରୁଛନ୍ତି ୟୁକ୍ରେନ୍ ସୈନ୍ୟ।

## ସଂକ୍ଷେପରେ

### ଖୁବ୍‌ଶୀଘ୍ର ସ୍ୱଦେଶୀ ୪ଜି ନେଟ୍‌ୱର୍କ: ଅଶ୍ୱିନୀ



ନୂଆଦିଲ୍ଲୀ,୩୦।୩ : ଭାରତରେ ଖୁବ୍‌ଶୀଘ୍ର ସ୍ୱଦେଶୀ ୪ଜି ମୋବାଇଲ୍ ନେଟ୍‌ୱର୍କ ସେବା କାର୍ଯ୍ୟକାରୀ ହେବାକୁ ଯାଉଛି। ଚଳିତ ବର୍ଷ ଶେଷ ସୁଦ୍ଧା ୫ଜି ନେଟ୍‌ୱର୍କ ପ୍ରସ୍ତୁତ ହୋଇଯିବ ବୋଲି ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ଲୋକ ସଭାରେ କହିଛନ୍ତି। ବହୁବର୍ଷ ପରେ ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଏହାର ସେବାରେ ଉନ୍ନତି ଆଣିବା ସହ ବ୍ୟବସାୟକୁ ଲାଭଜନକ କରିପାରିଛି। ଭାରତର ଇଞ୍ଜିନିୟରମାନେ ସ୍ୱଦେଶୀ ୪ଜି ନେଟ୍‌ୱର୍କ ପ୍ରସ୍ତୁତ କରିସାରିଲେଣି ଓ ଖୁବ୍‌ଶୀଘ୍ର ଏହା ଆରମ୍ଭ ହେବାକୁ ଯାଉଛି। ଆମେ କିପରି ଏତେଶୀଘ୍ର ୪ଜି ନେଟ୍‌ୱର୍କ ପ୍ରସ୍ତୁତ କଲୁ ଏହାକୁ ନେଇ ସାରା ବିଶ୍ୱ ବିସ୍ମିତ ବୋଲି ପ୍ରଶ୍ନୋତ୍ତର କାଳରେ ଅଶ୍ୱିନୀ କହିଥିଲେ। ସେହିପରି ୫ଜି ଉପରେ କାର୍ଯ୍ୟ ଚାଲିଛି ଓ ବର୍ଷ ଶେଷ ସୁଦ୍ଧା ଏହା ପ୍ରସ୍ତୁତ ହୋଇଯିବ ବୋଲି ବୈଜ୍ଞାନିକମାନେ ପୂର୍ବାନୁମାନ କରିଛନ୍ତି। ଆକାଂକ୍ଷୀ ଜିଲା ଏବଂ ଉତ୍ତର ପୂର୍ବାଞ୍ଚଳରେ ୯,୦୦୦ରୁ ଊର୍ଦ୍ଧ୍ୱ ଟେଲିକମ୍ ଟାୱାର ନିର୍ମାଣ କରାଯିବ। ୬୦,୨୦୦ ଗ୍ରାମରେ ମୋବାଇଲ ଭିତ୍ତିଭୂମିର ବିକାଶ ଲାଗି ୬,୪୪୬ କୋଟି ଟଙ୍କାର ଯୋଜନା ହାତକୁ ନିଆଯାଇଥିବା ଟେଲିକମ୍ ମନ୍ତ୍ରୀ କହିଛନ୍ତି।

### 'ସୀମା ପୁନଃ ନିର୍ଦ୍ଧାରଣ ପରେ କଶ୍ମୀର ଭୋଟ'



ନୂଆଦିଲ୍ଲୀ,୩୦।୩(ପି.ଟି.): ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା କରାଯାଇ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୁଧବାର ଲୋକ ସଭାରେ କହିଛନ୍ତି। ସରକାର ଉକ୍ତ ରାଜ୍ୟକୁ ରାଷ୍ଟ୍ରପତି ଶାସନାଧୀନ ରଖିବାକୁ ଚାହାନ୍ତି ନାହିଁ। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ବିଲ୍ ଉପରେ ଆଲୋଚନା ବେଳେ ଜମ୍ମୁ-କଶ୍ମୀରର ଏମ୍‌ପିମାନେ ସେଠାର ନିର୍ବାଚନକୁ ନେଇ ଚିନ୍ତା ପ୍ରକଟ କରିବାରୁ ଶାହା ଉପରୋକ୍ତ ଜବାବ ରଖିଥିଲେ। ଜମ୍ମୁ-କଶ୍ମୀରରେ ପ୍ରଥମେ ପଞ୍ଚାୟତ ନିର୍ବାଚନ ପରେ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ଓ ଶେଷରେ ବିଧାନସଭା ନିର୍ବାଚନ କରାଯାଇ ଏହାର ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ ବୋଲି ପୂର୍ବରୁ ଶାହା କହିଥିଲେ। ସେଠାରେ ବିନା ହିଂସାରେ ପଞ୍ଚାୟତ ଓ ଜିଲା ପରିଷଦ ନିର୍ବାଚନ ଶେଷ ହୋଇଛି। ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ପରେ ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା ପରେ ବିଧାନସଭା ନିର୍ବାଚନ ବୋଲି ଶାହା ପାର୍ଲାମେଣ୍ଟରେ ଦୋହରାଇଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ହତ୍ୟା କଲେ ୩ ମହିଳା

**ଧର୍ମନିନ୍ଦା କରୁଥିବା ସ୍ୱପ୍ନ ଦେଖିଥିଲେ ଛାତ୍ରୀ**

ଇସ୍‌ଲାମାବାଦ, ୩୦।୩: ପାକିସ୍ତାନର ଖାଇବର ପାଖତୁନ୍‌ଖ୍ୱାରେ ଏକ ଅଜବ ଅଭିଯୋଗ ଆଧାରରେ ଜଣେ ମଦ୍ରାସା ଶିକ୍ଷୟିତ୍ରୀଙ୍କୁ ହତ୍ୟା କରାଯାଇଛି। ୨୧ ବର୍ଷୀୟା ଶିକ୍ଷୟିତ୍ରୀ ଜଣକ ସ୍ୱପ୍ନରେ ଆସି ଧର୍ମନିନ୍ଦା କରୁଥିବା ନେଇ ଜଣେ ଛାତ୍ରୀ ଅନ୍ୟ ୩ ଜଣ ମହିଳାଙ୍କୁ କହିଥିଲେ। ଏହି ଆଧାରରେ ସମ୍ପୃକ୍ତା ୩ ମହିଳା ତାଙ୍କ ତଣ୍ଟିଚିପି ମଙ୍ଗଳବାର ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ମୃତାଙ୍କ ସହକର୍ମୀ। ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏହା ପଛରେ ଜାମିଆ ଇସ୍‌ଲାମିଆ ଫାଲାହୁଲ୍ ବିନ୍ନତର ହାତ ଥିବା ପାକ୍ ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି।

## ରୁଷିଆ ସେନା କ୍ୟାମ୍ପରେ ୟୁକ୍ରେନ୍‌ର ମିଶାଇଲ ମାଡ଼

କିଭ୍, ୩୦।୩

ୟୁକ୍ରେନ୍ ରୁଷିଆର ବେଲଗରୋଡ୍ ଯୁଦ୍ଧାସ୍ତ୍ର ଡିପୋରେ ମିଶାଇଲ ମାଡ଼ କରିଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପଶ୍ଚିମ ରୁଷିଆର ଏହି ସେନା କ୍ୟାମ୍ପକୁ ଟାର୍ଗେଟ କରାଯାଇଥିବାର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରେ ୟୁକ୍ରେନ୍ ସୀମାଠାରୁ ମାତ୍ର ୧୨ ମାଇଲ ଦୂରରେ ଥିବା ଆର୍ମି ଡିପୋକୁ କ୍ଷେପଣାସ୍ତ୍ର ହିଟ୍ କରିଥିବା ଡେଲି ମେଲ୍ ରିପୋର୍ଟ ପ୍ରକାଶ କରିଛି। ସେଠାରୁ ବିପୁଳ ମାତ୍ରାରେ ଧୂଆଁ ବାହାରୁଥିବା ଭିଡିଓରେ ଦେଖାଯାଇଛି। ଏଥିରେ ୩ ରୁଷୀୟ ସୈନ୍ୟ ଆହତ ହୋଇଥିବା ରୁଷିଆ ନ୍ୟୁଜ୍ ଏଜେନ୍ସି 'ଟାସ୍' ଖବର ପ୍ରସାରଣ କରିଛି। ତେବେ ଏହି ମିଶାଇଲ ଷ୍ଟ୍ରାଇକ୍ ବାବଦରେ ୟୁକ୍ରେନ୍ ପକ୍ଷରୁ ଅଫିସିଆଲ ଭାବେ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

## ପଳାୟନ କଲେଣି ୪୦ ଲକ୍ଷ ନାଗରିକ

କିଭ୍, ୩୦।୩

ରୁଷିଆ ଆକ୍ରମଣ ଯୋଗୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ୟୁକ୍ରେନ୍ ନାଗରିକ ଦେଶ ଛାଡ଼ିଥିବା ଜାତିସଂଘର ଶରଣାର୍ଥୀ ସଂସ୍ଥା ପକ୍ଷରୁ କୁହାଯାଇଛି। ଯୁଦ୍ଧ ପୂର୍ବରୁ ୟୁକ୍ରେନ୍ ଜନସଂଖ୍ୟାର ଏହା ପ୍ରାୟ ୧୦ ପ୍ରତିଶତ ଏବଂ ଜାତିସଂଘ କରିଥିବା ଆକଳନଠାରୁ ଏହି ସଂଖ୍ୟା ଯଥେଷ୍ଟ ଅଧିକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ୟୁରୋପରେ ଏହା ସବୁଠୁ ବଡ଼ ଶରଣାର୍ଥୀ ସଙ୍କଟ। ଏହାବାଦ୍ ପ୍ରାୟ ୬୫ ଲକ୍ଷ ଲୋକ ୟୁକ୍ରେନ୍ ମଧ୍ୟରେ ବିସ୍ଥାପିତ ହୋଇଥିବାବେଳେ ୧୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ସ୍ଥାନରେ ଫସିରହିଥିବା ଜାତିସଂଘ କହିଛି। ମୋଟ ଶରଣାର୍ଥୀଙ୍କ ମଧ୍ୟରୁ ପ୍ରାୟ ୨୩ ଲକ୍ଷ ସୀମାନ୍ତ ପୋଲାଣ୍ଡକୁ ପଳାୟନ କରିଥିବାବେଳେ ରୋମାନିଆରେ ୬ ଲକ୍ଷ ୯ ହଜାର, ମାଲଡୋଭାରେ ୩ ଲକ୍ଷ ୮୭ ହଜାର, ହଙ୍ଗେରୀରେ ୩ ଲକ୍ଷ ୬୫ ହଜାର ଏବଂ ସ୍ଲୋଭାକିଆରେ ୨ ଲକ୍ଷ ୮୧ ହଜାର ୟୁକ୍ରେନ୍ ନାଗରିକ ଶରଣ ନେଇଛନ୍ତି। ରୁଷିଆ ଆକ୍ରମଣରେ ୧୧୧୯ ସାଧାରଣ ଲୋକଙ୍କ ଜୀବନ ଯାଇଥିବା ଜାତିସଂଘ କହୁଥିଲେ ହେଁ ୟୁକ୍ରେନ୍ ଦାବି ଅନୁସାରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ନାଗରିକଙ୍କ ମୃତ୍ୟୁ ହୋଇଛି।

## ଆଜି ଆସିବେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ

ବେଜିଂ, ୩୦।୩

ୟୁକ୍ରେନ୍-ରୁଷିଆ ଯୁଦ୍ଧ ଭିତରେ ବିଶ୍ୱରେ ନୂଆ ୱାର୍ଲ୍ଡ ଅର୍ଡର (ବିଶ୍ୱର ଘଟଣାବଳୀକୁ ନିୟନ୍ତ୍ରଣ କରୁଥିବା ଏକ ବ୍ୟବସ୍ଥା ଯାହାକି ବୈଶ୍ୱିକ ସ୍ଥିରତା ପାଇଁ ପ୍ରତିଷ୍ଠିତ) ସୃଷ୍ଟି ହେଉଛି। ବୈଶ୍ୱିକ ଅସ୍ଥିରତା ମଧ୍ୟରେ ରୁଷିଆ ଓ ଚାଇନା ଏହି ଭିଜନ୍‌କୁ ଆଗକୁ ନେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ ପରଠାରୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ୍ ବୁଧବାର ଚାଇନାରେ ପହଞ୍ଚିଛନ୍ତି। ଆଫଗାନିସ୍ତାନ ପ୍ରସଙ୍ଗରେ ଚାଇନା ଆୟୋଜନ କରିଥିବା ଦୁଇଦିନିଆ ଅନ୍ତର୍ଜାତୀୟ ବୈଠକରେ ଲାଭ୍ରୋଭ୍‌ଙ୍କ ସମେତ ପାକିସ୍ତାନ, ଇରାନ, ତୁର୍କମେନିସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ ପ୍ରତିନିଧି ସାମିଲ ହୋଇଛନ୍ତି। ଏଥିରେ ତାଲିବାନ୍ ସରକାର ଅଧୀନରେ ଆଫଗାନିସ୍ତାନରେ ସ୍ଥିରତା ଓ ଆର୍ଥିକ ପ୍ରଗତି ଉପରେ ବେଜିଂ ଗୁରୁତ୍ୱ ଦେଇଛି।



### ଚାଇନା ପ୍ରତିପକ୍ଷଙ୍କୁ ଭେଟିଲେ ଲାଭ୍ରୋଭ୍

ଚାଇନା ଓ ରୁଷିଆ ଏକ ନିରପେକ୍ଷ ବିଶ୍ୱ ବ୍ୟବସ୍ଥା ଆଡ଼କୁ ଗତି କରୁଛନ୍ତି। ଅନ୍ତର୍ଜାତୀୟ ସମ୍ପର୍କ ଇତିହାସରେ ଦୁନିଆ ଆହ୍ୱାନପୂର୍ଣ୍ଣ ସ୍ଥିତି ଦେଇ ଗତି କରୁଛି। ଏହି ସମ୍ପର୍କ ପୁନଃନିର୍ମାଣ ଦିଗରେ ସହଯୋଗୀମାନଙ୍କ ସହ ବହୁମୁଖୀ, ନ୍ୟାୟସଙ୍ଗତ, ଗଣତାନ୍ତ୍ରିକ ବିଶ୍ୱ ବ୍ୟବସ୍ଥା ପାଇଁ କାମ କରିବୁ ବୋଲି ଲାଭ୍ରୋଭ୍ କହିଛନ୍ତି। ଚାଇନା ପରେ ଲାଭ୍ରୋଭ୍ ମାର୍ଚ୍ଚ ୩୧ ଓ ଏପ୍ରିଲ ୧ରେ ଦୁଇଦିନିଆ ଭାରତ ଗସ୍ତ କରିବେ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି।

## ନୂଆଦିଲ୍ଲୀ ଗସ୍ତରେ ଆମେରିକା ଡେପୁଟି ଏନ୍‌ଏସ୍‌ଏ

ନୂଆଦିଲ୍ଲୀ, ୩୦।୩

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅର୍ଥନୀତି ସମ୍ପର୍କିତ ଜାତୀୟ ସୁରକ୍ଷା ଉପପରାମର୍ଶଦାତା (ଡେପୁଟି ଏନ୍‌ଏସ୍‌ଏ) ଦଲୀପ ସିଂ ବୁଧବାର ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତକରି ଶୀର୍ଷ ନେତୃବୃନ୍ଦଙ୍କ ସହ ୟୁକ୍ରେନ୍ ଆକ୍ରମଣ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧି ମଧ୍ୟ ଆଲୋଚନାର ଏଜେଣ୍ଡାରେ ରହିଥିବା ହ୍ୱାଇଟ ହାଉସ୍ ପକ୍ଷରୁ କୁହାଯାଇଛି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ୍ ସମାନ ସମୟରେ ଚାଇନା ଗସ୍ତ ଶେଷ କରି ନୂଆଦିଲ୍ଲୀ ଆସୁଥିବାରୁ ଆମେରିକା ଡେପୁଟି ଏନ୍‌ଏସ୍‌ଏଙ୍କ ଗସ୍ତକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି। ଏପ୍ରିଲ ୧୧ରେ ନୂଆଦିଲ୍ଲୀ-ୱାଶିଂଟନ୍ ମଧ୍ୟରେ ୨+୨ ଆଲୋଚନା ହେବାକୁ ଥିବାବେଳେ ସେଥିରେ ୟୁକ୍ରେନ୍ ସମସ୍ୟା ମୁଖ୍ୟ ପ୍ରସଙ୍ଗ ହେବ ବୋଲି କୁହାଯାଉଛି।



## ଓଟିଟି, ୱେବ୍ ଚ୍ୟାନେଲ ପାଇଁ ରହୁ ସେନ୍‌ସରଶିପ୍

ନୂଆଦିଲ୍ଲୀ,୩୦।୩

ଓଟିଟି ପ୍ଲାଟଫର୍ମ ଏବଂ ୱେବ୍ ଚ୍ୟାନେଲଗୁଡ଼ିକରେ ଅଶ୍ଳୀଳ ଦୃଶ୍ୟ ଓ ଧର୍ମୀୟ ଉତ୍ତେଜନାପୂର୍ଣ୍ଣ ବିଷୟବସ୍ତୁର ପ୍ରସାରଣ କରାଯାଉଛି। ସେଗୁଡ଼ିକୁ କାଟଛାଣ୍ଟ କରିବା ଲାଗି କେନ୍ଦ୍ର ସରକାର ଆଇନ ଆଣନ୍ତୁ ବୋଲି ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ବୁଧବାର କହିଛନ୍ତି। ରାଜ୍ୟ ସଭାରେ ଶୂନ୍ୟକାଳ ଆଲୋଚନାରେ ଭାଗନେଇ ଆଚାର୍ଯ୍ୟ କହିଥିଲେ, ମହାମାରୀ ବେଳେ କଟକଣା ଯୋଗୁ ପାରମ୍ପରିକ ମନୋରଞ୍ଜନ ଉତ୍ସ ଗୁରୁତର ପ୍ରଭାବିତ ହୋଇଥିବାବେଳ ଓଟିଟି ପ୍ଲାଟଫର୍ମଗୁଡ଼ିକର ଦର୍ଶକ ସଂଖ୍ୟା ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି। ଏହାର ସୁଯୋଗ ନେଇ ୱେବ୍ ଚ୍ୟାନେଲଗୁଡ଼ିକ ଅଶ୍ଳୀଳ ଦୃଶ୍ୟ ଓ ଆପତ୍ତିଜନକ ଭାଷାର ବ୍ୟବହାର କରୁଛନ୍ତି। ଯୁବପିଢ଼ିଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ବିଭିନ୍ନ ୱେବଚ୍ୟାନେଲରେ ପ୍ରସାରିତ ଶୋ ଦେଶର ସାମ୍ପ୍ରଦାୟିକ ସଦ୍‌ଭାବନାକୁ ମଧ୍ୟ ଗମ୍ଭୀର ଭାବେ ପ୍ରଭାବିତ କରୁଛି ବୋଲି ଆଚାର୍ଯ୍ୟ କହିଥିଲେ। ସେନ୍‌ସରଶିପ୍ ବ୍ୟବସ୍ଥା ଥିଲେ ଏଭଳି ଶୋ' ପ୍ରସାରଣ ହୋଇପାରନ୍ତା ନାହିଁ। ଚଳଚ୍ଚିତ୍ର ପାଇଁ ସେନ୍‌ସର ବୋର୍ଡ ଥିବାବେଳେ ୱେବ୍ ଚ୍ୟାନେଲ ପାଇଁ ନାହିଁ। ସୃଜନଶୀଳତାର ସ୍ୱାଧୀନତା ଏବଂ ମତ ପ୍ରକାଶ କରିବା ଅଧିକାର ନାଁରେ ମହିଳାଙ୍କ ପ୍ରତି ଭ୍ରଷ୍ଟାଚାର ଓ ଧର୍ମୀୟ ଭାବନା ପ୍ରତି ଅସମ୍ମାନ କରିବାକୁ ପ୍ରୋତ୍ସାହିତ କରାଯାଇପାରିବ ନାହିଁ। ଟୁଇଟରରେ ଧର୍ମ ସମ୍ପ୍ରଦାୟ ଉପରେ ଆପତ୍ତିଜନକ ମନ୍ତବ୍ୟକୁ ନିକଟରେ ଦିଲ୍ଲୀ ହାଇକୋର୍ଟ ନିନ୍ଦା କରିଥିଲେ। ୱେବ୍ ଚ୍ୟାନେଲଗୁଡ଼ିକର ସେନ୍‌ସରଶିପ୍ ପାଇଁ ଆଇନ ଅଣାଯିବା ଆବଶ୍ୟକ ବୋଲି ବରିଷ୍ଠ ବିଜେଡି ଏମ୍‌ପି କହିଛନ୍ତି।

### ରାଜ୍ୟ ସଭାରେ ବିଜେଡିର ଦାବି



ରନ୍ଧନଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ବୁଧବାର ପଶ୍ଚିମବଙ୍ଗର ବାଲୁରୁଘାଟଠାରେ ଟିଏମ୍‌ସି କର୍ମୀମାନେ ବିକ୍ଷୋଭ କରୁଛନ୍ତି।

## ଶ୍ରୀଲଙ୍କାରେ ମିଳୁନି ଖାଦ୍ୟ, ଔଷଧ

### ଦୈନିକ ୧୦ ଘଣ୍ଟା ବିଦ୍ୟୁତ୍ କାଟ୍

କଲମ୍ବୋ,୩୦।୩

ଦ୍ୱୀପଦେଶ ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ କ୍ରମେ ଉତ୍କଟ ହେବାରେ ଲାଗିଛି। ଗାଡ଼ିରେ ତେଲ ପକାଇବା ପାଇଁ ଲୋକେ ଦିନ ସାରା ଧାଡ଼ିରେ ଛିଡ଼ାହୋଇ ମୂର୍ଚ୍ଛା ଯାଉଥିବାବେଳେ ରାତିରେ ବିଜୁଳି ରହୁ ନ ଥିବାରୁ ଅନ୍ଧାରରେ ରହିବାକୁ ପଡୁଛି। ଚଳିତ ମାସ ଆରମ୍ଭରୁ ଦିନକୁ ୭ ଘଣ୍ଟା ବିଦ୍ୟୁତ୍ କାଟ ହେଉଥିବାବେଳେ ବୁଧବାରଠାରୁ ଏହାକୁ ୧୦ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଫଳରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ବଢୁଛି। ଶ୍ରୀଲଙ୍କାରେ ବିଦେଶୀ ମୁଦ୍ରାର ଘୋର ଅଭାବ ଯୋଗୁ ସରକାର ତେଲ ସମେତ ଜୀବନ ରକ୍ଷାକାରୀ ଔଷଧ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ବିଦେଶରୁ ଆମଦାନି କରିପାରୁ ନାହାନ୍ତି। ଦେଶରେ ଔଷଧଠାରୁ ସିମେଣ୍ଟ ପର୍ଯ୍ୟନ୍ତ ଅଭାବ ଦେଖାଦେଇଛି। ଭୋର ସମୟରୁ ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଲାଇନ ଲାଗୁଛି। ଦରଦାମ୍ ବୃଦ୍ଧି ପାଇଁ ସରକାରଙ୍କ ପରିଚାଳନାଗତ ତ୍ରୁଟିକୁ ଲୋକେ ତୀବ୍ର ନିନ୍ଦା କରୁଛନ୍ତି।

ତେଲ ଅଭାବରୁ ଟ୍ରକ୍‌ଗୁଡ଼ିକ ବନ୍ଦରରୁ ଖାଦ୍ୟପଦାର୍ଥ ଓ ନିର୍ମାଣ ସାମଗ୍ରୀ ଅନ୍ୟ ସହରକୁ ପରିବହନ କରିପାରୁ ନାହାନ୍ତି। ସେହିପରି ପାର୍ବତ୍ୟାଞ୍ଚଳରୁ ଚା'ସଂଗ୍ରହ କରି ବନ୍ଦରକୁ ଅଣାଯାଇପାରୁ ନାହିଁ। ଶ୍ରମିକମାନଙ୍କୁ ନେବା ଆଣିବା କରୁଥିବା ବସ୍‌ଗୁଡ଼ିକ ଅଟକି ରହିଛି। କେତେକ ହସ୍ପିଟାଲ ନିୟମିତ ଅସ୍ତ୍ରୋପଚାର ବନ୍ଦ କରିଦେଇଥିବାବେଳେ କାଗଜ ଅଭାବରୁ ଚଳିତ ମାସରେ ହେବାକୁ ଥିବା ପିଲାଙ୍କ ପରୀକ୍ଷା ବନ୍ଦ ରହିଛି। ପୂର୍ବରୁ କେବେ ଏଭଳି ସ୍ଥିତି ଦେଖାଦେଇ ନ ଥିଲା ବୋଲି କଲମ୍ବୋରେ ୬୦ ବର୍ଷ ହେଲା ରହୁଥିବା ଜଣେ ଘରୋଇ କର୍ମଚାରୀ କହିଛନ୍ତି।



କିରୋସିନି ପାଇଁ କଲମ୍ବୋରେ ଲମ୍ବା ଲାଇନ।

## ୩ ମାସର ଝିଅକୁ ୭ ଥର ବିକ୍ରି

ଅମରାବତୀ,୩୦।୩

ଆନ୍ଧ୍ରପ୍ରଦେଶ ବିଜୟୱାଡାରେ ଜଣେ ତିନିମାସର ଶିଶୁକନ୍ୟାକୁ ୨ ମାସରେ ୭ ଥର ବିକ୍ରି କରାଯାଇଛି। ପୋଲିସ ୧୧ ଜଣଙ୍କୁ ଗିରଫ କରିଛି। କନ୍ୟା ସନ୍ତାନର ବାପା ମନୋଜ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ କହିଛି। ଲଗାତର ୩ କନ୍ୟା ଜନ୍ମ ହେବାରୁ ମନୋଜ କନିଷ୍ଠ ଝିଅଙ୍କୁ ବିକ୍ରି କରିଥିଲେ। ମନୋଜଙ୍କ ସ୍ତ୍ରୀ ଓ ତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ସତ ପଦାକୁ ଆସିଥିଲା। ଏହି ସମ୍ବେଦନଶୀଳ ଘଟଣା ନେଇ ଆନ୍ଧ୍ର ପୋଲିସ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ୍ ଘଟଣାର ଯାଞ୍ଚ ଆରମ୍ଭ କରିଥିଲା। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବାବେଳେ ଶିଶୁ କନ୍ୟାକୁ ୭ ଥର ବିକ୍ରି କରାଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ମନୋଜ ସ୍ଥାନୀୟ ମହିଳା ମିକିଲି ନାଗାଲକ୍ଷ୍ମୀଙ୍କ ସହାୟତାରେ କୋଣ୍ଡାପ୍ରୋଲୁ ଗ୍ରାମର ମେଘାୱାନ୍ତ ଗାୟତ୍ରୀଙ୍କୁ ପ୍ରଥମେ ୭୦ ହଜାର ଟଙ୍କାରେ ବିକ୍ରି କରିଥିଲେ। ପରେ ଗାୟତ୍ରୀ ୧ ଲକ୍ଷ ୨୦ ହଜାର ଟଙ୍କାରେ କନ୍ୟାଟିକୁ ଦିକ୍‌ସୁଖ ନଗରର ଭୁକ୍ୟା ଭାରତିରାଜୁଙ୍କୁ ବିକ୍ରି କରିଥିଲେ। ପରେ ୧ଲକ୍ଷ ୮୭ ହଜାର ଟଙ୍କାରେ ଭୁକ୍ୟା ନୂର ଜାହାନଙ୍କୁ କନ୍ୟାଟିକୁ ବିକ୍ରି କରିଥିଲେ। ୧ଲକ୍ଷ ୯୦ ହଜାର ଟଙ୍କାରେ ନୂର ଜାହାନ ବୋମାଡା ଉମାଦେବୀଙ୍କୁ ଓ ଉମାଦେବୀ ୨ ଲକ୍ଷ ୨୨ ହଜାରରେ ବିଜୟାଲକ୍ଷ୍ମୀ ଗୋଲାପୁଡିର ଗରିକାମୁକୁଙ୍କୁ ଶିଶୁକନ୍ୟାକୁ ବିକ୍ରି କରିଥିଲେ। ପରିଶେଷରେ ଗରିକାମୁକୁଙ୍କଠାରୁ ୨ଲକ୍ଷ ୫୦ ହଜାର ଟଙ୍କାରେ ଇଲୁରୁର ଭରେ ରମେଶ କନ୍ୟା ସନ୍ତାନଟିକୁ କିଣିଥିଲେ। ପୋଲିସ ଶିଶୁକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଏପ୍ରିଲ ୧୦ରୁ ଶ୍ରୀରାମ ନବମୀ ଯାତ୍ରା

ଓଡ଼ଗାଁ,୩୦।୩(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ପବିତ୍ର ଶ୍ରୀରାମ ନବମୀ ଯାତ୍ରା ଏପ୍ରିଲ ୧୦ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି। କରୋନା କଟକଣା ଯୋଗୁ ଗତ ଦୁଇ ବର୍ଷ ହେବ ଏହି କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ବୁଧବାର ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଲମ୍ବଜିତ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଣ୍ଡାୟତ, ମେଡିକାଲ ଅଫିସର ଡା. ବଳରାମ ପ୍ରଧାନ, ତହସିଲଦାର ବିଜୟିତା ସାମନ୍ତସିଂହାର, କଲେଜ ଅଧକ୍ଷ ଓମାର ମଲିକ, ଶାନ୍ତି କମିଟି ସଦସ୍ୟ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପୂଜକ ପରିଷଦ ସଭାପତି ପ୍ରଫୁଲ କୁମାର ମହାପାତ୍ର, ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ, ରାବଣ ପୋଡ଼ି କମିଟିର କୃଷ୍ଣଚନ୍ଦ୍ର ବରାଡ ପ୍ରମୁଖ ଯୋଗଦେଇ ଏହି ଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହିତ ଶେଷ ହେବ ସେ ସଂକ୍ରାନ୍ତରେ ଅଲୋଚନା କରିଥିଲେ। ଯାତ୍ରା ସମୟରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ସହିତ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଆରକ୍ଷୀ ନିରୀକ୍ଷକଙ୍କୁ ପରାମର୍ଶ ଦିଆଯାଇଥିଲା। ଏହା ସହିତ ମନ୍ଦିର ଉନ୍ନୟନ ଓ ପରିଚାଳନା ନିମନ୍ତେ ଏକ ସ୍ଥାୟୀ କମିଟି ଗଠନ କରିବାକୁ ମତପ୍ରକାଶ ପାଇଥିଲା। ଶ୍ରୀଜୀଉଙ୍କୁ ବହୁ କୋଟି ଟଙ୍କାର ଜମି ଲୋକଙ୍କ ଦଖଲରେ ରହିଛି। ସେହି ଜମିକୁ ଶ୍ରୀଜୀଉଙ୍କ ଖାତାରେ ସ୍ଥାୟୀ ଜମା କରିବାକୁ ଦାବି ହୋଇଥିଲା।

### ୨ କୁଇଣ୍ଟାଲ ଗଞ୍ଜେଇ ଜବତ

ଫୁଲବାଣୀ ଅଫିସ, ୩୦।୩: ଫୁଲବାଣୀ ସଦର ଥାନା ପୋଲିସ ଦୁଡକି ପଞ୍ଚାୟତ ଡବେରି ଗ୍ରାମ ନିକଟରେ ଚଢାଉ କରି ବ୍ୟାପକ ପରିମାଣର ଗଞ୍ଜେଇ ଜବତ କରିଛି। ମୋଟ ୧୦ଟି ବସ୍ତାରୁ ୨ କୁଇଣ୍ଟାଲ ୧ କେଜି ୬ ଗ୍ରାମ ଗଞ୍ଜେଇ ମିଳିଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରି ପାରିନାହିଁ।

# ଜଳସେଚନ ବ୍ୟବସ୍ଥା ପ୍ରତି ଅଣଦେଖା

ନୟାଗଡ଼ ଅଫିସ,୩୦।୩

**ନୟାଗଡ଼ ଜିଲା**
- କେବଳ ବର୍ଷାଜଳ ଭରସା
- ମହାନଦୀର ଜଳ କାମରେ ଲାଗୁନି
- ବିପକ୍ଷବାଦୀ, ସପକ୍ଷବାଦୀଙ୍କ ଆନ୍ଦୋଳନରେ ବୃତ୍ତଙ୍ଗର ଭାଗ୍ୟ

କୃଷିପ୍ରଧାନ ଜିଲା ନୟାଗଡ଼ରେ ଜଳସେଚନର ସୁବିଧା ନାହିଁ। ନଦୀନାଳ ଘେରା ଏହି ଜିଲାରେ ଜଳସେଚନର ସୁବିଧା କରାଯାଇ ନ ଥିବାରୁ ବର୍ଷାଜଳ ହିଁ ଚାଷ ପାଇଁ ଭରସା ସାଜିଛି। ଜିଲାରେ ମହାନଦୀ, ବୃତ୍ତଙ୍ଗ ପରି ନଦୀ ପ୍ରବାହିତ ହୋଇଥିଲେ ହେଁ ୨୫ ପ୍ରତିଶତ ଜମି ଜଳସେଚିତ ହୋଇପାରୁ ନାହିଁ। ଏଣୁ ଚାଷୀମାନେ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ଅନୁମତି ଓ ଏଥିନେଇ ଲାଗି ରହିଥିବା ଆଶଙ୍କା ଦୂର ହେବା ପରେ ମଧ୍ୟ ୧୦ ବର୍ଷ ହେଲା ବୃତ୍ତଙ୍ଗ ଜଳଯୋଜନା ଅଟକି ରହଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ବ୍ଲକ ଟାକରାଠାରୁ ୧୦ କି.ମି. ଦୂର ଦୁର୍ଗମ ପାର୍ବତ୍ୟାଞ୍ଚଳରେ ରହିଛି ମଞ୍ଜରୀ ଅଞ୍ଚଳ। ସେଠାରେ ମାଇ ପାହାଡ଼ ଓ ଡାବଲଦେଇ ପାହାଡ଼ ମଧ୍ୟରେ ବନ୍ଧ ପକାଯାଇ ମହାନଦୀର ଅନ୍ୟତମ ଶାଖା ନଦୀ ବୃତ୍ତଙ୍ଗରେ ଏକ ଜଳଯୋଜନା କରିବା ପାଇଁ ୩୮ ବର୍ଷ ହେବ ଦାବି ହୋଇ ଆସୁଥିଲା। ୧୯୭୮ରେ ଦଶପଲ୍ଲାଠାରେ ବୃତ୍ତଙ୍ଗ ଜଳଯୋଜନାର ସର୍ଭେ କାର୍ଯ୍ୟ ସମ୍ପାଦନା ଲାଗି କାର୍ଯ୍ୟାଳୟ ଖୋଲା ଯାଇଥିଲା। ସେହି ସର୍ବେକ୍ଷଣ ଅନୁଯାୟୀ ପ୍ରସ୍ତୁତ ରିପୋର୍ଟରେ ନୟାଗଡ଼ ଜିଲାର ସମସ୍ତ ଅଞ୍ଚଳ ସହ ପ୍ରତିବେଶୀ ଜିଲା ଖୋର୍ଦ୍ଧାର ବୋଲଗଡ଼, ବେଗୁନିଆ, ଜଙ୍କିଆ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସମନ୍ୱିତ ବୃତ୍ତଙ୍ଗ ଜଳଯୋଜନାର ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। କିଛିଦିନର ନୀରବତା ପରେ ୧୯୯୦ରେ ଏଥିପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଉଭୟ ପୁରୀ ଓ କଟକ ଜଳସମ୍ପଦ ବିଭାଗ ପକ୍ଷରୁ ପୁନଃ ସର୍ଭେ କାର୍ଯ୍ୟ ତଦାରଖ କରାଯାଇଥିଲା। ଦଶପଲ୍ଲାଠାରେ ଦ୍ୱିତୀୟ ଥର ପାଇଁ ଯେଉଁ ସର୍ଭେ କାର୍ଯ୍ୟାଳୟ ଖୋଲାଯାଇଥିଲା ତାହା ୪ ବର୍ଷ ପରେ ଉଠିଯାଇଥିଲା। ପରିମାର୍ଜିତ ସର୍ଭେ ଅନୁଯାୟୀ ବୃତ୍ତଙ୍ଗ ମଧ୍ୟମ ଜଳଯୋଜନା ଦ୍ୱାରା ନୟାଗଡ଼ ଜିଲାର ୫ ବ୍ଲକ ଅଞ୍ଚଳର ୨୩ହଜାର ୩୦୦ ହେକ୍ଟର ପରିମିତ ଚାଷଜମିରେ ଜଳସେଚନ ଉପଲବ୍ଧ କରାଯିବା ଲାଗି ଆକଳନ କରାଯାଇଥିଲା। ରାଜ୍ୟରେ ବିଜେଡି ସରକାର କ୍ଷମତାକୁ ଆସିବା ପରେ ଉଭୟ ରାଜନୈତିକ ଓ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଫଳସ୍ୱରୂପ ପ୍ରବଳ ଦାବି ଯୋଗୁ ଏହି ଯୋଜନାକୁ ୨୦୦୦ ଡିସେମ୍ବର ୧୮ରେ ଏନଡିଏ ସରକାରଙ୍କ ଶାସନ କାଳରେ କେନ୍ଦ୍ରୀୟ ଜଳ କମିଶନର ବୈଷୟିକ-ଆର୍ଥିକ ସମୀକ୍ଷା କମିଟି ମଞ୍ଜୁରୀ ଦେଇଥିଲା। ୨୦୦୪ ଅଗଷ୍ଟ ୧୭ରେ କେନ୍ଦ୍ରୀୟ ଜଙ୍ଗଲ ଓ ପର୍ଯ୍ୟାବରଣ ମନ୍ତ୍ରଣାଳୟ ପକ୍ଷରୁ ବାଘ, ହାତୀ ପ୍ରକଳ୍ପ ଆଳରେ ଉକ୍ତ ପ୍ରକଳ୍ପର ପ୍ରସ୍ତାବକୁ ଖାରଜ କରିଦିଆ ଯାଇଥିଲା। ୭ ବାଘ ଓ ୨୫ ହାତୀଙ୍କ ଚଳାଚଳ ବ୍ୟାଘାତ ଆଶଙ୍କା ଦର୍ଶାଯାଇ ଜନଗଣଙ୍କ ଆଶା ଆକାଂକ୍ଷାକୁ ଧୂଳିସାତ କରିବାର ଅପଚେଷ୍ଟାକୁ ପ୍ରତିହିତ କରିବା ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସ୍ତକ୍ଷେପ କରିଥିଲେ। ଏହିପରି ବିଭିନ୍ନ ବିଭାଗ ପକ୍ଷରୁ କ୍ଲିୟରାନ୍ସ ହୋଇଥିଲେ ମଧ୍ୟ ଏହି ଜଳଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିଲା। ପରେ ରାଜ୍ୟ ସରକାର ୨୦୦୫ ମାର୍ଚ୍ଚ ୧୮ରେ ଏନେଇ ଏକ ପ୍ରସ୍ତାବ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ଜଙ୍ଗଲ ଅନୁମତି ପ୍ରଦାନ ପାଇଁ ପଠାଇଥିଲେ। ଏଥିରେ ୧୫୨୪.୧୭ ହେକ୍ଟର ଜଙ୍ଗଲ ଜମିକୁ ବ୍ୟବହାର କରିବା ପାଇଁ ଅନୁମତି ଲୋଡ଼ା ଯାଇଥିଲା। ୨୦୧୦ ଅଗଷ୍ଟ ଶେଷ ସପ୍ତାହରେ ବୃତ୍ତଙ୍ଗ ଜଳଯୋଜନାକୁ ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ଅନୁମତି ମିଳିଥିଲା। ଅନୁମତି ମିଳିବା ପରେ ଜିଲାରେ ଆନନ୍ଦର ଲହରି ଖେଳିଯାଇଥିଲା। ହେଲେ ସେ ସମୟରେ ବୁଡ଼ି ଅଞ୍ଚଳର ଲୋକମାନେ ବୃତ୍ତଙ୍ଗକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ବୃତ୍ତଙ୍ଗ ବିରୋଧୀ ଆନ୍ଦୋଳନ ଥମିଥିବାବେଳେ କିଛି ମାସ ହେଲା ସପକ୍ଷବାଦୀଙ୍କ ଆନ୍ଦୋଳନ ଚାଲିଥିଲା। ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସପକ୍ଷ କି ବିପକ୍ଷବାଦୀଙ୍କ ଆନ୍ଦୋଳନ ଆଉ ନାହିଁ। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲାବାସୀଙ୍କ ପାଇଁ ମହାନଦୀରୁ ଜଳସେଚନ ବ୍ୟବସ୍ଥା ସ୍ୱପ୍ନ ହୋଇ ରହିଯାଇଛି।

## ସରପଞ୍ଚଙ୍କ ପଦବୀ ରଦ୍ଦ ପାଇଁ କୋର୍ଟରେ ମାମଲା

ନୟାଗଡ଼ ଅଫିସ,୩୦।୩

୨୦୨୨ ପଞ୍ଚାୟତ ନିର୍ବାଚନରେ ନୟାଗଡ଼ ବ୍ଲକ ନବଘନପୁର ସରପଞ୍ଚ ପ୍ରାର୍ଥୀ କବିରାଜ ସାହୁ ନାମାଙ୍କନ ପତ୍ର ସହିତ ପ୍ରଦାନ କରିଥିବା ସତ୍ୟପାଠରେ ମିଥ୍ୟା ତଥ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପରାଜିତ ପ୍ରାର୍ଥୀ ଚିତ୍ତରଞ୍ଜନ ଭଞ୍ଜ ସରପଞ୍ଚ ପଦବୀ ରଦ୍ଦ ପାଇଁ ନୟାଗଡ଼ ସିଭିଲ କୋର୍ଟରେ ଏକ ମାମଲା ଦାଏର କରିଛନ୍ତି। କୋର୍ଟ ପକ୍ଷରୁ ଜି.ଆର.କେସ(ନଂ.୩୭୪/୨୦୨୦) ସରପଞ୍ଚ ସାହୁଙ୍କ ବିରୋଧରେ ନୟାଗଡ଼ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ସରପଞ୍ଚ ସାହୁଙ୍କ ନାମରେ ପୂର୍ବରୁ ଧାରା ୫୨(କ) ଓଡ଼ିଶା ଏକ୍ସାଇଜ୍ ଆକ୍ଟରେ ଏକ ମାମଲା ଏବଂ ଏମ୍‌ଭି ଆକ୍ଟର ଧାରା ୧୮୧ ଅଧିନିୟମରେ ଆଉ ଏକ ମାମଲା ରହିଛି। କିନ୍ତୁ ସରପଞ୍ଚ ପ୍ରାର୍ଥୀ ହେବା ପାଇଁ ସେ ଦାଖଲ କରିଥିବା ସତ୍ୟପାଠ ସ୍ତମ୍ଭ ୧(ସି) ରେ 'ନା' ଉଲ୍ଲେଖ କରିଛନ୍ତି। ଏଣୁ ସରପଞ୍ଚ ସାହୁଙ୍କ ପଦବୀ ରଦ୍ଦ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଭଞ୍ଜ ଅନୁରୋଧ କରିଛନ୍ତି।

## ପ୍ରଥମ ସ୍ଥାନ ଅଧିକାର କଲା କଣ୍ଟିଲୋ ମେଡିକାଲ

ଖଣ୍ଡପଡ଼ା,୩୦।୩(ସ୍ୱ.ପ୍ର.)


କଣ୍ଟିଲୋ ମେଡ଼ିକାଲର ଡାକ୍ତର ଓ କର୍ମଚାରୀମାନେ ଖୁସି ମନାଉଛନ୍ତି।

**କାୟାକଳ୍ପ ଯୋଜନାରେ ୨ ଲକ୍ଷ ଟଙ୍କା ମିଳିଲା**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ଥିବା କଣ୍ଟିଲୋ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ଯୋଜନାରେ ପ୍ରଥମସ୍ଥାନ ଅଧିକାର କରିଛି। ଫଳରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ ୨ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ନୟାଗଡ଼ ଜିଲାର କଣ୍ଟିଲୋ, ଦର୍ପନାରାୟଣପୁର,ପଦ୍ମାବତୀ,ଡିମିସର,ନୂଆଗାଁ, ବାଘୁଆପଲ୍ଲୀ, ତିରିଆ,ମୟୂରଝାଲିଆ,କୋମଣ୍ଡ,ରୟତଡାଲମରା,ବିରିଡି,ଜଗନ୍ନାଥପ୍ରସାଦ,କୁଜାମେଣ୍ଡି, ଗୋଡିପଡା,ଚଢେୟାପଲ୍ଲୀ ଆଦି ୧୬ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିବା ବେଳେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରିଛି। ଅପରପକ୍ଷେ ଅନ୍ୟ ୧୫ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ହଜାର ଟଙ୍କା ଲେଖାଏ ମିଳିଛି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୧୮ରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଏଡି ପିଏଚଓ ଡା ଏଲ.ଏନ.ଲାର୍କା ଓ ଏଏଚ୍ ମ୍ୟାନେଜର ସନତକୁମାର ମହାପାତ୍ର କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ଅନୁକୂଳ ମତ ଦେବା ସହ ଉପସ୍ଥିତି ଡାକ୍ତର, ଫାର୍ମାସିଷ୍ଟ ଓ କର୍ମଚାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କାୟାକଳ୍ପ ପୁରସ୍କାର ଗ୍ରହଣ କରେ ସ୍ୱାସ୍ଥ୍ୟ ଅଧିକାରୀ ଡା. ଏଲୋରା ଦାସ,ଫାର୍ମାସିଷ୍ଟ ମାନସ ରଞ୍ଜନ ସାହୁଙ୍କ ସମେତ କର୍ମଚାରୀ ଓ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ଏନ୍‌ଏସି ଅଧ୍ୟକ୍ଷା

ଦଶପଲ୍ଲା/ଖଣ୍ଡପଡ଼ା,୩୦।୩ (ଡି.ଏନ୍.ଏ./ସ୍ୱ.ପ୍ର.)

ବୁଧବାର ଦଶପଲ୍ଲା ଏନଏସିର ଅଧ୍ୟକ୍ଷା ରୂପେ ପୁନମ୍ ପ୍ରିୟଦର୍ଶନୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ନୂତନ ଅଧ୍ୟକ୍ଷାଙ୍କୁ ଏନ୍‌ଏସି କର୍ମଚାରୀମାନେ ଫୁଲତୋଳା ଦେଇ ସ୍ୱାଗତ କରିଥିଲେ। ସେହିପରି ଖଣ୍ଡପଡ଼ା ଏନଏସିର ଅଧକ୍ଷା ଭାବେ ଆରତୀ ପ୍ରଧାନ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନବନିର୍ବାଚିତ ଅଧକ୍ଷାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏନ୍‌ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାରା ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଖଳିସାହିରେ ଦଶଦୋଳ ମହୋତ୍ସବ



ଦଶଦୋଳ ଅବସରରେ କଳାକାରମାନଙ୍କୁ ପୁରସ୍କୃତ କରାଯାଉଛି।

ଖଣ୍ଡପଡ଼ା,୩୦।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ଦଶଦୋଳ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମହୋତ୍ସବ କମିଟିର ସଭାପତି ସୁଦର୍ଶନ ସାହୁ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ମୁଖ୍ୟଅତିଥି ରୁପେ ଯୋଗଦେଇଥିଲେ। ଖଳିସାହିଠାରେ ଦୀର୍ଘବର୍ଷ ଧରି ଆୟୋଜିତ ହେଉଥିବା ଦଶଦୋଳ ମେଳଣ ପର୍ବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଚଳିତବର୍ଷଠାରୁ ଦଶଦୋଳ ମହୋତ୍ସବର ଆୟୋଜନ କରାଯାଇଥିବା ନେଇ ମହୋତ୍ସବ କମିଟିର ସମ୍ପାଦକ ଶରତ କୁମାର ସାହୁ ସୂଚନା ପ୍ରଦାନ କରିଥିଲେ। ଯୁବ ସଙ୍ଗଠକ ଅଶୋକ କୁମାର ଗଣ୍ଡିଆ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏ ଅବସରରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ନାଟକ,ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହ ଖୋର୍ଦ୍ଧାର କଳାକାରମାନଙ୍କ ଦ୍ୱାରା ପାଇକ ଆଖଡା ନୃତ୍ୟ ପରିବେଷଣ କରାଯାଇଥିଲା।

## ଜଙ୍ଗଲ ନିଆଁ ରୋକିବାକୁ ସଚେତନତା ଶୋଭାଯାତ୍ରା


ଖଣ୍ଡପଡ଼ାରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଖଣ୍ଡପଡ଼ା,୩୦।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ନିବାରଣ ନେଇ ଏକ ସଚେତନତା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ ଓ ବନପାଳ ଶ୍ରୀନିବାସ ଦାସଙ୍କ ନେତୃତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ୧୫ ବନସୁରକ୍ଷା ସମିତିର ସଦସ୍ୟ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟମାନେ ସହଯୋଗ କରିଥିଲେ। ଜଙ୍ଗଲରେ ନିଆଁ ନ ଲଗାଇବା, ଜଙ୍ଗଲ ସମ୍ପଦର ସୁରକ୍ଷା ପ୍ରତି ସମସ୍ତେ ଯତ୍ନବାନ ହେବା, ସଂରକ୍ଷିତ ଜଙ୍ଗଲରେ କେଉଁଠି ନିଆଁ ଲଗାଇଥିଲେ ତୁରନ୍ତ ବନବିଭାଗ କର୍ମଚାରୀଙ୍କୁ ଖବର ଦେବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ଓଡ଼ଗାଁ କୋର୍ଟ ପରିସରରେ ଖୋଲିଲା ସେସନ୍ସ ସର୍କିଟ କୋର୍ଟ

ଓଡ଼ଗାଁ,୩୦।୩(ସ୍ୱ.ପ୍ର.)

ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବାକୁ ବୁଧବାର ନୟାଗଡ଼ ଜିଲା ଓଡ଼ଗାଁ କୋର୍ଟ ପରିସରରେ ଖୋଲିଛି ସେସନ୍ସ ସର୍କିଟ କୋର୍ଟ। ଭରଚୁଆଲ ମୋଡରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଜଷ୍ଟିସ୍ ଏସ୍ ମୁରଲୀଧର ଏହି କୋର୍ଟକୁ ଉଦ୍‌ଘାଟନ କରିଛନ୍ତି। ହାଇକୋର୍ଟରୁ ରିଲେ ହେଉଥିବା କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଚାରପତି ଡ. ବି.ଆର. ଷଡ଼ଙ୍ଗୀ, ଜିଲା ପ୍ରଶାସନିକ ବିଚାରପତି ବିଶ୍ୱଜିତ ମହାନ୍ତି, ବିଚାରପତି ଆର.କେ. ପଟ୍ଟନାୟକ, ବିଚାରପତି ଏସ୍. ପୂଜାହାରୀଙ୍କ ସମେତ ଅନ୍ୟ ବିଚାରପତିମାନେ ମଞ୍ଚାସୀନ ଥିଲେ। ସମାନ୍ତରାଳ ଭାବେ ସ୍ଥାନୀୟ କୋର୍ଟ ପରିସରରେ ଜିଲା ଦୌରାଜଜ୍ ରୁପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲା ଦୌରାଜଜ୍ ମିଲି ସେନାପତି, ଗ୍ରାମ୍ୟ ନ୍ୟାୟାଧିକାରୀ ସୁଧାବାଇ ଅଗ୍ରୱାଲ, ସହକାରୀ ଦୌରାଜଜ୍ ଶିବାଶିଷ ଗିରି, ଦେୱାନୀ କନିଷ୍ଠ ଜଜ୍ ସୃଜନ ସାରସ୍ୱତ, ଜିଲା ରେଜଷ୍ଟ୍ରାର ଚିତ୍ତରଞ୍ଜନ ମିଶ୍ର, ବାର ଆସୋସିଏଶନ ସଭାପତି ଇନ୍ଦୁଭୂଷଣ ମିଶ୍ର, ନୟାଗଡ଼ ବାର ଆସୋସିଏଶନ ସମ୍ପାଦକ ସ୍ୱଦେଶ ମିଶ୍ରଙ୍କ ସମେତ ସ୍ଥାନୀୟ ବାରର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

# ମୁଗ ବିହନ ବଣ୍ଟନରେ ଅନିୟମିତତା

ନୂଆଗାଁ,୩୦।୩ (ଡି.ଏନ.ଏ.)




- ତଥ୍ୟ ଦେବାକୁ ଅମଙ୍ଗ କୃଷି ଅଧିକାରୀ
- ତଦନ୍ତ ହେବ କହିଲେ ଜିଲା ଅଧିକାରୀ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍‌ରେ ମୁଗ ବିହନ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିଶେଷ କରି କୃଷିମନ୍ତ୍ରୀଙ୍କ ଜିଲା, କୃଷି ଅଧିକାରୀଙ୍କ ବ୍ଲକରେ ଏପରି ଅନିୟମିତତା ଚିନ୍ତାର କାରଣ ହୋଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ କୃଷି ଅଧିକାରୀଙ୍କୁ ପ୍ରଶ୍ନ କଲେ ମଧ୍ୟ ସେ କୌଣସି ତଥ୍ୟ ଦେଇପାରି ନାହାନ୍ତି। ଏହି ପରିପ୍ରେକ୍ଷୀରେ ମୁଗ ବିହନ ପାଇବାରୁ ବଞ୍ଚିତ ହୋଇଥିବା ପ୍ରକୃତ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

କୃଷିର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ସେଥିପାଇଁ ସରକାର କୃଷକମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। କୃଷି ବିଭାଗ ସେହି ଯୋଜନାକୁ କୃଷକମାନଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରୁଛି। କିନ୍ତୁ କେତେଜଣ ଅସାଧୁ ବିଭାଗୀୟ କର୍ମଚାରୀ ଦଲାଲମାନଙ୍କୁ ହାତ କରି ଉପରୋକ୍ତ ଯୋଜନା ହଡପ କରିବାରେ ଲାଗି ପଡିଛନ୍ତି ବୋଲି ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କୃଷକମାନେ ଅଧିକ ଲାଭବାନ ହେବା ଲକ୍ଷ୍ୟ ରଖି ସରକାର ରବି ଫସଲ ମୁଗ, ବିରି ଚାଷ ପାଇଁ ଉନ୍ନତମାନର ବିହନ ଯୋଗାଇ ଦେଉଛନ୍ତି। ଚଳିତ ବର୍ଷ ନୂଆଗାଁ ବ୍ଲକକୁ ଜାନୁୟାରୀ ୧୫ରେ ୮୧୫ ମୁଗ ବିହନ ପ୍ୟାକେଟ୍ ଆସିଥିଲା। ପ୍ରତି ପ୍ୟାକେଟ୍‌ରେ ୪ କେଜି ଅର୍ଥାତ୍ ମୋଟ୍ ୩୨ କୁଇଣ୍ଟାଲ ୬୦ କେଜି ମୁଗ ବିହନ ଥିଲା। ଏ କଥାକୁ ନୂଆଗାଁ ବ୍ଲକ କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ ମଧ୍ୟ ସ୍ୱୀକାର କରିଛନ୍ତି। କିନ୍ତୁ କେଉଁ ଗ୍ରାମରେ ସେହି ବିହନ ବଣ୍ଟନ କରାଗଲା, କେତେଜଣ ଚାଷୀ ସେଥିରେ ଉପକୃତ ହେଲେ ତାହା ସେ ଜାଣି ନ ଥିବା କହିଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ଲକକୁ ଆସିଥିବା ମୁଗ ବିହନ ପ୍ରକୃତ ଚାଷୀଙ୍କୁ ବଣ୍ଟନ କରାଯାଇନାହିଁ। ଦଲାଲମାନଙ୍କ ଦ୍ୱାରା ସେହି ବିହନ ବଣ୍ଟନ କରାଯାଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଚାଷୀମାନେ କହିଛନ୍ତି। ପ୍ରକୃତ ଚାଷୀମାନେ ସେହି ବିହନ ପାଇ ନ ଥିବା ବହୁ ଚାଷୀ କହିଛନ୍ତି। ଅଭିଯୋଗର ସତ୍ୟତା ଜାଣିବା ପାଇଁ ବ୍ଲକ କୃଷି ଅଧିକାରୀଙ୍କୁ ମୌଖିକ ଭାବେ ତଥ୍ୟ ମଗାଯାଇଥିଲା। ହେଲେ ବିହନ ବଣ୍ଟନର ସମ୍ପୂର୍ଣ୍ଣ ତଥ୍ୟ ଆସି ନ ଥିବା କହି ସେ ଏହି ପ୍ରଶ୍ନକୁ ଏଡାଇ ଯାଇଥିଲେ। ପରବର୍ତ୍ତୀ ସମୟରେ ସୂଚନା ଅଧିକାର ଆଇନ ବଳରେ ଜିଲା କୃଷି ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ ମଧ୍ୟ ସେ ତଥ୍ୟ ଦେବାକୁ ଅମଙ୍ଗ ହୋଇଥିଲେ। ଏ ବାବଦରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଏପରି ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।



